ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୭୭
୪ ଡିସେମ୍ବର, ୨୦୨୫ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 177
4th December, 2025 Thursday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

ଅସମ୍ଭବଂ ହେମମୃଗସ୍ୟ ଜନ୍ମ
ତଥାପି ରାମୋ ଲୁଲୁଭେ ମୃଗାୟ
ପ୍ରାୟଃ ସମାପନ୍ନବିପତ୍ତିକାଳେ
ଧିୟୋପି ପୁଂସାଂ ମଳିନା ଭବନ୍ତି

ସୁନାର ହରିଣ ଜନ୍ମିବା ଅସମ୍ଭବ । ତଥାପି ଭଗବାନ୍ ରାମଚନ୍ଦ୍ର ସୁନାର ହରିଣ ପାଇଁ ଲୋଭ ପରବଶ ହୋଇଥିଲେ । ବିପଦ କାଳ ଉପସ୍ଥିତ ହେଲେ ଜ୍ଞାନୀ ଲୋକେ ମଧ୍ୟ କର୍ତ୍ତବ୍ୟା କର୍ତ୍ତବ୍ୟ ବିଚାରଶୂନ୍ୟ ହୋଇପଡ଼ନ୍ତି ।

ଅମ୍ବିକା ପ୍ରସାଦ ଦାସଙ୍କ
## 'ସତ କହିବାକୁ କିଆଁ ଡରିବି' ସ୍ତମ୍ଭରେ
## ସବୁରେ ତୋ' ହାତ, ଗୋପନେ ନିହିତ

ଗୁଳିବିନିମୟ: ୧୨ ମାଓବାଦୀ ମୃତ
# ୩ ଯବାନ ଶହୀଦ

ମାଲକାନଗିରି,୩।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ମାଓବାଦୀମାନେ ସୁଧୁରୁ ନାହାନ୍ତି । ବିଗତ ଏକ ମାସ ମଧ୍ୟରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣ କରସିରିଛନ୍ତି । ଆହୁରି ଶତାଧିକ ମାଓବାଦୀମାନେ ଆତ୍ମସମର୍ପଣ କରିବାକୁ ଯାଉଛନ୍ତି ବୋଲି ମାଓନେତାମାନେ ମଧ୍ୟ ଚର୍ଚ୍ଚା କରୁଛନ୍ତି । ତେବେ ଏହାରି ମଧ୍ୟରେ ମାଓବାଦୀମାନେ ସୁରକ୍ଷାବାହିନୀକୁ ଟାର୍ଗେଟ କରୁଛନ୍ତି । ଛତିଶଗଡର ବିଜାପୁର ଜିଲ୍ଲାରେ ଏକ ବଡଧରଣର ଏନ୍‌କାଉଣ୍ଟର ଘଟଣା ଘଟିଛି । ଏହି ଗୁଳିମାଡରେ ୩ଜଣ ଯବାନ ସହିଦ ହୋଇଛନ୍ତି । ଅନ୍ୟପଟରେ ସୁରକ୍ଷା ବାହିନୀର ଗୁଳିମାଡରେ ୧୨ଜଣ ମାଓବାଦୀ ନିପାତ ହୋଇଛନ୍ତି । ରିପୋର୍ଟ ଲେଖାଯିବା ବେଳକୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ଘଟଣାସ୍ଥଳ ଅଭିମୁଖେ ଅତିରିକ୍ତ ସୁରକ୍ଷା ବାହିନୀ ପହଞ୍ଚୁଛନ୍ତି ।



ମାଓ ପ୍ରଭାବିତ ବିଜାପୁର ଜିଲ୍ଲାର ଏକ ଘଞ୍ଚ ଜଙ୍ଗଲରେ ମାଓବାଦୀଙ୍କ ଚଳପ୍ରଚଳ ନେଇ ସୁରକ୍ଷା ବାହିନୀକୁ ସୂଚନା ମିଳିଥିଲା । ଏହି ଆଧାରରେ ସୁରକ୍ଷାବାହିନୀର ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ କରିଥିଲେ । ସୁରକ୍ଷା ବାହିନୀକୁ ଦେଖିବା ପରେ ମାଓବାଦୀମାନେ ବିଚଳିତ ହୋଇପଡିଥିଲେ । ସେମାନେ ଅଙ୍କୁଶ ଲଗାଇ ବସିଥିବାରୁ ପୂର୍ବ ଯୋଜନା ଅନୁସାରେ ଯବାନଙ୍କୁ ଲକ୍ଷ୍ୟ କରି ଗୁଳି ମାରିଥିଲେ । ମାଓବାଦୀଙ୍କର ଗୁଳିମାଡରେ ୩ଜଣ ଯବାନ ସହିଦ ହୋଇଛନ୍ତି ।

ଜଣେ ପୁଲିସ ଅଧିକାରୀ ଗଣମାଧ୍ୟମକୁ ବୁଧବାର କହିଛନ୍ତି, ପଶ୍ଚିମ ବସ୍ତର ଡିଭିଜନର ଏକ ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏହି ଗୁଳିବିନିମୟ ହୋଇଛି । ନକ୍ସଲ ଗତିବିଧି ନେଇ ସୂଚନା ମିଳିବା ପରେ ସର୍ଚ୍ଚ ଅପରେସନ କରାଯାଇଥିଲା । ମାଓବାଦୀଙ୍କୁ ମୁକାବିଲା କରିବା ପାଇଁ ରିଜର୍ଭ ଗାର୍ଡ, ଏସ୍‌ଟିଏଫ୍ ଏବଂ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଏଫ୍)ର ବାଟାଲିଅନ ପହଞ୍ଚି ଥିଲେ । ସୁରକ୍ଷାକର୍ମୀଙ୍କୁ ଦେଖି ମାଓବାଦୀମାନେ ଗୁଳି କରିଥିଲେ । କିନ୍ତୁ ଆମର ଯବାନମାନେ କଡା ମୁକାବିଲା କରିଛନ୍ତି । ଏନ୍‌କାଉଣ୍ଟରରେ ୧୨ଜଣ ମାଓବାଦୀ ନିପାତ ହୋଇଛନ୍ତି । ସର୍ଚ୍ଚ (ଶେଷ ପୃଷ୍ଠା ଦେଖନ୍ତୁ)

# ମଣ୍ଡି ଜଗିବେ ମନ୍ତ୍ରୀ

ଭୁବନେଶ୍ୱର,୩।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଆରମ୍ଭରୁ ମଣ୍ଡି ଅବ୍ୟବସ୍ଥା ପ୍ରସଙ୍ଗ ଆଜି ବିଧାନସଭାରେ ଉଠିଛି । କାଲିଠୁ ସମ୍ବଲପୁର, ବରଗଡରେ ସ୍ୱାଭାବିକ ହୋଇଥିଲେ ବି ଟୋକନ ସମସ୍ୟା ଓ ଏମଏସପିକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ଜବାବ ରଖିବା ସହ ବିରୋଧୀଙ୍କୁ କଡା ଜବାବ ଦେଇଛି ଶାସକ ଦଳ ।



ଖରିଫ୍ ଧାନ କିଣିବା ପାଇଁ ଗତ ୨୮ତାରିଖରୁ ରାଜ୍ୟରେ ମଣ୍ଡି ଖୋଲିଥିଲେ ବି ଆରମ୍ଭରୁ ଅବ୍ୟବସ୍ଥା ଲାଗି ରହିଛି । ଏହାକୁ ନେଇ ସରକାରଙ୍କ ଘେରିଛନ୍ତି ବିରୋଧୀ । ମଣ୍ଡି ଅବ୍ୟବସ୍ଥାକୁ ନେଇ ବିଜେଡି ମୁଲତବୀ ପ୍ରସ୍ତାବ ଆଣିଥିଲା । ଧାନ ଉଠାଣ ବିଳମ୍ବ, ପଞ୍ଜୀକରଣ, ଟୋକନ୍ ସମସ୍ୟା ଓ ଏମ୍‌ଏସ୍‌ପି ଦ୍ୱନ୍ଦ୍ୱ ଯୋଗୁଁ ଚାଷୀ କ୍ଷତି ସହୁଥିବା ଅଭିଯୋଗ କରି ଗୃହରେ ବର୍ଷିଛନ୍ତି ବିଜେଡି ବିଧାୟକ । ମିଲର ଏବଂ ମଣ୍ଡି ଟାଗିଂ ପ୍ରକ୍ରିୟା ସରି ନଥିବାରୁ ଧାନ କେମିତି ଉଠିବ ବୋଲି ପ୍ରଶ୍ନ କରିଛନ୍ତି । କଂଗ୍ରେସ ସଦସ୍ୟ ବି ସରକାରକୁ ଘେରିଛନ୍ତି । କଡା ଜବାବ ରଖିଛି ଶାସକ ଦଳ ।

ମଣ୍ଡିକୁ ନେଇ ଶାସକ, ବିରୋଧ ସଦସ୍ୟଙ୍କ ଆରୋପ ପ୍ରତ୍ୟାରୋପ ଭିତରେ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । କହିଛନ୍ତି, ଧାନ ସଂଗ୍ରହ ସମୟରେ ସମନ୍ୱୟ ପାଇଁ ଏକ ମନ୍ତ୍ରୀସ୍ତରୀୟ ଉପକମିଟି ଗଠନ ହୋଇଛି । ମନ୍ତ୍ରୀମାନଙ୍କୁ ଜିଲ୍ଲାୱାରୀ ଦାୟିତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ମଣ୍ଡିରେ ଦୁର୍ନୀତି ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ସବୁ ମଣ୍ଡିରେ ସିସିଟିଭି ଏବଂ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି । ଅଦିନିଆ ବର୍ଷା ପାଇଁ ଧାନ ସଂଗ୍ରହ କିଛି ସ୍ଥାନରେ ବିଳମ୍ବ ହୋଇଛି । କିନ୍ତୁ ଧାନ ସଂଗ୍ରହ ପାଇଁ ସରକାର ପ୍ରତିଶ୍ରୁତି ବଦ୍ଧ । ବରଗଡ ଓ ସମ୍ବଲପୁରର କିଛି ମଣ୍ଡିରେ କାଲିଠୁ ଧାନ ଉଠାଣ ଆରମ୍ଭ ହୋଇଥିଲେ ବି ଅନ୍ୟ ସ୍ଥାନରେ ସ୍ୱାଭାବିକ ହୋଇନି ।

# ଡଲାର ତୁଳନାରେ ଟଙ୍କା ୯୦.୦୨



ନୂଆଦିଲ୍ଲୀ,୩।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ମୁଦ୍ରା ବଜାରରେ ବାରମ୍ବାର ଅସ୍ଥିରତା ଦେଖାଦେଇଛି । ଫଳରେ ଡଲାର ତୁଳନାରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି ଟଙ୍କା । ବୁଧବାର ପ୍ରଥମଥର ପାଇଁ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୬ ପଇସା ହ୍ରାସ ପାଇ ୯୦.୦୨ରେ ପହଞ୍ଚିଛି । ଏହାର ଅର୍ଥ ହେଉଛି ଗୋଟିଏ ଡଲାରର ମୂଲ୍ୟ ଏବେ ୯୦ ଟଙ୍କା ଅତିକ୍ରମ କରିଛି । ଏବେ ଟଙ୍କା-ଡଲାର ବିନିମୟ ହାର ୯୦.୦୨ରେ ପହଞ୍ଚିଛି ।

ପୂର୍ବରୁ ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଟଙ୍କା ଡଲାର ତୁଳନାରେ ୮୯.୯୬ରେ ଖୋଲିଥିଲା । ବ୍ୟବସାୟ ସମୟରେ, ଏହା ପ୍ରତି ଡଲାର ୯୦.୧୫ର ରେକର୍ଡ ସର୍ବନିମ୍ନ ସ୍ତରରେ ଖସି ଆସିଥିଲା । କିନ୍ତୁ ପରେ ସାମାନ୍ୟ ସୁଧାର ଆସି ୯୦.୦୨ରେ ପହଞ୍ଚିଥିଲା । ଯାହା ପୂର୍ବ ବନ୍ଦ ତୁଳନାରେ ଛଅ ପଇସା ହ୍ରାସ ପାଇଥିଲା । (ଶେଷ ପୃଷ୍ଠା ଦେଖନ୍ତୁ)

## ଶିକ୍ଷକଙ୍କ ପାଇଁ ଉଚ୍ଚସ୍ତରୀୟ କମିଟି

ଭୁବନେଶ୍ୱର,୩।୧୨: ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ବିଭିନ୍ନ ପ୍ରକାର ସରକାରୀ ଏବଂ ଅନୁଦାନପ୍ରାପ୍ତ ଓ ଅଣ- ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି । ଏହି ଶିକ୍ଷାନୁଷ୍ଠାନ ଗୁଡିକର ବିଭିନ୍ନ ଶିକ୍ଷକ / ଅଧ୍ୟାପକ ଏବଂ କର୍ମଚାରୀ ସଂଘ ସେମାନଙ୍କର ବିଭିନ୍ନ ପ୍ରକାରର ଦାବୀ ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି । ସେମାନଙ୍କର ଏହି ଦାବି ଉପରେ ବିଭିନ୍ନ ସମୟରେ ଆଲୋଚନା ମଧ୍ୟ କରାଯାଇଛି । ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରି ଶିକ୍ଷକ/ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କର ଦାବୀ ସମୂହର ଅନୁଶୀଳନ ନିମନ୍ତେ ଅଶୋକ କୁମାର ତ୍ରିପାଠୀ, ଭାରତୀୟ ପ୍ରଶାସନିକ ସେବା (ଅବସର ପ୍ରାପ୍ତ)ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଉକ୍ତ କମିଟି ୬ ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ।

## ବର୍ଷକରେ ବିଜେପିକୁ ଚାନ୍ଦାରେ ମିଳିଛି ୯୫୯ କୋଟି

ନୂଆଦିଲ୍ଲୀ,୩।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଭାରତର ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ପକ୍ଷରୁ ବୁଧବାର ଏକ ସୂଚନା ଦିଆଯାଇଛି । ୨୦୨୪-୨୫ରେ ସବୁଠୁ ଅଧିକ ଚାନ୍ଦା ମିଳିଛି ଶାସକ ଦଳ ବିଜେପିକୁ ଓ ତା'ପଛରେ ରହିଛି ବିରୋଧୀ ଦଳ କଂଗ୍ରେସ । ନିର୍ବାଚନ ଆୟୋଗ କହିଛନ୍ତି ଯେ କ୍ଷମତାସୀନ ଭାରତୀୟ ଜନତା ପାର୍ଟିକୁ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ନିର୍ବାଚନୀ ଟ୍ରଷ୍ଟରୁ ୯୫୯ କୋଟି ଟଙ୍କା ଚାନ୍ଦା ମିଳିଥିବା ବେଳେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ ଚାନ୍ଦା ଆକାରରେ ୫୧୭ କୋଟିରୁ ଅଧିକ ଟଙ୍କା ମିଳିଛି । ସେହିପରି ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସ (ଟିଏମସି)କୁ ୧୮୪.୫ କୋଟି ଟଙ୍କା ଚାନ୍ଦା ମିଳିଛି ।




କଂଗ୍ରେସକୁ ମିଳିଥିବା ଏହି ଚାନ୍ଦାରେ ଦଳର ନିର୍ବାଚନ ଟ୍ରଷ୍ଟ ପକ୍ଷରୁ ମିଳିଥିବା ୩୧୩ କୋଟି ଟଙ୍କା ମଧ୍ୟ ସାମିଲ । ନିର୍ବାଚନ ଆୟୋଗ ତାଙ୍କ ରିପୋର୍ଟରେ ସୂଚନା ଦେଇଛନ୍ତି ଯେ କଂଗ୍ରେସ ପାର୍ଟିକୁ ଯେଉଁ ୫୧୭ କୋଟି ଟଙ୍କା ମିଳିଛି ସେଥିରେ ଆଇଟିସି ଲିମିଟେଡ, ହିନ୍ଦୁସ୍ତାନ ଜିଙ୍କ ଲିମିଟେଡ ଓ ସେଞ୍ଚୁରୀ ପ୍ଲାଇଉଡ ଇଣ୍ଡିଆ ଲିମିଟେଡ ଭଳି (ଶେଷ ପୃଷ୍ଠା ଦେଖନ୍ତୁ)

## ଏଣିକି ଅଧିକାରୀଙ୍କ ମୁଣ୍ଡରେ ଖଣ୍ଡା

ଭୁବନେଶ୍ୱର,୩।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ନଦୀ ଜଳ ଦୂଷିତ ହେଲେ ଦାୟୀ ରହିବେ ଅଧିକାରୀ । ବିଧାନସଭାରେ ଆଜି ଏଭଳି ନିର୍ଦ୍ଦେଶ ଦେଇଛନ୍ତି ଜଙ୍ଗଲ

### ନଦୀ ଜଳ ପ୍ରଦୂଷଣ ପ୍ରସଂଗ

ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି କି, ବିଭାଗ ପକ୍ଷରୁ ନଦୀ ଜଳକୁ ୩ ମାସରେ ଥରେ ପରୀକ୍ଷା ହେଉଛି । ଆମେ କହିପାରିବା ନାହିଁ ସବୁ ସ୍ଥାନରେ ନଦୀ ଜଳ ଠିକ୍ ଅଛି । କଳ କାରଖାନାରୁ ବର୍ଜ୍ୟ ବସ୍ତୁ ଆସୁଛି । ନିରନ୍ତର ଭାବେ ନଦୀ ଜଳ ଚେକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗର ଅଧିକାରୀ ମାନେ ଭୁଲ୍ କଲେ ଗୋଟେ ମାସର ଦରମା ବନ୍ଦ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

# ଫେବୃଆରୀ ୧୮ରୁ ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର,୩।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବାର୍ଷିକ ପରୀକ୍ଷା ୨୦୨୬ ଫେବ୍ରୁଆରି ୧୮ ତାରିଖ ଠାରୁ ଆରମ୍ଭ ହେବ । ଏହି ପରୀକ୍ଷା ମାର୍ଚ୍ଚ ୨୧ ତାରିଖରେ ଶେଷ ହେବ । ପରୀକ୍ଷା ଆରମ୍ଭ ହେବା ଠାରୁ ଶେଷ ହେବା ପାଇଁ ୨୨ ଦିନ ଲାଗିବ । ସୂଚୀ ଅନୁସାରେ ବାର୍ଷିକ ପରୀକ୍ଷା ସକାଳ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜାରି ରହିବ । ପିଲାମାନେ ପରୀକ୍ଷା ହଲ୍ ଭିତରକୁ ପରୀକ୍ଷା ଆରମ୍ଭ ହେବାର ଅଧ ଘଣ୍ଟା ଭିତରେ ପ୍ରବେଶ କରିବେ । ପରୀକ୍ଷାର ୫ମିନିଟ୍ ଆଗରୁ ପିଲାମାନଙ୍କୁ ପ୍ରଶ୍ନପତ୍ର ଦିଆଯିବ । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆଜି ଅପରାହ୍ନରେ ଗଣମାଧ୍ୟମକୁ ଏହି




ସୂଚନା ଦିଆଯାଇଛି । ପରୀକ୍ଷା ପାଇଁ ମୋଟ୍ ୪,୦୦,୭୩୭ ଛାତ୍ରଛାତ୍ରୀ ଫର୍ମ ଫିଲପ୍ କରିଛନ୍ତି । ବୋର୍ଡ ପରୀକ୍ଷାରେ ପ୍ରଥମଥର ୱେବ କାଷ୍ଟିଙ୍ଗ, ସିସିଟିଭି ଓ ଲାଇଭ ଷ୍ଟ୍ରିମିଂ ହେବ । ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା କହିଛନ୍ତି, ପରୀକ୍ଷା ପାଇଁ ମୋଟ୍ ୪,୦୦,୭୩୭ ଛାତ୍ରଛାତ୍ରୀ ଫର୍ମ ଫିଲପ୍ କରିଛନ୍ତି । (ଶେଷ ପୃଷ୍ଠା ଦେଖନ୍ତୁ)

# ଖୋର୍ଦ୍ଧାରେ ସବୁଠୁ ବେଶୀ ଭୂତ ହାତେଇଛନ୍ତି କାର୍ଡ

ଭୁବନେଶ୍ୱର,୩।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଚିହ୍ନଟ ହୋଇଛନ୍ତି ଭୂତ ରାସନ କାର୍ଡଧାରୀ । ରାସନ କାର୍ଡ ଇ-କେୱାଇସି ପ୍ରକ୍ରିୟା ଓ କ୍ଷେତ୍ର ତର୍ଜମା ସମୟରେ ଚିହ୍ନଟ ହୋଇଛନ୍ତି ଭୂତ ରାସନ କାର୍ଡଧାରୀ । ୬ ଲକ୍ଷ ୮୩ ହଜାର ୯୯୫ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ରାସନ କାର୍ଡ ଥିବା ଜଣାପଡିଛି । ସେହିପରି ୩୩ ହଜାର ୧୨୮ ଅଯୋଗ୍ୟ ରାସନ କାର୍ଡକୁ ବାତିଲ କରାଯାଇଛି । ଯାହାର ପରିବାର ସଦସ୍ୟଙ୍କ ସଂଖ୍ୟା ୧ ଲକ୍ଷ ୨୦ ହଜାର ୧୯୯ ରହିଛନ୍ତି । ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରେ ୪ ହଜାର ୭୪୭ ଗୋଟି ଜାଲି ରାସନ କାର୍ଡ ଧରାପଡ଼ିଛି । ଦ୍ୱିତୀୟରେ କଟକରୁ ୨୯୦୫ ଗୋଟି ଜାଲି କାର୍ଡ ଧରା ପଡିଛି । ତୃତୀୟରେ ରହିଛି ସୁନ୍ଦରଗଡ଼ ଜିଲ୍ଲା । ଏଠାରେ ୨୩୫୭ ଗୋଟି ଜାଲି ରାସନ କାର୍ଡ ଧରା ପଡ଼ିଛି । ବିଧାନସଭାରେ ଲିଖିତ ଉତ୍ତର ରଖିଲେ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର ।

ସେହିପରି ଅନ୍ୟ ଏକ ଲିଖିତ ଉତ୍ତରରେ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ, ଜୁନ୍ ୨୦୨୪ ଠାରୁ ରାସନ କାର୍ଡ଼ ପାଇଁ ମୋଟ ୧୫ ଲକ୍ଷ ୩୩ ହଜାର ୧୫୩ ଗୋଟି ଆବେଦନ ହସ୍ତଗତ ହୋଇଛି । ସେଥି ମଧ୍ୟରୁ, ୩ ଲକ୍ଷ ୨୩ ହଜାର ୧୪୫ଟି ଆବେଦନର କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ବିବେଚିତ ହୋଇ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ଭାବରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଯାହାର ପରିବାର ସଦସ୍ୟ ସଂଖ୍ୟା ୬ ଲକ୍ଷ ୩୯ ହଜାର ୮୨୭ ରହିଛନ୍ତି । ସେହିଭଳି, ୭ ଲକ୍ଷ ୩୭ ହଜାର ୫୩୦ଟି ଆବେଦନଗୁଡ଼ିକୁ, 'ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା ନିୟମ ୨୦୨୦'ର ବାଦ ଦେବା ମାନଦଣ୍ଡ ଭିତ୍ତିରେ, ଅଗ୍ରାହ୍ୟ କରାଯାଇଛି । ବଳକା ଥିବା ଏବଂ ସଦ୍ୟ ହସ୍ତଗତ ହେଉଥିବା ୪ ଲକ୍ଷ ୭୨ ହଜାର ୪୭୮ ଗୋଟି ଆବେଦନଗୁଡ଼ିକର, ବ୍ଲକ ଏବଂ ପୌରାଞ୍ଚଳ ସ୍ତରରେ କ୍ଷେତ୍ରରେ ତର୍ଜମା ଚାଲିଛି ।

## ମାଧୁରୀ ନେଇଛନ୍ତି କୋଟିଏ ୬୦ ଲକ୍ଷ

ଭୁବନେଶ୍ୱର,୩।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ମାଧୁରୀ ନେଇଛନ୍ତି ୧ କୋଟି ୬୦ ଲକ୍ଷ । ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡାର ଭାବେ ବଲିଉଡ୍ ଅଭିନେତ୍ରୀ ଶ୍ରୀମତୀ ମାଧୁରୀ ଦିକ୍ଷୀତ ନେନେ ନେଇଛନ୍ତି ୧



କୋଟି ୬୦ ଲକ୍ଷ । ଏହାସହିତ ଯିବ ଆସିବାର ବିମାନ ଟିକେ, ରହିବା ଓ ଖାଇବା ବ୍ୟବସ୍ଥା ମଧ୍ୟ କରିଥିଲେ ରାଜ୍ୟ ସରକାର । ବିଧାନସଭାରେ ଏପରି ଉତ୍ତର ରଖିଛନ୍ତି ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ।

ବିଜେଡି ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନର ଲିଖିତ ଭାବେ ଉତ୍ତରର ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ, ଓଡିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡର ଭାବେ ବଲିଉଡ ଅଭିନେତ୍ରୀ ମାଧୁରୀ ଦିକ୍ଷୀତ ନେନେଙ୍କୁ ୨୦୨୫ରେ ନିଯୁକ୍ତି କରାଯାଇଛି । ଏହି ନିଯୁକ୍ତି ପାଇଁ ଶ୍ରୀମତୀ ନେନେଙ୍କୁ ରାଜ୍ୟ ରାଜକୋଷରୁ ୧ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । (ଶେଷ ପୃଷ୍ଠା ଦେଖନ୍ତୁ)

# ଏଣିକି ଥିଲାବାଲାଙ୍କ ପାଇଁ ଜୁଆ ଖେଳରେ ସୁବିଧା !

ଭୁବନେଶ୍ୱର,୩।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଏଣିକି ଛୋଟଛୋଟ ଅପରାଧ ପାଇଁ ଆଉ ଜେଲ୍ ନୁହେଁ କେବଳ ଜୋରିମାନା ଦେବାକୁ ପଡିବ । ରାଜ୍ୟ ସରକାର ବିଧାନସଭାରେ 'ଓଡିଶା ଜନ ବିଶ୍ୱାସ ବିଲ-୨୦୨୫'କୁ ପାରିତ କରି ରାଜ୍ୟରେ ପ୍ରଚଳିତ ୧୬ଟି ଆଇନରେ ଥିବା ୧୬୧ଟି ଆଇନଗତ ଧାରାରେ ସଂଶୋଧନର ମାର୍ଗ ପ୍ରଶସ୍ତ କରିଛନ୍ତି । ଏଥିରୁ ୫୦ଟିରେ ଥିବା ଜେଲ୍ ଦଣ୍ଡ ବ୍ୟବସ୍ଥାକୁ ହଟାଇବା ସହ ବାକି ୧୧୧ଟି ଅପରାଧ ପାଇଁ ଅଧିକ ଜୋରିମାନାର ପ୍ରାବଧାନ କରିଛନ୍ତି ।

ବିଧାନସଭାରେ ଦୀର୍ଘସମୟ ଧରି ଏହି ବିଲର ବିଭିନ୍ନ ଦିଗ ଉପରେ ଆଲୋଚନା ହେବାପରେ ବିରୋଧୀ ଦଳ ସଦସ୍ୟଙ୍କ କକ୍ଷତ୍ୟାଗ ମଧ୍ୟରେ ବିଲଟି ବହୁମତରେ ପାରିତ ହୋଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ 'ଜନବିଶ୍ୱାସ ଆଇନ-୨୦୨୩'କୁ ଅନୁସରଣ ରାଜ୍ୟ ସରକାର ଏହି ବିଲ୍ ପ୍ରସ୍ତୁତ କରିଥିବା କୁହାଯାଉଛି । ଲୋକଙ୍କ ମନରେ ସରକାରଙ୍କ ପ୍ରତି ଭରସା ବୃଦ୍ଧି ସହ ଛୋଟଛୋଟ ନିୟମଗତ ଭୁଲ୍ ବା କାମ ପାଇଁ ହେଉଥିବା ଜେଲ ଦଣ୍ଡକୁ ହଟାଇବା ଉପରେ ଏହି ବିଲରେ ଗୁରୁତ୍ୱ ଦିଆଯାଇଛି ।

ଏହି ପଦକ୍ଷେପ ରାଜ୍ୟରେ ବିଶ୍ୱାସଭିତ୍ତିକ ଶାସନ ପ୍ରଣାଳୀକୁ ସୁଦୃଢ଼ କରିବା ସହ ପୁଞ୍ଜିନିବେଶ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବ ବୋଲି କୁହାଯାଉଛି । ତେବେ ଏହି ବିଲରେ 'ଓଡିଶା ଜୁଆ ନିବାରଣ ଆଇନ-୧୯୫୫'କୁ ସାମିଲ କରି ସେଥିରେ ଥିବା ଦଣ୍ଡାଦେଶ ପ୍ରାବଧାନକୁ କୋହଳ କରିବା ଆଗାମୀ ଦିନରେ ବୁମେରାଂ ହୋଇପାରେ ବୋଲି ଆଶଙ୍କା କରାଯାଉଛି ।



ଏହି 'ଓଡିଶା ଜନ ବିଶ୍ୱାସ ବିଲ-୨୦୨୫'ରେ ରାଜ୍ୟର ମୋଟ ୧୬ଟି ପ୍ରଚଳିତ ଆଇନକୁ ସାମିଲ କରାଯାଇଛି । ଏହି ଆଇନଗୁଡିକ ମଧ୍ୟରେ 'ଓଡିଶା ନର୍ସ ଏବଂ ଧାତ୍ରୀ ପଞ୍ଜିକରଣ ଆଇନ-୧୯୩୮, ଓଡିଶା ପୌର ଆଇନ-୧୯୫୦, ଓଡିଶା ଜୁଆ ନିବାରଣ ଆଇନ-୧୯୫୫, ଓଡିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ- ୧୯୫୬, ଓଡିଶା ସମବାୟ ସମିତି ଆଇନ-୧୯୬୨ ଓ ଓଡିଶା ଅବକାରୀ ଅଧିନିୟମ-୨୦୦୮ ଭଳି ୧୬ଟି ଗୁରୁତ୍ୱପୂର୍ଣ୍ଣ ଆଇନ ରହିଛି । ଏହି ଜନବିଶ୍ୱାସ ବିଲ୍ ପାରିତ ହେବାଦ୍ୱାରା ୧୬ଟି ଆଇନରେ ଥିବା ମୋଟ ୧୬୧ଟି ଆଇନଗତ ଧାରାକୁ ସଂଶୋଧନର ମାର୍ଗ ପ୍ରଶସ୍ତ ହୋଇଛି । ଯେଉଁଥିରେ ପ୍ରାୟ ୫୦ଟି ଅପରାଧ ପାଇଁ ଥିବା ଜେଲଦଣ୍ଡ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି ଓ ବାକି ୧୧୧ଟି ପାଇଁ ଜୋରିମାନା ଧାର୍ଯ୍ୟର ପ୍ରସ୍ତାବ ରହିଛି । ରାଜ୍ୟରେ 'ଇଜ୍ ଅଫ ଡୁଇଙ୍ଗ ବିଜିନେସ'କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ଏହି ବିଲ୍ ଆଣିଥିବା କୁହାଯାଉଛି । ଏବେ ପ୍ରଚଳିତ ଆଇନଗୁଡିକରେ ଥିବା ଅଯଥା ଜଟିଳ ନିୟମାବଳୀ ଓ ଛୋଟଛୋଟ ଭୁଲ୍ ପାଇଁ କଠୋର ଦଣ୍ଡାଦେଶ କାରଣରୁ ବ୍ୟବସାୟୀ, ନାଗରିକ ଓ ଅନୁଷ୍ଠାନ ଉପରେ ଏକ ଅଯଥା ଚାପ ପଡୁଥିଲା ।

ଏହି ବିଲ୍ ଛୋଟଛୋଟ ଅପରାଧ ପାଇଁ ଜେଲ୍ ଦଣ୍ଡ ବ୍ୟବସ୍ଥାକୁ ହଟାଇ ସେହି ସ୍ଥାନରେ ଦେୱାନୀ ଦଣ୍ଡ (ସିଭିଲ ପେନାଲଟି) ଲାଗୁ କରିବାକୁ ପ୍ରସ୍ତାବ ଦେଉଛି । ଏହାଛଡା ଛୋଟ ଛୋଟ ନିୟମ ଉଲ୍ଲଙ୍ଘନଗୁଡିକର ସମାଧାନ ପାଇଁ ସାଧାରଣ କୋର୍ଟ ବଦଳରେ ପ୍ରଶାସନିକ ବିଚାର ବ୍ୟବସ୍ଥା କରାଯିବ । ଏହାଦ୍ୱାରା ମାମଲାର ଶୀଘ୍ର ଫଇସଲା ସହ ଖର୍ଚ୍ଚ ମଧ୍ୟ କମିବ । ଛୋଟ ଅପରାଧଗୁଡିକୁ ଦୁଇଟି ଶ୍ରେଣୀରେ (ବର୍ଗ-କ ଓ ବର୍ଗ-ଖ) ବିଭକ୍ତ କରାଯାଇଛି । ଜେଲ ଦଣ୍ଡାଦେଶର ଅବଧି ଅନୁଯାୟୀ ଆର୍ଥିକ ଦଣ୍ଡର ପରିମାଣ ସ୍ଥିର କରାଯାଇଛି । ଉଦାହରଣ ସ୍ୱରୂପ, ଯେଉଁ ଛୋଟ ପ୍ରକ୍ରିୟାଗତ ଭୁଲ୍ (ବର୍ଗ-କ) ପାଇଁ ପୂର୍ବରୁ ୩ ମାସ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଥିଲା, ତା'ବଦଳରେ ଏବେ ୫ହଜାରରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ଧାର୍ଯ୍ୟ ହୋଇଛି ।

ସରକାରଙ୍କ ଏହି ନୂଆ ନିଷ୍ପତ୍ତିର କିଛି ନକାରାତ୍ମକ ପ୍ରଭାବ ପଡିବାର ଆଶଙ୍କା ସୃଷ୍ଟି ହୋଇଛି । (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୪ ଡିସେମ୍ବର ୨୦୨୫ । ଗୁରୁବାର




## ବାରହା ଫାସରେ ମୃତ୍ୟୁ:୩ ଗିରଫ




**କୋରାପୁଟ: ଏକ୍ସପ୍ରେସ ନ୍ୟୁଜ୍**

ଗାଈ ଖୋଜିବାକୁ ଯାଇ ପାହାଡ଼ ଭିତରେ ଦୁଇଜଣ ଆଦିବାସୀ ଯୁବକ ବାରିହା ଫାସ ପାଇଁ ଲମ୍ବିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିବା ଘଟଣାର ୨୫ ଦିନ ପରେ ଘଟଣାରେ ସଂପୃକ୍ତ ସାତ ଜଣଙ୍କ ମଧ୍ୟରୁ ତିନି ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଆଉ ଚାରି ଜଣ ଫେରାର ଥିବା ଜଣାପଡିଛି । ଗିରଫମାନେ ହେଲେ କନାପାଇ ଗ୍ରାମର ସମୀର ସାର୍କା, ରାମ ସାର୍କା ଓ ଅପି ସାର୍କା । ଏମାନେ ଜଙ୍ଗଲ ଭିତରେ ବିଦ୍ୟୁତ ତାର ଲମ୍ବେଇ ବନ୍ୟ ଜନ୍ତୁ ଶିକାର କରି ତାଙ୍କ ମାଂସ ଲୁଚାଛୁପାରେ ବିକ୍ରି କରନ୍ତି । ହେଲେ ଗତ ୭ତାରିଖ ଦିନ ବନ୍ୟଜନ୍ତୁ ଜାଗାରେ ଦୁର୍ଭାଗ୍ୟ ବଶତଃ ଦୁଇଜଣ ଗାଈ ଚରାଳି ବିଦ୍ୟୁତ ତାରରେ ଲାଗି ମୃତ୍ୟୁବରଣ କରିଥିଲେ । ଖବର ପାଇ ଘଟଣାରେ ସମ୍ପୃକ୍ତ ସାତ ଜଣ ଯୁବକ ଗ୍ରାମ ଛାଡି କେଉଁ ଆଡେ ଫେରାର ହୋଇ ଯାଇଥିଲେ । କିଛି ଦିନ ତଳେ ଏଇ ତିନିଜଣ ନିଜ ଗ୍ରାମକୁ ଫେରିଥିବା ବିଶେଷ ସୂତ୍ରରୁ ଖବର ପାଇ ଲକ୍ଷ୍ମୀପୁର ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଏସଡ଼ିପିଓ ମନୋଜ ବେହେରା ସମସ୍ତ ତଥ୍ୟ ଗଣ ମାଧ୍ୟମ ଆଗରେ ପ୍ରକାଶ କରିବା ସହ ଆଗକୁ ଫେରାର ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି ।

## ଯୁବତୀଙ୍କୁ ପ୍ରତାରଣା କରି ଯୁବକ ଗିରଫ

**କଳିଙ୍ଗନଗର: ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗର ଥାନାରେ ଅଞ୍ଚଳରେ ଜନୈକା ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ସ୍ଥାପନ କରାଯାଇଥିବାର ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହୋଇଛି । ଅଭିଯୋଗ ରେଜିଷ୍ଟ୍ରିର ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ଥାନା ପକ୍ଷରୁ କେସ୍ ନମ୍ବର ୪୪୪/୨୫, ଧାରା ୬୪(୨)/୩୫୧(୩) ବି ନଏସ ଅନୁଯାୟୀ ପୋଲିସ ମାମଲା ରୁଜୁ କରିଛି । ଅଭିଯୋଗକାରୀ ଜୀନା (ଛଦ୍ମନାମ), ବୟସ ୨୫, କଳିଙ୍ଗନଗର ଥାନା ଅଧୀନ କୈଠା ଗ୍ରାମର ବସିନ୍ଦା ଓ ଦିବଙ୍ଗତ ଗଣେଶ୍ୱରଙ୍କ ଝିଅ । ଜୀନା ଥାନାକୁ ଦେଇଥିବା ଲିଖିତ ଅଭିଯୋଗରେ କହିଛନ୍ତି-ଅଭିଯୁକ୍ତ ପ୍ରଥମେ ବିବାହର ମିଠା ପ୍ରଲୋଭନ ଦେଇ ଭରସା ସୃଷ୍ଟି କରିଥିଲା। ପରେ ପୁରୀକୁ ନେଇ ହୋଟେଲରେ ରଖି ଶାରୀରିକ ସମ୍ପର୍କ କରିଥିଲା। ପୁଅ ଘର ପକ୍ଷର ଚାପରେ କଟକ ବାଦାମବାଡିରେ ଛାଡ଼ି ପଳାଇଥିଲା । ଲଗାତାର ଉତପୀଡ଼ନ, ଅଶ୍ଳୀଳ ଅଚରଣ, ଧମକ ଦେଇ ମନୋବଳ ଭଙ୍ଗ କରୁଥିଲା। ଅଭିଯୁକ୍ତ ଢେଙ୍କାନାଳ ଜିଲ୍ଲା, ଢେଙ୍କାନାଳ ଟାଉନ ଥାନା, କଞ୍ଚନ ବଜାର ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କ ପୁଅ ସୁବାଶ ଚନ୍ଦ୍ର ବେହେରା (୨୬)। ପୋଲିସ ତଦନ୍ତରେ ଫୋନ୍ ରେକର୍ଡ, ମୋବାଇଲ୍ ବାର୍ତ୍ତା ଓ ଅନ୍ୟାନ୍ୟ ସାକ୍ଷ୍ୟ ସଂଗ୍ରହ କରି ଅଭିଯୁକ୍ତଙ୍କୁ ୧/୧୨/୨୫ରିଖ ରାତି ୧୧. ୩୫ ମିନିଟରେ ପୋଲିସ ଗିରଫ କରିଛି। ଥାନା ଅଧିକାରୀ ପ୍ରକାଶ କୁମାର ସାହୁ କହିଛନ୍ତି, ଅଭିଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆବଶ୍ୟକ ସାକ୍ଷ୍ୟ ସଂଗ୍ରହ କାମ ଦ୍ରୁତ ଗତିରେ ଚାଲିଛି। ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବ। କଳିଙ୍ଗନଗର ପୋଲିସ ସ୍ତ୍ରୀ ସୁରକ୍ଷା ଆଇନ ଅନୁଯାୟୀ ଘଟଣାର ପ୍ରତ୍ୟେକ ପକ୍ଷରେ ଗଭୀର ତଦନ୍ତ ଜାରିରଖିଛି।

## ଜମି ବିବାଦରୁ ହତ୍ୟାକାଣ୍ଡ: ମୁଖ୍ୟ ଅଭିଯୁକ୍ତ ଗିରଫ

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ଜମି ବିବାଦକୁ କେନ୍ଦ୍ର କରି ବଳଙ୍ଗା ଥାନା ଅନ୍ତର୍ଗତ ତୋରିହାଁବନ୍ଧ ଗାଁର ଅମୀୟ ପ୍ରଧାନ (୪୬)ଙ୍କୁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଅଶ୍ୱିନୀ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି। ଏହାଛଡା ତାଙ୍କର ୫ ସହଯୋଗୀଙ୍କୁ ବି ବାନ୍ଧିଛି ପୋଲିସ।

ଅଭିଯୁକ୍ତ ପୁତୁରା ଅଶ୍ୱିନୀ ପ୍ରଧାନ ଫେରାର ହୋଇଯାଇଥିଲା। ତାକୁ ଧରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ବଳଙ୍ଗା ଥାନା ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତ ପୁତୁରା ଅଶ୍ୱିନୀ ପ୍ରଧାନଙ୍କ ସହ ୫ ସହଯୋଗୀଙ୍କୁ ବଳଙ୍ଗା ପୋଲିସ ଗିରଫ କରିଥିଲା। ଏପଟେ ହାଣିଥିବା ମାରଣାସ୍ତ୍ର ସହ ଏକ ବୁଲେଟ ଗାଡିକୁ ବି ଜବତ କରିଛି ବଳଙ୍ଗା ପୋଲିସ।

ଖବର ନେବାରେ ଜଣାପଡିଛି ଯେ ବଳଙ୍ଗା ଥାନା ଅନ୍ତର୍ଗତ ତୋରିହାଁବନ୍ଧ ଗାଁର ଅମୀୟ ପ୍ରଧାନ ପୁରୀ କୁମ୍ଭାରପଡା ଥାନା ଅନ୍ତର୍ଗତ ବଡଶଙ୍ଖ ନୂଆ ସାହିରେ ରହୁଛନ୍ତି। ସେହିପରି ଅମୀୟଙ୍କ ବଡଭାଇ ଅଜୟ ଗାଁ ଭିତରୁ ବାହାରି ଆସି ଅନ୍ୟତ୍ର ରହୁଛନ୍ତି। ତୋରିହାଁବନ୍ଧରେ ଥିବା ଅମୀୟଙ୍କ ପୈତୃକ ସମ୍ପତ୍ତିକୁ ନେଇ ତାଙ୍କ ଅନ୍ୟ ତିନି ଭାଇଙ୍କ ସହିତ ବିବାଦ ରହିଥିଲା। ବୁଧବାର ମଧ୍ୟାହ୍ନରେ ଏହି ଜମି ଭାଗ ବଣ୍ଟାକୁ କେନ୍ଦ୍ର କରି ଅମୀୟ ଓ ତାଙ୍କ ବଡଭାଇ ଅଜୟଙ୍କ ପୁଅ ଅଶ୍ୱିନୀ ପ୍ରଧାନ ମଧ୍ୟରେ ପାଟିତୁଣ୍ଡ ଓ ହଣାକଟା ହୋଇଥିଲା। ଏଥିରେ ଅମୀୟ ସାମାନ୍ୟ ଆହତ ହୋଇଥିଲା। ଏ ନେଇ ବଳଙ୍ଗା ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ମାତ୍ର ପୋଲିସ ଏହି ଘଟଣାକୁ ଗୁରୁତ୍ୱ ଦେଇନଥିଲା।

ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୫ଟାରେ ଅମୀୟ, ତାଙ୍କ ଡ୍ରାଇଭର ମଳୟ ପ୍ରଧାନ ପ୍ରମୁଖ ଗାଁର ହନୁମାନ ମନ୍ଦିର ନିକଟରେ ବସିଥିଲେ। ଏହି ସମୟରେ ଅଶ୍ୱିନୀ ତା'ର ଭଉଣୀ ଗୁନେଇ ପ୍ରଧାନଙ୍କୁ ବାଇକ୍‌ରେ ବସାଇ ଯାଉଥିବା ବେଳେ ସେମାନଙ୍କୁ ଅମୀୟ ଅଟକାଇଥିଲେ। ଜମି ବିବାଦକୁ ନେଇ କାହିଁକି ଗଣ୍ଡଗୋଳ କରୁଛ ବୋଲି ଅମୀୟ ପଚାରିବାରୁ ଅଶ୍ୱିନୀ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅମୀୟ ତାକୁ ଚଟକଣି ମାରିଥିଲେ। ଏହା ଦେଖି ଗୁନେଇ ଚିତ୍କାର କରିବାରୁ ଘଟଣାସ୍ଥଳରେ ଅଜୟଙ୍କ ସ୍ତ୍ରୀ ପ୍ରଭାତୀ ପ୍ରଧାନ, ଅଜୟଙ୍କ ସମ୍ପର୍କୀୟ ଜିତୁ ସ୍ୱାଇଁ ଓ ତାଙ୍କ ଜ୍ୱାଇଁ ସଞ୍ଜୟ ପ୍ରଧାନ ପ୍ରମୁଖ ପହଞ୍ଚି ବିଭିନ୍ନ ମାରଣାସ୍ତ୍ରରେ ଅମୀୟଙ୍କ ମୁଣ୍ଡକୁ ହାଣି ହତ୍ୟା କରିଥିଲେ।

ଘଟଣାର ପ୍ରତ୍ୟକ୍ଷଦର୍ଶୀ ମଳୟ ପ୍ରଧାନଙ୍କୁ ମଧ୍ୟ ହତ୍ୟା ଧମକ ଦେଇ ଠେଲାପେଲା କରିଥିଲେ। ଖବର ପାଇ ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚି ଅମୀୟଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିଲେ। ସେଠାରେ ଅମୀୟଙ୍କୁ ଡାକ୍ତର ମୃତ ଘୋଷଣା କରି ଶବକୁ ଜବତ କରିଥିଲା।

ଅନ୍ୟପଟେ ଏହି ଖବର ପାଇ ଏସ୍‌ଡିପିଓ ଶ୍ରୀ ମିଶ୍ର, ଆଇଆଇସି ଶ୍ରୀ ପଣ୍ଡାଙ୍କ ସମେତ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିଲା।

## କଳାହାଣ୍ଡିରେ ଘନ କୁହୁଡି

**ଭବାନୀପାଟଣା: ଏକ୍ସପ୍ରେସ ନ୍ୟୁଜ୍**

କଳାହାଣ୍ଡିରେ ପାରଦ ଖସୁଥିବାବେଳେ ଶୀତର ପ୍ରକୋପ ବଢୁଛି। ସୁଲୁସୁଲିଆ ପବନ ସାଙ୍ଗକୁ ଘନ କୁହୁଡିର ଆସ୍ତରଣ ଘୋଡ଼େଇ ହୋଇଛି। ବଦଳି ଯାଇଛି କଳାହାଣ୍ଡିର ରୂପ। ଚାରିଆଡେ ଘନ କୁହୁଡି। ସକାଳୁ ସହରରେ ଘନ କୁହୁଡିର ଚିତ୍ର ଦେଖିବାକୁ ମିଳିଥିଲା। ଏଥିଯୋଗୁ ଯାତ୍ରୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅନ୍ୟପକ୍ଷେ ଶୀତୁଆ ସକାଳେ କିଏ ବ୍ୟାୟମ କରି ତ ଆଉ କିଏ ପ୍ରକୃତି କୋଳରେ ବୁଲି ଘନ କୁହୁଡିର ମଜା ଉଠାଉଛନ୍ତି। ହେଲେ ଖଟିଖିଆ ଲୋକଙ୍କୁ କଷ୍ଟ ଦେଇଛି ଜାଡ। ଗତ କିଛିଦିନ ହେବ ଜିଲ୍ଲାରେ ପାରଦ ୧୫ ଡିଗ୍ରୀ ତଳେ ରହୁଛି। ଫଳରେ ଜିଲ୍ଲାରେ ହାଡଭଙ୍ଗା ଶୀତ ଅନୁଭୂତ ହେଉଛି। ସକାଳ ହେଉ ବା ସାର ଜାଡ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଥୁଆମୂଳ ରାମପୁରରେ ତାପମାତ୍ରା ୧୦ଡିଗ୍ରୀ ରହିଥିବାବେଳେ କାଲୁଆ ପବନ ସାଙ୍ଗକୁ କାକର ତୁଷାରପାତର ଭ୍ରମ ସୃଷ୍ଟି କରୁଛି। ତେଣୁ ସକାଳ ହେଲେ ଲୋକେ ମର୍ଣ୍ଣିଂ ୱାକ୍‌ରେ ବାହାରି ପଡୁଥିବା ବେଳେ ଖୋଲାସ୍ଥାନରେ ବ୍ୟାୟାମ କରି ଶୀତୁଆ ସକାଳର ମଜା ନେଉଛନ୍ତି। କିଏ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ପରିଧାନ କରୁଛି ତ ଆଉ କିଏ ଗାଁ ଦାଣ୍ଡରେ ନିଆଁ ଲଗାଇ ପୋଇଁ ହେଉଛନ୍ତି। ଭବାନୀପାଟଣା ସହରରେ ସକାଳ ହେବା ମାତ୍ରେ ଶୀତର ମଜା ନେଉଛନ୍ତି ଲୋକେ। ଘନ କୁହୁଡିରେ ବିଭିନ୍ନ ସ୍ଥାନ ଢାଙ୍କି ହୋଇ ରହୁଛି। ଜରୁରୀ କାମ ଥିଲେ ହିଁ ଲୋକେ ଘରୁ ପଦାକୁ ଆସୁଛନ୍ତି। ଏ ନେଇ ଭବାନୀପାଟଣା ବାସିନ୍ଦା ସୁବାସ ପ୍ରଧାନ କହିଛନ୍ତି, ସକାଳୁ ଘନ କୁହୁଡି ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ହେଲେ ପାଗରେ ପରିବର୍ତ୍ତନ ହୋଇଥିବାରୁ ବହୁତ ଖୁସି ଲାଗୁଛି। ଏ ପରିବେଶ ସବୁବେଳେ ଦେଖିବାକୁ ମିଳେ ନାହିଁ। ପ୍ରବଳ ଶୀତ ସାଙ୍ଗକୁ କାକର ବିନ୍ଦୁ ପଡୁଥିବାରୁ ଭଲ ଲାଗୁଛି ବୋଲି ସେ କହିଛନ୍ତି। ଅନ୍ୟଜଣେ ବାସିନ୍ଦା ଛବିଲାଲ ନିଆଳ କହିଛନ୍ତି ଯେ, ସକାଳେ ଘନ କୁହୁଡି ଆସ୍ତରଣ ଭିତରେ ଭବାନୀପାଟଣା ସହର ରହୁଛି। ଏତେ ସମୟ ଧରି କୁହୁଡି ସହରରେ କେବେ ଦେଖିବାକୁ ମିଳି ନ ଥିଲା। ବୁଧବାର ଯେଉଁ କୁହୁଡି ହୋଇଛି ଅତ୍ୟନ୍ତ ମନୋରମ। ଏହା ଦାରିଙ୍ଗବାଡିର ଭ୍ରମ ସୃଷ୍ଟି କରୁଛି ବୋଲି ସେ ପ୍ରକାଶ କରିଛନ୍ତି।

## ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ନେଇ ସଚେତନତା



**କୋରାପୁଟ: ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ୨୦୨୫ ପାଳନ ହୋଇଯାଇଛି। ଏହି ଅବସରରେ ଚାରି ଦିନ ଧରି ଜିଲ୍ଲାର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଅଙ୍ଗନବାଡି କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମଚାରୀ, ଷ୍ଟାଫ ନର୍ସ, ଚାଇଲଡ ହେଲ୍ପ ଲାଇନ, କୋରାପୁଟ, ମହିଳା ହବ, ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତାମାନଙ୍କୁ ନେଇ ଚାରି ଦିନିଆ କର୍ମଶାଳା କରାଯାଇଥିଲା। ଏଥିରେ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ, ଦିବ୍ୟାଙ୍ଗ ଶିଶୁମାନଙ୍କ ସୁରକ୍ଷା ତଥା ସେମାନଙ୍କୁ ପୋଷ୍ୟ ସନ୍ତାନ ପକ୍ରିୟାରେ ସଂଯୁକ୍ତ କରାଇବା ଏବଂ ପାରିବାରିକ ସମ୍ପର୍କୀୟ ପୋଷ୍ୟ ସନ୍ତାନ ଗ୍ରହଣକୁ ନେଇ ଆଲୋଚନା ଚକ୍ର ହୋଇଥିଲା। ପ୍ରଭାତ କୁମାର ବିଡ଼ିକା ପୋଷ୍ୟ ସନ୍ତାନ ଗ୍ରହଣର ଉପକାରିତା ଉପରେ ସଚେତନ କରାଇଥିଲେ। ସୁରକ୍ଷା ଅଧିକାରୀ (ଅଣଅନୁଷ୍ଠାନିକ ଯତ୍ନ) ବାଳ କୃଷ୍ଣ ମଲ୍ଲିକ ପୋଷ୍ୟ ସନ୍ତାନ ଗ୍ରହଣର ନିୟମାବଳୀ ବିଷୟରେ ଅବଗତ କରାଇଥିଲେ। ଏହି କର୍ମଶାଳାରେ ଶିଶୁ ମଙ୍ଗଳ ସମିତିର ପୋଷ୍ୟ ସନ୍ତାନକୁ ନେଇ ଦାୟିତ୍ୱ ଏବଂ କାର୍ଯ୍ୟକାରିତା ଉପରେ ଗାୟତ୍ରୀ ପାତ୍ର, ଅଧକ୍ଷା ଶିଶୁ ମଙ୍ଗଳ ସମିତି, କୋରାପୁଟ ଆଲୋଚନା କରିଥିଲେ। ଉମେଶ ପ୍ରସାଦ ଷଡ଼ଙ୍ଗୀ ଡିପିଏମ-ଏନଏଚଏମ, କୋରାପୁଟ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ବେଆଇନ ଗତ ପୋଷ୍ୟ ସନ୍ତାନ ଗ୍ରହଣ ରୋକିବାକୁ ପରାମର୍ଶ ଦେଇଥିଲେ। ସବିତା ସମାଦାର, ସୁରକ୍ଷା ଅଧିକାରୀ, କୋରାପୁଟ, ପ୍ରତ୍ୟୁଷ ପଣ୍ଡା, ଯୋଜନା ସଂଯୋଜକ, ସ୍ଟାଫ ଯୋଗ ଦେଇ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ଜିଲ୍ଲାରେ ଅଧିକରୁ ଅଧିକ କିପରି ହେଇ ପାରିବ ଆଲୋଚନା କରିଥିଲେ।

## ଅନ୍ତର୍ଜାତୀୟ ଜର୍ଣ୍ଣାଲ ଡାଟାବେସରେ କିମସ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଶିକ୍ଷାଗତ ଏବଂ ଗବେଷଣା କାର୍ଯ୍ୟକଳାପକୁ ଆଗକୁ ନେବା ପାଇଁ କିମ୍‌ସ ପକ୍ଷରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ 'ଜର୍ଣ୍ଣାଲ୍ ଅଫ୍ ଇଣ୍ଟିଗ୍ରେଟିଭ୍ ମେଡିସିନ୍ ଆଣ୍ଡ୍ ରିସର୍ଚ୍ଚ' ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲ୍‌ସରେ ସ୍ଥାନିତ ହୋଇଛି। କିମସ ଶିଶୁରୋଗ ବିଶେଷଜ୍ଞ ତଥା ଜର୍ଣ୍ଣାଲ୍ ଅଫ୍ ଇଣ୍ଟିଗ୍ରେଟିଭ୍ ମେଡିସିନ୍ ଆଣ୍ଡ୍ ରିସର୍ଚ୍ଚର ସଂପାଦକ ପ୍ରଫେସର ନିର୍ମଳ କୁମାର ମହାକୁଡ, ପୂର୍ବତନ ସଂପାଦକ ପ୍ରଫେସର ପ୍ରଶାନ୍ତ ପଧାନ ଓ ସହକାରୀ ପ୍ରଫେସର ଗୀତାଚାନ୍ଦ ଆଚାର୍ଯ୍ୟ ପରିଚାଳନା ସମ୍ପାଦକଙ୍କ ମିଳିତ ପ୍ରୟାସରେ ଏହି ଜର୍ଣ୍ଣାଲଟି ପ୍ରକାଶ ପାଇବା ସହ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲ୍‌ସରେ ସ୍ଥାନ ପାଇଛି। ବିଶ୍ୱସ୍ତରୀୟ ମାନ୍ୟତା ପାଇବାରେ କିମ୍‌ସର ଏହି ଚିକିତ୍ସା ଜର୍ଣ୍ଣାଲ ଓଡ଼ିଶାର ପ୍ରଥମ ଚିକିତ୍ସା ଜର୍ଣ୍ଣାଲ ହେବାର ଗୌରବ ଅର୍ଜନ କରିଛି।



ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲ୍‌ସ ଇଣ୍ଡେକ୍ସ ଅନ୍ତର୍ଜାତୀୟ ଦୃଶ୍ୟମାନତା, ବିଶ୍ୱସନୀୟତା ଓ ବିଶ୍ୱବ୍ୟାପୀ ବିଦ୍ୱାନ, ଗବେଷକ ଏବଂ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ମଧ୍ୟରେ ବେଶ ଆଦୃତ ହୋଇଆସିଛି। ବହୁ ବିଶେଷଜ୍ଞ ଓ ଗବେଷକ ଏଥିରୁ ବିଶେଷ ଉପକୃତ ହୋଇଥାନ୍ତି। କିମସର ଏହି ଜର୍ଣ୍ଣାଲ ଜାନୁଆରୀ ୨୦୨୩ ରେ ଏକ ତ୍ରୈମାସିକ ପ୍ରକାଶନ ଭାବରେ ଆରମ୍ଭ ହୋଇଥିଲା। ଉଚ୍ଚ ଶୈକ୍ଷିକ ତର୍ଜମା ସହିତ ଦଶଟି ନିରନ୍ତର ସଂଖ୍ୟା ସଫଳତାର ସହ ପ୍ରକାଶ କରିବା ପରେ ଏହା ଭାବରେ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍ସେସ୍ ଜର୍ଣ୍ଣାଲ୍‌ସରେ ସ୍ଥାନିତ ହେବା ପାଇଁ ଆବେଦନ କରି ଅନୁମୋଦନ ପାଇଥିଲା।

ଏହି ସଫଳତା ପାଇଁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଡା. ନିର୍ମଳ ମହାକୁଡଙ୍କ ସମେତ ଜର୍ଣ୍ଣାଲର ସମ୍ପାଦନାମଣ୍ଡଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅପରପକ୍ଷରେ ଏହି କାର୍ଯ୍ୟ ପାଇଁ ଉତ୍ସାହିତ କରିଥିବାରୁ ସମ୍ପାଦନାମଣ୍ଡଳୀ ମଧ୍ୟ ଶ୍ରୀ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ଦଶପଲ୍ଲା: ଏକ୍ସପ୍ରେସ ନ୍ୟୁଜ୍**

ନୟାଗଡ ଜିଲ୍ଲା ଦଶପଲ୍ଲା ଥାନା ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ପଙ୍କୁଆ-କଳସାଖମଣ ରାସ୍ତାର ଉଦୁଡ଼ା ଗାଁ ଠାରୁ ୨୦୦ ମିଟର ଦୂରରେ କ୍ଷତାକ୍ତ ଅବସ୍ଥାରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ନିକଟରେ ଏକ ହ୍ୟାଣ୍ଡ ବ୍ୟାଗ୍, ହେଲମେଟ ଓ ବାଇକ୍ ଥିବାବେଳେ ମୃତ ଯୁବକଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି।

ଯୁବକଙ୍କ ମୃତଦେହ ମୁହଁ ତଳକୁ କରି ପଡ଼ିରହିଛି। ଖବର ପାଇ ଦଶପଲ୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ଗତ କିଛି ଦିନ ଧରି ଦଶପଲ୍ଲା ଅଞ୍ଚଳର ଚଢେୟାପଲି ଜଙ୍ଗଲରେ ମାଓବାଦୀ ଥିବା ନେଇ ଚର୍ଚ୍ଚା ହେଉଛି। ତେଣୁ ଯୁବକଙ୍କୁ ମାଓବାଦୀମାନେ ହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

## ଗୋ-ଦାନା ଦୋକାନରେ ଚଢାଉ

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ବଜାର ଅଞ୍ଚଳରେ ପଶୁପକ୍ଷୀଙ୍କ ଦାନା ଓ ଗୋଦାନା ବିକ୍ରି କରୁଥିବା ଦୁର୍ଗା ଫିଡ୍ସ ନାମକ ଏକ ଦୋକାନରେ କଟକଣା ଥିବା କେତେକ ଇଞ୍ଜେକସନ ବିକ୍ରି ହେଉଥିବା ଖବର ପାଇ ମଙ୍ଗଳବାର ଅପରାହ୍ନରେ ବାରିପଦା ଡ୍ରଗ୍ସ କଣ୍ଟ୍ରୋଲର କାର୍ଯ୍ୟାଳୟର ଅଧିକାରୀମାନେ ଚଢ଼ାଉ କରିଥିଲେ। ତେବେ ସମ୍ପୃକ୍ତ ବ୍ୟବସାୟୀ ଦୀର୍ଘ ଏକ ବର୍ଷ ହେବ ଏଥିପାଇଁ ସରକାରୀ ପିସ୍ ଦାଖଲ କରି ଆବେଦନ କରିଥିଲେ ମଧ୍ୟ ସେମାନେ ଦାବି କରିଥିବା ଉତ୍କୋଚ ଦେଇନଥିବା ଯୋଗୁଁ ତାଙ୍କ ଲାଇସେନ୍ସ ଦେଉନଥିବା ଅଭିଯୋଗ କରିଥିଲେ ବ୍ୟବସାୟୀ। ଘଟଣା ସମ୍ପର୍କରେ ଜାଣିବା ପରେ ଅନ୍ୟାନ୍ୟ ବ୍ୟବସାୟୀମାନେ ପହଞ୍ଚି ଅଧିକାରୀମାନଙ୍କ ସହ ଯୁକ୍ତିତର୍କ କରିଥିଲେ ଏବଂ ଲାଇସେନ୍ସ କାହିଁକି ଦିଆଯାଇ ନାହିଁ ବୋଲି ଜାଣିବାକୁ ଚାହିଁଥିଲେ। ଅନେକ ସମୟ ଧରି ଅଧିକାରୀଙ୍କୁ ସେଠାରେ ଅଟକ ରଖିଥିଲେ ଲୋକେ। ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଘଟଣା ଶାନ୍ତ ପଡ଼ିନଥିଲା। । ବାଧହୋଇ ଅଧିକାରୀମାନେ ଫେରି ଯାଇଥିଲେ ଏବଂ ଅତି ଶିଘ୍ର ଲାଇସେନ୍ସ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**




ପୁରୀ ଜିଲ୍ଲାର ଗୋପ ଶିକ୍ଷା ମଣ୍ଡଳରେ ଶିକ୍ଷା ବ୍ୟବସ୍ଥାକୁ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍ଥାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ନାହିଁ ନଥିବା ସମସ୍ୟା ସମସ୍ତିଙ୍କୁ ଭୋଗିବାକୁ ପଡୁଛି। ରାଜ୍ୟରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକମାନଙ୍କର ନିମ୍ନଲିଖିତ ଦୁଇଟି ମୂଳ ସମସ୍ୟାର ଆଶୁ ସମାଧାନ ନିମନ୍ତେ ଅତିରିକ୍ତ ଶିକ୍ଷା ଅଧିକାରିଣୀଙ୍କୁ ପ୍ରଦାନ କରାଗଲା ଦାବିପତ୍ର। ପ୍ରକାଶଥାଉକି, ରାଜ୍ୟରେ କାର୍ଯ୍ୟରତ ୧ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ଦୀର୍ଘଦିନରୁ ନିମ୍ନଲିଖିତ ଦୁଇଟି ଦାବି ଉପରେ ତତ୍କାଳୀନ ସରକାରଙ୍କ ସମୟରୁ ବାରମ୍ବାର ଜଣାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ଦାବି ପୂରଣ ହୋଇନାହିଁ। ନୂଆ ସରକାରରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତୃଣମୂଳସ୍ତରରେ ଆଶାବ୍ୟକ୍ତ କରିଛନ୍ତି ଯେ, ଲୋକଙ୍କ ସରକାର ଆମ୍ଭମାନଙ୍କ ଦାବିକୁ ନିଶ୍ଚିତ ପୂରଣ କରିବେ। କାରଣ ବିଗତ ରାଲିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାବି ଗୁଡିକ ଯୁକ୍ତିଯୁକ୍ତ ବୋଲି କହିଥିଲେ। ଆହୁରି ମଧ୍ୟ କହିଲେ ଯେ ଆମ ଦଳ ସରକାର ଗଠନ କଲେ ପ୍ରାଥମିକ ଶିକ୍ଷକମାନଙ୍କ ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ନିମ୍ନଲିଖିତ ଦାବିଗୁଡ଼ିକୁ ଆଗାମୀ ୩ ତାରିଖ ମଧ୍ୟରେ ପୂରଣ କରିବାକୁ ଅନୁରୋଧ କରୁଅଛୁ। ନଚେତ ଆଗାମୀ ଶୁକ୍ରବାର ଠାରୁ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସଂଘର ପ୍ରମୁଖ ସୂଚନା ଦେଇଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦାବି ହେଲା ପ୍ରାଥମିକ ଶିକ୍ଷକମାନଙ୍କର ମୂଳ ପଦବୀକୁ ଅପଗ୍ରେଡ଼ କରି ଲେବୁଲ୍ - ୯ ଅନୁଯାୟୀ ମୂଳ ବେତନ ୩୫,୪୦୦ ଟଙ୍କା ପ୍ରଦାନ କରାଯାଉ ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ ଅଦ୍ୟାବଧ କାର୍ଯ୍ୟରତ ସମସ୍ତ ଶିକ୍ଷକମାନଙ୍କର ଠିକା କାର୍ଯ୍ୟକାଳକୁ ମୂଳ ଗୁକିରିରେ ଗଣନା କରିବା ସହିତ ସେମାନଙ୍କର ଇନକ୍ରିମେଣ୍ଟ ପ୍ରଦାନ କରାଯାଉ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷାର ବିକାଶ ପାଇଁ ଶିକ୍ଷକମାନଙ୍କର ସମସ୍ୟାକୁ ଅବିଳମ୍ବେ ସମାଧାନ କରି ଉକ୍ତ ଦାବିକୁ ପୂରଣ କଲେ ୧ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଏନ୍‌ପିଏସ୍ ଶିକ୍ଷକ ଶିକ୍ଷୟିତ୍ରୀ ଉପକୃତ ହେବେ। ଗୋପ ବ୍ଲକ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘର ସଭାପତି ଜଳନ୍ଧର ବେହେରା, ସମ୍ପାଦକ ସନ୍ତୋଷ କୁମର ବିଶ୍ୱାଳ, ଉପଦେଷ୍ଟା ସରୋଜ କୁମାର ମିଶ୍ର। ଗୋପ ଶିକ୍ଷକ ସମିତିର ଉପଦେଷ୍ଟା ରବୀନ୍ଦ୍ର କୁମାର ବାହିନୀପତି ସୁଚରିତା ପାତ୍ର ପ୍ରମୁଖ ପ୍ରକାଶ କରିଥିଲେ।

## ବାଣିଜ୍ୟ

### ମାଇକ୍ରୋସଫ୍ଟ ବିଭ୍ରାଟ: ବେଙ୍ଗାଲୁରୁ ବିମାନବନ୍ଦର କାର୍ଯ୍ୟ ପ୍ରଭାବିତ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ମଙ୍ଗଳବାର ବେଙ୍ଗାଲୁରୁର କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ କାର୍ଯ୍ୟକ୍ଷମ ବାଧାପ୍ରାପ୍ତ ହୋଇଥିଲା, ବିଳମ୍ବରେ ଆଗମନ ଯୋଗୁଁ ଚାରିଟି ବିମାନ ବିଳମ୍ବ ହୋଇଥିଲା ଏବଂ ଦିନସାରା ଯାତ୍ରୀମାନେ ଅନେକ ବାତିଲ ହେବା ଦ୍ୱାରା ପ୍ରଭାବିତ ହୋଇଥିଲେ।

ମାର୍କେଟ ସେୟାର ଅନୁସାରେ ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ କାର୍ଯ୍ୟକ୍ଷମ କାରଣ ଦର୍ଶାଇ ଅନେକ ବିମାନ ବାତିଲ କରିଥିଲା। ବୁଧବାରର ତଥ୍ୟ ଦର୍ଶାଉଛି ଯେ ବାହକ ମୋଟ ୪୨ଟି ବାତିଲ ରେକର୍ଡ କରିଛି, ଯେଉଁଥିରେ ୨୨ଟି ଆଗମନକାରୀ ବିମାନ ଏବଂ ୨୦ଟି ବାହାରକୁ ଯାଉଥିବା ସେବା ଅନ୍ତର୍ଭୁକ୍ତ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଦିଲ୍ଲୀ, ହାଇଦ୍ରାବାଦ, ଚେନ୍ନାଇ, ମୁମ୍ବାଇ, ଗୋଆ, କୋଲକାତା ଏବଂ ଲକ୍ଷ୍ନୌରୁ ଆଗମନ ବାତିଲ କରାଯାଇଥିଲା। ପ୍ରଭାବିତ ହୋଇଥିବା ବିମାନଗୁଡ଼ିକ ମଧ୍ୟରେ ମୁମ୍ବାଇ, ଦିଲ୍ଲୀ, ଗୋଆ, ହାଇଦ୍ରାବାଦ, ଚେନ୍ନାଇ, କୋଲକାତା ଏବଂ ଅହମ୍ମଦାବାଦରୁ ପ୍ରସ୍ଥାନ ମଧ୍ୟ ସାମିଲ ଥିଲା। ଏହା ବ୍ୟତୀତ, ଡିସେମ୍ବର ୨ରେ ବିମାନବନ୍ଦରରେ ୨୦ଟି ଇଣ୍ଡିଗୋ ବିମାନ ବାତିଲ କରାଯାଇଥିଲା।

ଉଡ଼ାଣ ବାତିଲ ବିଷୟରେ ମନ୍ତବ୍ୟ ଦେଇ, ବିମାନ କମ୍ପାନୀ କହିଛି ଯେ ଏହା ପ୍ରଯୁକ୍ତିଗତ ତ୍ରୁଟି, ବିମାନବନ୍ଦର ଭିଡ଼ ଏବଂ ପରିଚାଳନାଗତ ଆବଶ୍ୟକତା ଯୋଗୁଁ ଘଟିଛି।

'ବିଗତ କିଛି ଦିନରେ ଆମର ଅନେକ ଅନିବାର୍ଯ୍ୟ ବିମାନ ବିଳମ୍ବ ଏବଂ କିଛି ବାତିଲ ହୋଇଛି, ଯେଉଁଥିରେ ପ୍ରଯୁକ୍ତିଗତ ସମସ୍ୟା, ବିମାନବନ୍ଦର ଭିଡ଼ ଏବଂ ପରିଚାଳନାଗତ ଆବଶ୍ୟକତା ଅନ୍ତର୍ଭୁକ୍ତ। ଆମର ଦଳଗୁଡ଼ିକ ଯଥାଶୀଘ୍ର କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ କଠିନ ପରିଶ୍ରମ କରୁଛନ୍ତି। ଏହା ବ୍ୟତୀତ, ଆମେ ପ୍ରଭାବିତ ଗ୍ରାହକମାନଙ୍କୁ ବିକଳ୍ପ ବିମାନ ବିକଳ୍ପ କିମ୍ବା ପ୍ରଯୁଜ୍ୟ ହେଲେ ଫେରସ୍ତ ପ୍ରଦାନ କରୁଛୁ, ଜଣେ ଏୟାରଲାଇନ୍ସ ମୁଖପାତ୍ର କହିଛନ୍ତି।

ଏହା ବ୍ୟତୀତ, ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଚଳାଚଳ ମଧ୍ୟ ପ୍ରତିକୂଳ ଭାବରେ ପ୍ରଭାବିତ ହୋଇଥିଲା କାରଣ ମାଇକ୍ରୋସଫ୍ଟ ୱିଣ୍ଡୋଜ ସିଷ୍ଟମ୍ ବିଭ୍ରାଟ ଯୋଗୁଁ ବିଭିନ୍ନ ବିମାନବନ୍ଦରରେ ଚେକ୍-ଇନ୍ ସିଷ୍ଟମ୍ ବାଧାପ୍ରାପ୍ତ ହୋଇଥିଲା। ଅତି କମରେ ଚାରୋଟି ବାହକ - ଇଣ୍ଡିଗୋ, ସ୍ପାଇସ୍ ଜେଟ୍, ଆକାସା ଏୟାର ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ - ପ୍ରଭାବିତ ହୋଇଥିଲା। ବିମାନ ଚଳାଚଳ ପରିଚାଳନା ପାଇଁ ବିମାନ କମ୍ପାନୀମାନେ ମାନୁଆଲ୍ ଚେକ୍-ଇନ୍ ଏବଂ ବୋର୍ଡିଂ ପ୍ରକ୍ରିୟା ଗ୍ରହଣ କରିଥିଲେ।

ଦିଲ୍ଲୀ ବିମାନବନ୍ଦର ମଧ୍ୟ ଏକ୍ସ ଉପରେ ଏକ ପରାମର୍ଶଦାତା ପୋଷ୍ଟ କରିଛି ଏବଂ କହିଛି ଯେ କିଛି ଘରୋଇ ବିମାନ କମ୍ପାନୀ କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି, ଯାହା ସମ୍ଭାବ୍ୟ ଭାବରେ ବିଳମ୍ବ କିମ୍ବା ସମୟସୂଚୀ ବାଧା ସୃଷ୍ଟି କରିପାରେ। 'ଆମର ଅନ୍-ଗ୍ରାଉଣ୍ଡ ଦଳଗୁଡ଼ିକ ଏକ ସୁଗମ ଏବଂ ଦକ୍ଷ ଯାତ୍ରୀ ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ସମସ୍ତ ଅଂଶୀଦାରଙ୍କ ସହିତ କଠିନ ପରିଶ୍ରମ କରୁଛନ୍ତି,' ପ୍ରତିଦିନି ସକାଳ ୭.୪୦ରେ ଏକ୍ସ ଉପରେ ଏକ ପୋଷ୍ଟରେ କହିଛି। ଡିସେମ୍ବର ୨ରେ, ବେଙ୍ଗାଲୁରୁରୁ ହାଇଦ୍ରାବାଦ, ବିଜୟୱାଡା ଏବଂ ନାଗପୁରକୁ ଯାଉଥିବା ତିନୋଟି ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିଳମ୍ବ ହୋଇଥିଲା।

## ରାସ୍ତାକୁ ଓହ୍ଲାଇବେ ଶିକ୍ଷକ ଓ ଅଧ୍ୟାପକ

**ଭୁବନେଶ୍ୱର,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ହଜାର ହଜାର ଶିକ୍ଷକ ଓ ଶିକ୍ଷାକର୍ମଚାରୀ ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି । ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ଏବଂ ଅବସର ନେଉଥିବା ଓ ନେଇଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି ଆଦି ଦାବି ପୂରଣ ନିମନ୍ତେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ ନକରିବା ପ୍ରତିବାଦରେ ଅଧ୍ୟାପକ, ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଉଛନ୍ତି ବୋଲି ସମନ୍ୱୟ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନାଥାଉକି, ସେପ୍ଟେମ୍ବର ୫ ତାରିଖ ପବିତ୍ର ଗୁରୁ ଦିବସରେ ହଜାର ହଜାର ଶିକ୍ଷକ ଗାନ୍ଧିମାର୍ଗରେ ସମବେତ ହୋଇ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଇତିମଧ୍ୟରେ ସରକାରଙ୍କ ସହ ଅନେକ ଥର ସାକ୍ଷାତ୍ ହୋଇସାରିଲାଣି। ସରକାର ଏକ କମିଟି ଗଠନ କରି ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରିବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାବତ୍ ସେ ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇ ନାହାଁନ୍ତି। ଗୋଟିଏ ଗଣତାନ୍ତ୍ରିକ ରାଜ୍ୟରେ ଶିକ୍ଷକସମାଜ ସମସ୍ତ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଗଢୁଥିବା ତଥା ରାଜ୍ୟ ଶିକ୍ଷାବ୍ୟବସ୍ଥାର ଅର୍ଦ୍ଧାଧିକ ଭାଗ ସମ୍ଭାଳୁଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ତାଙ୍କର ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଶିକ୍ଷକ କର୍ମଚାରୀମାନେ ସରକାରଙ୍କର ସମସ୍ତ କାର୍ଯ୍ୟରେ ସହଯୋଗ କରିଆସୁଥିଲେ ମଧ୍ୟ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଗୁଡ଼ିକ ଅନୁଦାନ ପାଇବାରୁ ବଞ୍ଚିତ। ଅନେକ ଅନୁଦାନ ଯୋଗ୍ୟ ବିଦ୍ୟାଳୟରୁ ଶିକ୍ଷକ କର୍ମଚାରୀମାନେ ଶୂନ୍ୟ ହସ୍ତରେ ଅବସର ନେଉଛନ୍ତି ଓ ମୃତ୍ୟୁବରଣ କରୁଛନ୍ତି। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଶିକ୍ଷକମାନେ ଅବସର ନେଇଯିବା ପରେ ମଧ୍ୟ ସେହି ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା ନଥିବାରୁ ବିଦ୍ୟାଳୟ ଗୁଡ଼ିକ ଶିକ୍ଷକ ଶୂନ୍ୟ ହେବାକୁ ବସିଲାଣି। କାରଣ ସେହି ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା ନାହିଁ। ଏହି ବର୍ଗର ଶିକ୍ଷକଟି ଅବସର ପରେ ଚାକିରି ସର୍ତ୍ତାବଳୀ ଓ ପେନସନ୍ ସୁବିଧାରୁ ବଞ୍ଚିତ। ଅବସର ପରେ ଶିକ୍ଷକଟିଏ ବଞ୍ଚିବାର ରାହା ପାଏ ନାହିଁ କିମ୍ବା ଅବସର ବାସି ଚାହା କପ୍‌ଟିଏ ପିଇବା ପାଇଁ ତା ପାଖରେ ସମ୍ବଳ ନଥାଏ। ତେଣୁ ପରିଣତ ବୟସରେ ବାଧ ହୋଇ ମୂଳଲାଗି ନିଜପାଇଁ ଅର୍ଥ ଯୋଗାଡ଼ କରି ଔଷଧପତ୍ର ଆଦି ଖର୍ଚ୍ଚ ମେଣ୍ଟାଇଥାଏ। ସେମାନଙ୍କ ପରିବାର ମଧ୍ୟ ତାଙ୍କୁ ଏକ ସଦସ୍ୟ ଭାବେ ବିବେଚନା କରନ୍ତି ନାହିଁ। ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ କୌଣସି ସରକାରୀ ସୁବିଧା ଯଥା-ମାଗଣା ପୋଷକ, ବହି, ସାଇକେଲ, ମେଧାବୃତ୍ତି, ମଧ୍ୟାହ୍ନଭୋଜନ ପ୍ରଭୃତି ସରକାରୀ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ଓଡ଼ିଶାର ଜଣେ ଜଣେ ଭବିଷ୍ୟତ ନାଗରିକ ହିସାବରେ ସେମାନେ ନିଜର ହକ୍‌ରୁ ବଞ୍ଚିତ ଅଟନ୍ତି। ଏହା ମାନବାଧିକାର ଆଇନର ଖୋଲା ଉଲଂଘନ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି। ତେଣୁ ସରକାର ଆଉ ଟାଳଟୁଳ ନୀତି ଅବଲମ୍ବନ ନକରି ଯଥାଶୀଘ୍ର ସମସ୍ୟାର ସମାଧାନ କଲେ ଓଡ଼ିଶାର ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ଅବସ୍ଥା ସୁଧୁରିବା ସହିତ ବିଦ୍ୟାଳୟଗୁଡ଼ିକରେ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି ହେବ।

## ବିବାଦରେ ସାମନ୍ଥାର ବିବାହ !

**ସିନେମାଫିନେମା ଟିଭିଫିଭି**

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ। ସିକ୍ରେଟଲି ବିବାହ କରିବା ପରେ ଚର୍ଚ୍ଚାରେ ଅଛନ୍ତି। ସାମନ୍ଥା ଏବଂ ରାଜଙ୍କ ବିବାହର ବିଶେଷ କଥା ହେଉଛି ଦୁହିଁଙ୍କର ଏହା ଦ୍ୱିତୀୟ ବିବାହ। ସାମନ୍ଥା ପୂର୍ବରୁ ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ। ରାଜ ନିଦିମୋରୁଙ୍କ ପୂର୍ବରୁ ଶ୍ୟାମଳୀ ଦେଙ୍କୁ ବିବାହ କରିଥିଲେ। ହେଲେ ଏବେ ପ୍ରଶ୍ନ ଉଠୁଛି ଶ୍ୟାମଳୀ ଏବଂ ରାଜ ସେମାନଙ୍କ ଛାଡପତ୍ରକୁ କନଫର୍ମ କରି ନାହାଁନ୍ତି। ଏହି କାରଣରୁ ସାମନ୍ଥା ଏବଂ ରାଜଙ୍କ ବିବାହ ଉପରେ ବିବାଦ ଆରମ୍ଭ ହୋଇଛି। ସେମାନଙ୍କ ବିବାହ ମଧ୍ୟରେ, ଶ୍ୟାମଳୀଙ୍କ ବନ୍ଧୁଙ୍କର ଏକ ପୋଷ୍ଟ ଭାଇରାଲ ହେଉଛି।



ସାମନ୍ଥା ଏବଂ ରାଜଙ୍କ ଦ୍ୱିତୀୟ ବିବାହରେ ନୂଆ ମୋଡ଼ ଆସିଛି। ଉଭୟଙ୍କ ବିବାହ ପରେ, ଚଳଚ୍ଚିତ୍ର ନିର୍ମାତାଙ୍କ ପୂର୍ବ ପତ୍ନୀ ଶ୍ୟାମଳୀଙ୍କ ଏକ ପୁରୁଣା ପୋଷ୍ଟ ଭାଇରାଲ ହେଉଛି। ସେ ଦାବି କରିଛନ୍ତି ଯେ ରାଜ ନିଦିମୋରୁ ତାଙ୍କ ପ୍ରଥମ ପତ୍ନୀଙ୍କ ଠାରୁ ଛାଡପତ୍ର ନେଇ ନାହାଁନ୍ତି, ବରଂ ଦୁହେଁ ଏପର୍ଯ୍ୟନ୍ତ ବିବାହିତ। ମାତ୍ର ପାଞ୍ଚ ଦିନ ପୂର୍ବରୁ, ଶ୍ୟାମଳୀ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଛନ୍ତି ଯେଉଁଥିରେ ଜଣେ ମହିଳାଙ୍କୁ ତାଙ୍କ କେଶରେ ସିନ୍ଦୁର ଏବଂ କପାଳରେ ଲାଲ ବିନ୍ଦି ପିନ୍ଧିଥିବା ଦେଖାଯାଇଛି। କିନ୍ତୁ ମହିଳାଙ୍କ ଆଖି ବନ୍ଦ ଅଛି। ପୋଷ୍ଟର କ୍ୟାପସନରେ ଉଲ୍ଲେଖ ଥିଲା ଯେ ସମ୍ପର୍କ, ସ୍ୱାମୀ ଏବଂ ସ୍ତ୍ରୀ, ପିଲା କିମ୍ବା ପଶୁ ହେଉ, ସମସ୍ତ ସେମାନଙ୍କ ପୂର୍ବ ଜୀବନର କର୍ମର ପରିଣାମ।

ତେବେ ଶ୍ୟାମଳୀ ଦେଙ୍କ ଏହି ପୋଷ୍ଟକୁ ତାଙ୍କ ବନ୍ଧୁ ଭାବନା ରି-ପୋଷ୍ଟ କରିଥିଲେ ସତ ହେଲେ କୌଣସି କ୍ୟାପସନ ଦେଇ ନଥିଲେ। ସେହି ଫଟୋରେ ଏପରି କିଛି ଲେଖିଥିଲେ ଯାହା ଏବେ ପ୍ରଶ୍ନ ଉଠିଛି। ଭାବନା ଲେଖିଛନ୍ତି, ଯେଉଁମାନେ ମୋତେ ପଚାରୁଛନ୍ତି, ଶେଷ ଥର ପାଇଁ ମୁଁ ଚେକ୍ କରିଥିଲି, ସେ ବିବାହିତ ଥିଲେ, ଏବଂ ସେ ଏବେ ବି ଅଛନ୍ତି,। କେବଳ ସେତିକି ନୁହେଁ, ଭାବନା ଏହି ପୋଷ୍ଟ ସେୟାର କରିବା ପରେ କମେଣ୍ଟ ସେକସନ୍‌କୁ ମଧ୍ୟ ବନ୍ଦ କରି ଦେଇଛନ୍ତି। ତାଙ୍କ ପୋଷ୍ଟ ସାମନ୍ଥା ଏବଂ ରାଜଙ୍କ ବିବାହ ବିଷୟରେ ଅନେକ ପ୍ରଶ୍ନ ଉଠାଇଛି। ରାଜଙ୍କୁ ମଧ୍ୟ ପ୍ରଶ୍ନ କରାଯାଉଛି ସେ ତାଙ୍କୁ କାହିଁକି ଛାଡପତ୍ର ଦେଇନାହାଁନ୍ତି।

କେବଳ ଭୁବନେଶ୍ୱର ନୁହେଁ ରାଜ୍ୟର ଅନୁଗୁଳ, ଝାରସୁଗୁଡ଼ା, ରାଉରକେଲା ଏବଂ ତାଳଚେର ଭଳି ସହରାଞ୍ଚଳରେ ମଧ୍ୟ ଏକ୍ୟୁଆଇ ବିପଜ୍ଜନକ ସ୍ତରରେ ରହିଛି । ଖଣିଖାଦାନ, କଳକାରଖାନା, ଗାଡ଼ିମଟରର ସଂଖ୍ୟା ବୃଦ୍ଧି ଏକ୍ୟୁଆଇ ସ୍ତରକୁ ବଢ଼ାଉଛି । ପରିବେଶବିତ୍‌ମାନେ ମତ ଦିଅନ୍ତି ସହରାଞ୍ଚଳରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଯୋଗୁଁ ମଧ୍ୟ ବାୟୁରେ ଧୂଳୀକଣାର ପରିମାଣ ବଢ଼ିଯାଉଛି । ନିୟମ ଅନୁଯାଇ ଯେଉଁ ସ୍ଥାନରେ ଘର କିମ୍ବା ଆପାର୍ଟମେଣ୍ଟ ତିଆରି ହେଉଛି ସେଠାରେ ଚାରିପଟୁ ଜରିପାଲ ଦ୍ୱାରା ଆବଦ୍ଧ କରାଯିବା ଦରକାର, ଯାହାଫଳ କି ଏହା ଧୂଳୀକଣାକୁ ରୋକିପାରିବ । ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିବନି । ଯେଉଁମାନେ ଏହାର ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ କଠୋର ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ସହିତ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବାର ବ୍ୟବସ୍ଥା ରହିଛି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର

୪ ଡିସେମ୍ବର, ୨୦୨୫ ଗୁରୁବାର

ଓଡ଼ିଶା ଏକ୍ସପ୍ରେସ୍


## ପ୍ରଦୂଷଣ ହୋଇପାରେ ବିକାଶର ବାଧକ !

ଯେଉଁସବୁ ଆଇନ୍‌ର ଉଲ୍ଲଂଘନ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଥାଏ ସେ ଦିଗରେ କଠୋର ପଦକ୍ଷେପ ନିଆଯିବା ଦରକାର । ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରୁଛି, ଶ୍ୱାସଜନିତ ରୋଗ ଏହି କାରଣରୁ ବଢ଼ୁଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି । ଦିଲ୍ଲୀରେ ତ ଅବସ୍ଥା ଏଭଳି ହେଲା ଯେ ଡାକ୍ତରମାନେ ଲୋକଙ୍କୁ କିଛିଦିନ ପାଇଁ ଦିଲ୍ଲୀ ବାହାରକୁ ଚାଲିଯିବା ପାଇଁ ପରାମର୍ଶ ମଧ୍ୟ ଦେଇଥିଲେ । ଅଫିସ୍ ନଆସି ଘରେ ରହି କାର୍ଯ୍ୟ କରିବାର ନିର୍ଦ୍ଦେଶନାମା ମଧ୍ୟ ଜାରି କରାଯାଇଥିଲା ।

ପ୍ରଦୂଷଣ ପ୍ରଭାବରେ ସ୍ୱାସ୍ଥ୍ୟହାନି ଘଟିଲେ ଏହା ପରୋକ୍ଷରେ ଦେଶ ବିକାଶରେ ଯେ ବାଧା ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ । ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହିଲେ କାମର ଗୁଣାତ୍ମକ ମାନ ଏବଂ କର୍ମଚାରୀଙ୍କ ପ୍ରଦର୍ଶନ ମଧ୍ୟ କମିବ । ତେଣୁ ବିକାଶ ପାଇଁ ଲୋକଙ୍କ ସୁସ୍ଥତା ଏକାନ୍ତ ଜରୁରୀ । ସୁପ୍ରିମ୍‌କୋର୍ଟ ମତ ଦିଅନ୍ତି ସମ୍ବିଧାନର ଧାରା ୨୧ରେ ଉଲ୍ଲେଖ ରହିଛି– ବାୟୁ ପ୍ରଦୂଷଣ ମଣିଷର ବଞ୍ଚିବାର ଅଧିକାରକୁ ଉଲ୍ଲଂଘନ କରିଥାଏ । ତେଣୁ ପ୍ରଦୂଷଣ ବଢ଼ାଉଥିବା ବ୍ୟକ୍ତି ଏବଂ କଳକାରଖାନା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି । ଏ ଦିଗରେ ଶୂନ୍ୟ ସହନଶୀଳ ନୀତି ଆପଣାଯିବା ଦରକାର । ଏକ ସର୍ବେକ୍ଷଣରୁ ଜଣାଯାଇଛି– ଚିକିତ୍ସା ବାବଦ ଖର୍ଚ୍ଚ ପାଇଁ ଲୋକେ ଗରିବ ହୋଇଯାଉଛନ୍ତି । ଲୋକଙ୍କ ସଂଚୟ ଚିକିତ୍ସାରେ ଶେଷ ହୋଇଯାଉଛି । ଏବେ ଉନ୍ନତମାନର ଚିକିତ୍ସା ଖୁବ୍ ବ୍ୟୟବହୁଳ ହୋଇପଡ଼ିଛି । ପ୍ରଦୂଷଣ ପ୍ରଭାବରେ ହୃଦ୍‌ରୋଗ ଏବଂ ଫୁସ୍‌ଫୁସ୍ ଜନିତ ରୋଗ ବଢ଼ିବାରେ ଲାଗିଛି । ଯେଉଁସବୁ ରୋଗର ଚିକିତ୍ସା ଖୁବ୍ ବ୍ୟୟବହୁଳ ଏବେ । ପ୍ରଦୂଷିତ ପରିବେଶ ପାଇଁ ଲୋକେ ଅଧିକ ରୋଗାକ୍ରାନ୍ତ ହୋଇପଡୁଛନ୍ତି । ଏହା ସହିତ ଅସୁସ୍ଥତାର ଆଉ ଏକ ବଡ଼ କାରଣ ହେଉଛି– ଅପମିଶ୍ରିତ ଏବଂ ନକଲି ଖାଦ୍ୟ । ନକଲି ଖାଦ୍ୟ ଏବଂ ଔଷଧର ଏକ ସମାନ୍ତରାଳ ବଜାର ସୃଷ୍ଟି ହୋଇଛି ଦେଶରେ । ତେଣୁ ମଣିଷ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ପ୍ରତିଟି ଦିଗ ପ୍ରତି ସରକାର କଠୋର ହେବାର ସମୟ ଆସିଛି । ପ୍ରଦୂଷଣ ଗାଇଡ୍ ଲାଇନ୍ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ପ୍ରତି ତ୍ୱରିତ, କଠୋର ଏବଂ ଦୃଷ୍ଟାନ୍ତମୂଳକ ଦଣ୍ଡର ଆବଶ୍ୟକତା ରହିଛି, ନହେଲେ ପରିବେଶ ପ୍ରଦୂଷଣ ଯେ ଦେଶ ବିକାଶର ବାଧକ ସାଜିବ ଏଥିରେ ସନ୍ଦେହ ନାହିଁ ।

ଓଡ଼ିଶାର ପ୍ରମୁଖ ସହରଗୁଡ଼ିକରେ ବାୟୁର ଗୁଣବତ୍ତା ବିପଜ୍ଜନକ ସ୍ତରରେ ରହୁଥିବାରୁ ଫୁସ୍‌ଫୁସ୍ ଜନିତ ସମସ୍ୟା ଅଧିକରୁ ଅଧିକ ସଂଖ୍ୟକ ଲୋକଙ୍କଠାରେ ଦେଖିବାକୁ ମିଳୁଛି ବୋଲି ଚିକିତ୍ସା ବିଜ୍ଞାନୀମାନେ ମତ ଦେଉଛନ୍ତି । ଆମ ଦେଶର ରାଜଧାନୀ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ଅଧିକାଂଶ ସମୟରେ ଖୁବ୍ ବିପଜ୍ଜନକ ସ୍ତରରେ ରହୁଛି । ଦିଲ୍ଲୀରେ ଏହା ପ୍ରାୟ ୪୦୦ ରହୁଥିବା ବେଳେ ଆଖପାଖ ସହରରେ ୩୦୦ ଉପରେ ରହୁଛି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଏକ୍ୟୁଆଇ ପରିମାଣ ୧୫୦ରୁ ୨୦୦ ଭିତରେ ରହିବା ପରିବେଶ ବିଜ୍ଞାନୀମାନଙ୍କୁ ଚିନ୍ତିତ କରିଛି । ଏକ୍ୟୁଆଇ ପରିମାଣ ୧୦୦ରୁ ତଳକୁ ରହିଲେ ଏହା ଚଳନୀୟ। ୬୦ରୁ ତଳକୁ ରହିଲେ ଏହା ସର୍ବୋତମ ବୋଲି କୁହାଯାଏ ।

କେବଳ ଭୁବନେଶ୍ୱର ନୁହେଁ ରାଜ୍ୟର ଅନୁଗୁଳ, ଝାରସୁଗୁଡ଼ା, ରାଉରକେଲା ଏବଂ ତାଳଚେର ଭଳି ସହରାଞ୍ଚଳରେ ମଧ୍ୟ ଏକ୍ୟୁଆଇ ବିପଜ୍ଜନକ ସ୍ତରରେ ରହିଛି । ଖଣିଖାଦାନ, କଳକାରଖାନା, ଗାଡ଼ିମଟରର ସଂଖ୍ୟା ବୃଦ୍ଧି ଏକ୍ୟୁଆଇ ସ୍ତରକୁ ବଢ଼ାଉଛି । ପରିବେଶବିତ୍‌ମାନେ ମତ ଦିଅନ୍ତି ସହରାଞ୍ଚଳରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଯୋଗୁଁ ମଧ୍ୟ ବାୟୁରେ ଧୂଳୀକଣାର ପରିମାଣ ବଢ଼ିଯାଉଛି । ନିୟମ ଅନୁଯାଇ ଯେଉଁ ସ୍ଥାନରେ ଘର କିମ୍ବା ଆପାର୍ଟମେଣ୍ଟ ତିଆରି ହେଉଛି ସେଠାରେ ଚାରିପଟୁ ଜରିପାଲ ଦ୍ୱାରା ଆବଦ୍ଧ କରାଯିବା ଦରକାର, ଯାହାଫଳ କି ଏହା ଧୂଳୀକଣାକୁ ରୋକିପାରିବ । ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିବନି । ଯେଉଁମାନେ ଏହାର ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ କଠୋର ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ସହିତ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବାର ବ୍ୟବସ୍ଥା ରହିଛି । କିନ୍ତୁ ନଗର ଉନ୍ନୟନ ବିଭାଗ ସମେତ ବିଏମ୍‌ସି, ବିଡିଏ ଏବଂ ଅନୁରୂପ ସଂସ୍ଥାମାନେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉନଥିବାରୁ ଏହା ବାୟୁ ପ୍ରଦୂଷଣର କାରଣ ପାଲଟିଛି ।

# ସବୁରେ ତୋ’ ହାତ, ଗୋପନେ ନିହିତ

## ସତ କହିବାକୁ କିଆଁ ଡରିବି

◆ ଅମ୍ବିକା ପ୍ରସାଦ ଦାସ ◆

**ବିମାନ ବନ୍ଦରରୁ ମୋତେ ତାଙ୍କ ସାଥିରେ ନେଲେ। କହିଲେ, ଆପଣ ଆପଣଙ୍କ ଗନ୍ତବ୍ୟସ୍ଥଳକୁ ଯିବା ପୂର୍ବରୁ ଆମ ଦପ୍ତରରେ ଥିବା ମୋ’ ପ୍ରକୋଷ୍ଠକୁ ଟିକେ ଚାଲନ୍ତୁ । ଦୁଇ ମିନିଟ୍‌ରେ ଫେରିଯିବେ । ତାଙ୍କ ଲାଗି ଉଦ୍ଦିଷ୍ଟ ବିରାଟ ପ୍ରକୋଷ୍ଠର ଉତ୍ତର-ପୂର୍ବ କୋଣରେ ପୂଜା ପାଉଥାନ୍ତି ତ୍ରିମୂର୍ତ୍ତି- ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ। ଲାଗୁଥାଏ ଯେମିତି ସେଇ ପ୍ରକୋଷ୍ଠରେ ମହାପ୍ରଭୁ ତାଙ୍କ ଆଡ଼କୁ ଚାହିଁଛନ୍ତି ଓ କହୁଛନ୍ତି- ‘ମୁଁ ଅଛି, ନିର୍ଦ୍ୱନ୍ଦ୍ୱରେ ଚିନ୍ତାମୁକ୍ତ ହୋଇ କାମ କରିଚାଲ ।’**

ସେଦିନ ଇଣ୍ଡିଗୋ ବିମାନର ପ୍ରଥମ ଧାଡ଼ିରେ ମୋ’ ପାଖରେ ବସିଥାନ୍ତି ଜଣେ ସହଯାତ୍ରୀ । ଆସନଟି ତାଙ୍କ ଲାଗି ଉପଯୁକ୍ତ ହେଉନଥିଲେ ହେଁ ବାଧ୍ୟବାଧକତାରେ ବସିଥାନ୍ତି ସେ । ବୋର୍ଡିଂ ସରିଲା, ତାଙ୍କ ପାଖ ସିଟ୍‌ଟି ଫାଙ୍କାଥାଏ। ତାହା ତାଙ୍କ ଲାଗି ଠିକ୍ ହେବ ଭାବି କହିଲି– ଆପଣ ଖାଲିଥିବା ସିଟ୍‌କୁ ଯାଇ ଭଲରେ ବସନ୍ତୁ। ସେ କିନ୍ତୁ ତାଙ୍କ ପାଇଁ ଉଦ୍ଦିଷ୍ଟ ଆସନରୁ ଖାଲିଥିବା ଆସନକୁ ଯିବା ଲାଗି ଚାହୁଁନଥିଲେ, କାଳେ ତାହା ତାଙ୍କ ଲାଗି ଅନୁଚିତ ଆଚରଣ ହେବ । ପରେ ବିମାନ ପରିଚାରିକା ଆସି ତାଙ୍କ ଲାଗି ଫାଙ୍କା ଆସନରେ ବସିବାର ବ୍ୟବସ୍ଥା କଲେ । କିଛି ସମୟ ପରେ ମୋ’ ଆଡ଼କୁ ଚାହିଁଲେ ସେ । ତାଙ୍କ ପାଇଁ ମୋ’ ଆବେଗକୁ ନେଇ ଧନ୍ୟବାଦ ଦେଲାବେଳେ ପଚାରିଲେ– ଆପଣ ମୋତେ ଜାଣିଛନ୍ତି?

ମୁଁ କହିଲି– ନା’।

ଏବେ ସେ ତାଙ୍କ ପରିଚୟ ଦେଲେ, କହିଲେ– ସେ ହେଉଛନ୍ତି ଜଷ୍ଟିସ୍ ଷଡ଼ଙ୍ଗୀ । ଶରୀର ହୃଷ୍ଟପୁଷ୍ଟ, ମୁହଁରେ ପ୍ରସନ୍ନ ଭାବ । ନାଁ ସିନା ଶୁଣିଲା ଭଳି ଲାଗୁଥିଲା ଦେଖିନଥିଲି କେବେ ।

କଥା ପ୍ରସଙ୍ଗରେ ଜାଣିବାକୁ ପାଇଲି ଯେ, ସେ ଓଡ଼ିଶା ହାଇକୋର୍ଟରେ ଦଶବର୍ଷ ବିଚାରପତି ଓ ପଡ଼ୋଶୀ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରି ଅବସର ନେଲା ପରେ ଗତ କିଛିମାସ ତଳେ ଜାତୀୟ ମାନବାଧିକାର କମିଶନର ସଦସ୍ୟ ଭାବେ ଦିଲ୍ଲୀରେ ଅବସ୍ଥାପିତ ହୋଇଛନ୍ତି ।

ସେଦିନ ତାଙ୍କର ଦିନ ୧୧ଟା ବେଳେ ମିଟିଂ ଥାଏ । ଦିଲ୍ଲୀସ୍ଥିତ ଆବାସସ୍ଥଳୀକୁ ଯାଇ ଠିକ୍ ସମୟରେ ମିଟିଂରେ ପହଞ୍ଚିବା ସମ୍ଭବ ନଥିବାରୁ ସିଧା ବିମାନରୁ ଓହ୍ଲାଇ ଦିଲ୍ଲୀସ୍ଥିତ ତାଙ୍କ ଦପ୍ତରକୁ ଯିବା ଲାଗି ପ୍ରସ୍ତୁତ ହୋଇ ଆସିଥାନ୍ତି ସେ ।

ମୁଁ କହିଲି– ବିଚାରପତି ବା ଉଚ୍ଚ ପଦପଦବୀରେ ଥିବା ବ୍ୟକ୍ତିଙ୍କ ପାଖରେ ସାଧାରଣତଃ ଦେଖିବାକୁ ମିଳେ ଗମ୍ଭୀର ଭାବ, ଆପଣ କିପରି ତା’ର ବ୍ୟତିକ୍ରମ?

ସେ କହିଲେ– ସଂସାରରେ କିଛି ବି ସ୍ଥାୟୀ ନୁହେଁ, ପଦପଦବୀ ଅଳିକ ମାତ୍ର । ଜଗନ୍ନାଥେ ଯେତିକି ଦେଇଛନ୍ତି ଯଥେଷ୍ଟ । ପୂର୍ଣ୍ଣ ସ୍ୱଚ୍ଛତା ଓ ନିଷ୍ଠାର ସହ କାମ କଲାବେଳେ ବରାବର ସହାୟ ହୋଇଛନ୍ତି ମହାପ୍ରଭୁ । ନହେଲେ ଦେଢ଼ ଲକ୍ଷ ମାମଲାର ଫଇସଲା କରିବା କ’ଣ ସମ୍ଭବ ହୋଇଥାନ୍ତା? ଯଦି ମଣିଷ ପ୍ରାପ୍ତିରେ ସନ୍ତୁଷ୍ଟ ହେବ ତେବେ ନିଶ୍ଚେ ତା’ ପାଖରେ ରହିବ ପ୍ରସନ୍ନ ଭାବ । ଯେତିକି ମିଳିଛି ତାହା ମହାପ୍ରଭୁଙ୍କ ଦୟାରୁ, ଯାହା ନ ମିଳିଛି ତାହା ନିଶ୍ଚେ ଭଲ ପାଇଁ ହୋଇଥିବ ବୋଲି ଧରିନିଏ । ଏତେବର୍ଷ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କଲାପରେ ଅନେକେ ଆଶା କରୁଥିଲେ ସର୍ବୋଚ୍ଚ ଅଦାଲତକୁ ଯିବି । କିନ୍ତୁ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ମିଳିଲା ମୋତେ । ସେଠିକାର ଅନୁଭବ ଓ ଅନୁଭୂତି ଥିଲା ନିଆରା ।

ମୁଁ କହିଲି– ବାଘର ଲାଞ୍ଜ ହେବା ଅପେକ୍ଷା ବିଲେଇର ମୁଣ୍ଡ ହେବା ବରଂ ଭଲ । ବୋଧହୁଏ ଭଗବାନ ଆପଣଙ୍କୁ ସର୍ବୋଚ୍ଚ ଅଦାଲତରେ ଅନ୍ୟତମ ବିଚାରପତି ବଦଳରେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ପଦବୀରେ ଅବସ୍ଥାପିତ କଲେ । ତେବେ ଭଗବାନ ଯାହା କରନ୍ତି ଭଲ ପାଇଁ ନିଶ୍ଚେ ।

ସାବର ଶ୍ରୀକ୍ଷେତ୍ର ଭାବେ ପରିଚିତ କଣ୍ଟିଲୋ। ନୀଳମାଧବଙ୍କ ଅଲୌକିକ ଲୀଳା, ସେଠିକାର ପୂଜାର୍ଚ୍ଚନା, ସର୍ବୋପରି ଜଗନ୍ନାଥଙ୍କ ମହିମା ଓ ଆଶ୍ରିତଙ୍କ ପ୍ରତି ତାଙ୍କ କୃପା, କରୁଣାକୁ ନେଇ ଚର୍ଚ୍ଚା ଭିତରେ କେତେବେଳେ ବିମାନଟି ଦିଲ୍ଲୀର ନିକଟବର୍ତ୍ତୀ ହେଲାଣି ଜାଣି ହେଲାନି । ବିମାନ ବିଳମ୍ବରେ ଛାଡ଼ିବା କାରଣରୁ ୧୧ଟାରେ ନିର୍ଦ୍ଧାରିତ ମିଟିଂରେ ପହଞ୍ଚିବା ଅସମ୍ଭବ ଲାଗୁଥାଏ । ମିଟିଂରେ ବିଳମ୍ବ କାରଣରୁ ନିଜ ପାଖରେ ଛୋଟ ହେବାକୁ ଚାହୁଁନଥିଲେ ସେ । ହେଲେ ବିମାନ ଅବତରଣ କଲା ମାତ୍ରେ ହେଲା ଚମତ୍କାର । ତାଙ୍କ ମୋବାଇଲ ରିଂ ହେଲା, ସେପଟୁ କଲ୍ କରିଥିବା ବ୍ୟକ୍ତି କହୁଥାନ୍ତି– ଆଜିର ମିଟିଂ ୧୧ଟା ପରିବର୍ତ୍ତେ ସାଢ଼େ ୧୨ଟାରେ ହେବ । କଲ୍‌ଟି କାଟି ମୋ’ ଆଡ଼କୁ ଚାହିଁଲେ ସେ । କହିଲେ– ଦେଖିଲେ ତ, ଜଗନ୍ନାଥଙ୍କ ଚମତ୍କାର!! ବିମାନର ବିଳମ୍ବ କାରଣରୁ ମିଟିଂରେ ବିଳମ୍ବରେ ପହଞ୍ଚିବାଜନିତ ଗ୍ଲାନିରେ ରହିବାକୁ ଦେଲେନି ସେ । ସେଥିଲାଗି ସେପଟୁ ସମୟ ବଦଳିଗଲା ।

ମୁଁ କହିଲି– ମହାପ୍ରଭୁ କେବେବି ତାଙ୍କ ଆଶ୍ରିତଙ୍କୁ ଛୋଟ ହେବାକୁ ଦିଅନ୍ତି ନାହିଁ । କେବଳ ତାଙ୍କ ପାଖରେ କର୍ମ ସମର୍ପଣ ହିଁ ଯଥେଷ୍ଟ ।

ମୋ କଣ୍ଠରେ ଜଗନ୍ନାଥଙ୍କର ଏକ ଭଜନ ରେକର୍ଡ ହୋଇଥିବା ଜାଣି ଖୁସି ହେଲେ ସେ ।

ବିମାନ ବନ୍ଦରରୁ ମୋତେ ତାଙ୍କ ସାଥିରେ ନେଲେ। କହିଲେ, ଆପଣ ଆପଣଙ୍କ ଗନ୍ତବ୍ୟସ୍ଥଳକୁ ଯିବା ପୂର୍ବରୁ ଆମ ଦପ୍ତରରେ ଥିବା ମୋ’ ପ୍ରକୋଷ୍ଠକୁ ଟିକେ ଚାଲନ୍ତୁ । ଦୁଇ ମିନିଟ୍‌ରେ ଫେରିଯିବେ । ତାଙ୍କ ଲାଗି ଉଦ୍ଦିଷ୍ଟ ବିରାଟ ପ୍ରକୋଷ୍ଠର ଉତ୍ତର–ପୂର୍ବ କୋଣରେ ପୂଜା ପାଉଥାନ୍ତି ତ୍ରିମୂର୍ତ୍ତି– ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ। ଲାଗୁଥାଏ ଯେମିତି ସେଇ ପ୍ରକୋଷ୍ଠରେ ମହାପ୍ରଭୁ ତାଙ୍କ ଆଡ଼କୁ ଚାହିଁଛନ୍ତି ଓ କହୁଛନ୍ତି– ‘ମୁଁ ଅଛି, ନିର୍ଦ୍ୱନ୍ଦ୍ୱରେ ଚିନ୍ତାମୁକ୍ତ ହୋଇ କାମ କରିଚାଲ ।’

ସେ କଥା ପ୍ରସଙ୍ଗରେ କହିଲେ–ପୂର୍ବରୁ ଯେଉଁଠି ବି ଯେଉଁ ପଦପଦବୀରେ ଅବସ୍ଥାପିତ ହୋଇଛି ସେଠି ମହାପ୍ରଭୁଙ୍କ ଏହି ବିଗ୍ରହଙ୍କୁ ରଖି ପୂଜାର୍ଚ୍ଚନା ସହ ସକଳ କର୍ମକୁ ତାଙ୍କ ପାଖରେ ସମର୍ପଣ କରିଛି । ତେଣୁ କେବେବି କିଛି ଅସୁବିଧା ହୋଇନି ମୋର ।

ତାଙ୍କଠାରୁ ବିଦାୟ ନେଇ ଫେରିଲା ବେଳେ ଭାବୁଥାଏ– ସତରେ ଚମତ୍କାରୀ ହିଁ ସବୁବେଳେ କରନ୍ତି ଏମିତି ଚମତ୍କାର !! କେବଳ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ନୁହନ୍ତି ପ୍ରତିଟି ଭଗବତ୍ ସମର୍ପିତ ମଣିଷ କ୍ଷେତ୍ରରେ ଏଇଭଳି ଚମତ୍କାର ଘଟିଥାଏ ସବୁବେଳେ, ସବୁ ସମୟରେ । ତାଙ୍କ ପ୍ରତି କର୍ମ ସମର୍ପଣ କରି ଠିକ୍ ରାସ୍ତାରେ ଚାଲୁଥିବା ମଣିଷକୁ କେବେବି ସେ ଛୋଟ କରିବାକୁ ଦିଅନ୍ତି ନାହିଁ । ମଣିଷର କଳ୍ପନାର ଊର୍ଦ୍ଧ୍ୱରେ ଫଳ ଦେଇଥାନ୍ତି ସେ । ଉଚ୍ଚ ପଦରେ ଥିବା କାରଣରୁ ସେ ଚାହିଁଥିଲେ ମିଟିଂ ସମୟକୁ ପରିବର୍ତ୍ତନ କରିପାରିଥାନ୍ତେ । କିନ୍ତୁ ଏଇ କାରଣରୁ ଅନ୍ୟମାନେ ତାଙ୍କୁ ଅପେକ୍ଷା କରି ଭିତରେ ଭିତରେ ଅସନ୍ତୋଷ ବ୍ୟକ୍ତ କରିଥାନ୍ତେ ଯାହା ତାଙ୍କ ସ୍ୱଭାବର ପରିପନ୍ଥୀ । ବିମାନ ପହଞ୍ଚିଲା ୪୫ ମିନିଟ୍ ବିଳମ୍ବରେ । ହେଲେ ମିଟିଂର ସମୟ ଗଡ଼ିଗଲା ଦେଢ଼ଘଣ୍ଟା ତାହାପୁଣି ତାଙ୍କର ବିନା ହସ୍ତକ୍ଷେପରେ । ସେଥିଲାଗି ସମର୍ପିତ ଭକ୍ତ କୁହେ– ସବୁରେ ତୋ’ ହାତ, ଗୋପନେ ନିହିତ, ସବୁ କରୁ ଅନ୍ତରାଳେ... ।

# ବସୁଧୈବ କୁଟୁମ୍ବକମ୍

■ ବିଜୟଲକ୍ଷ୍ମୀ ଶତପଥୀ ■

ଭଗବାନ ସବୁବେଳେ ଆମକୁ ‘ପ୍ରେମ ସ୍ୱରୂପ’ ବୋଲି ସମ୍ବୋଧନ କରିଥାନ୍ତି। ଆମେ ସ୍ୱୟଂ ହିଁ ପ୍ରେମ। ନିଜକୁ ପ୍ରେମ କରିବାକୁ ଆମକୁ କିଛି ବି କଷ୍ଟ କରିବାକୁ ପଡ଼ି ନଥାଏ କାରଣ ଏହା ସ୍ୱାଭାବିକ କଥା। ତେବେ ଏହି ପ୍ରେମକୁ ପ୍ରାପ୍ତ କରିବାରେ ପ୍ରଥମ କିଏ? ତାହା ହେଉଛି ଆମ ପରିବାର। ସମଗ୍ର ବିଶ୍ୱରେ ସଂହତି ପାଇଁ ପରିବାର ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପରିବାର ମଧ୍ୟରେ ସଂହତି ରହିଲେ ହିଁ ସାରା ବିଶ୍ୱରେ ସଂହତି ରହିବ ଏବଂ ପରିବାରରେ ଏକତ୍ୱବୋଧ ହେଉଛି ଏହାର ଚାବି କାଠି। ଏକତ୍ୱ ହେଉଛି ପ୍ରତି ପରିବାରର ପୋଷକ ତ୍ୱ। ଏକତ୍ୱ ହିଁ ଦିବ୍ୟତ୍ୱ। ସମଗ୍ର ସୃଷ୍ଟିରେ ଏକତା ଥିଲେ ମଧ୍ୟ ଆମେ ତା ମଧ୍ୟରେ ବିବିଧତା ହିଁ ଦେଖିଥାଉ। କିନ୍ତୁ ଆମକୁ ବୁଝିବାକୁ ହେବ ଯେ ଏକତ୍ୱ ବିନା ଏ ସୃଷ୍ଟିର ଅସ୍ତିତ୍ୱ ହିଁ ନାହିଁ। ଗୋଟିଏ ଦର୍ପଣ ଘର ଭିତରକୁ ଯେତେବେଳେ କୁକୁରଟିଏ ଯାଏ ସେ ସର୍ବତ୍ର ତାର ପ୍ରତିଛବି କୁକର ହିଁ ଦେଖେ ଓ ଭୟଭୀତ ହୋଇପଡ଼େ। ଜୋର ରେ ଭୋ ଭୋ କଲେ ସବୁ ପଟୁ ତାହା ହିଁ ସେ ଦେଖେ ଏବଂ ଆକ୍ରମଣ କରିବାକୁ ଦର୍ପଣ ଉପରକୁ ଲମ୍ଫ ପ୍ରଦାନ କରେ। ଦର୍ପଣ କାଚଟି ଭାଙ୍ଗିଯାଏ ଏବଂ କୁକୁର ଭାବେ ଯେ ଅନ୍ୟ ସମସ୍ତେ ଚାଲି ଯାଇଛନ୍ତି ଏବଂ ଏବେ ସେ ଭୟମୁକ୍ତ। କିନ୍ତୁ ପ୍ରକୃତରେ ସେ ସବୁ ତ ଥିଲା ତା’ର ହିଁ ପ୍ରତିବିମ୍ବ । ଠିକ ସେହିପରି ଏ ସମ୍ପୂର୍ଣ୍ଣ ସୃଷ୍ଟି ହେଉଛି ଦିବ୍ୟତ୍ୱର ସ୍ଫୁଲିଙ୍ଗ । ବିଶ୍ୱ ରୂପକ ଆଇନାରେ ଆମେ ପ୍ରତ୍ୟେକଙ୍କୁ ନିଜ ପ୍ରତିରୂପ ବୋଲି ଯଦି ଦେଖି ପାରିବା, ତେବେ ହିଁ ଏକତ୍ୱକୁ ଅନୁଭବ କରିପାରିବା।

ଆଜି ବୈଷୟିକ ଜ୍ଞାନର ଅଗ୍ରଗତି ଆଉ ନଭଶ୍ଚୁମ୍ବୀ ପ୍ରଗତିର ସୂଚନା ଦିଏ। ଆଜି ସାରା ଦୁନିଆକୁ ଆମେ ସଂଯୁକ୍ତ କରି ପାରୁଛୁ, କିନ୍ତୁ ଗୁଣାତ୍ମକ ଦୃଷ୍ଟିରୁ ଦେଖିଲେ ଆମ ପାରସ୍ପରିକ ସମ୍ପର୍କ ଅତି ଦୁର୍ବଳ ହୋଇ ଚାଲିଛି । ଆଜି ଆମେ ସାରା ଦୁନିଆ ସହ ନିଜକୁ ସଂଯୁକ୍ତ କରି ପାରୁଛୁ ତଥା ନିଜକୁ ଏକାକୀ ଅନୁଭବ କରୁଛୁ। ଇମୋଜୀ ସତେ ଯେମିତି ଆଜି ଆମ ଭାବ ବିନିମୟର ମାଧ୍ୟମ ପାଲଟିଛି। ଆଜି ପ୍ରତ୍ୟେକ ପରିବାରରେ ଏକ ସାଧାରଣ ବାକ୍ୟ ହୋଇ ରହିଯାଇଛି ‘ତୁମେ ମୋତେ ବୁଝି ପାରୁନାହଁ’। ଗୋଟିଏ ଛାତ ତଳେ ଆମେ ରହୁଛୁ କିନ୍ତୁ କାହା ପାଇଁ ଆମ ପାଖରେ ସମୟ ନାହିଁ। ଏଭଳି ପରିସ୍ଥିତିରେ ପରିବାର ମଧ୍ୟରେ ସଦଭାବନା ବୃଦ୍ଧି ପାଇଁ ଭଗବାନ ଶ୍ରୀସତ୍ୟସାଇ ବାବା ତିନିଟି ସୂତ୍ର ଆମ ମାନଙ୍କୁ ପ୍ରଦାନ କରିଛନ୍ତି, ଯାହା ଆମ ସମସ୍ତଙ୍କ ପାଇଁ ପ୍ରଣିଧାନ ଯୋଗ୍ୟ। ପ୍ରେମ ଭାବର ଅଭିବୃଦ୍ଧି, ଏକତ୍ୱ ଭାବର ଅଭିବୃଦ୍ଧି ଓ ତ୍ୟାଗ ଭାବର ଅଭିବୃଦ୍ଧି। ବର୍ତ୍ତମାନ ଆସନ୍ତୁ ଆମେ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଟିକେ ପ୍ରଶ୍ନ କରିବା। ପରିବାରରେ ଆମେ ପ୍ରତ୍ୟେକ ପରସ୍ପର ସହ କେତେ ଗୁଣାତ୍ମକ ସମୟ ଅତିବାହିତ କରୁଛୁ, ପରସ୍ପର ସହ ନିବିଡ଼ ପ୍ରେମ ବନ୍ଧନରେ ଅଛୁ ଏବଂ ଭଗବାନଙ୍କ ପ୍ରେମର ବନ୍ଧନରେ ସମ୍ପୂର୍ଣ୍ଣ ପରିବାର ରହିଛୁ? ଆମେ କଣ ଅନୁଭବ କରୁଛୁ କି ଯେ ଆମ ପରିବାର ଆମ ପାଇଁ ଏକ ଉତ୍ତମ ସ୍ୱାସ୍ଥ୍ୟ, ଅଶେଷ ଶାନ୍ତି ଓ ଆନନ୍ଦ ପ୍ରଦାନକାରୀ ସ୍ଥଳୀ ଯେଉଁଠି ଆମେ ଆମର ସମସ୍ତ ଅସୁବିଧା, ସଂଘର୍ଷକୁ ନିର୍ଦ୍ୱନ୍ଦ୍ୱରେ ସମସ୍ତଙ୍କ ସହ ବାଣ୍ଟି ଦେଇ ହାଲୁକା ହୋଇଯାଉ? ଯଦି ଆମେ ମାପିବା ଆମ ପରିବାରର ଏକତ୍ୱ ଭାବର ମାତ୍ରା, ସତରେ ଆମେ ନିଜେ ସନ୍ତୁଷ୍ଟ କି? ଯଦି ନୁହଁ, ତାର ନିରାକରଣ ପାଇଁ ଆମେ କି ବ୍ୟବସ୍ଥା କରିଛୁ? ଗୋଟିଏ ସୁନ୍ଦର ଆଦର୍ଶଯୁକ୍ତ ପରିବାର ଗଠନରେ ପରିବାରର ପ୍ରତି ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏହା ଆମକୁ ବୁଝିବାକୁ ହେବ ଏବଂ ସେହି ଅନୁସାରେ ନିଜ ନିଜ ଦାୟିତ୍ୱବୋଧକୁ ଅନୁଭବ କରି ନିଭେଇବାକୁ ପଡ଼ିବ। ଭଗବାନ ବାବା ଅନେକ ସମୟରେ ଭଗବାନ ଶିବ ଓ ପାର୍ବତୀଙ୍କ ପରିବାରର ଉଦାହରଣ ଦେଇଥାନ୍ତି। ଭଗବାନ ଶିବ, ମା’ପାର୍ବତୀ, ଶ୍ରୀ ଗଣେଶ ଓ କାର୍ତ୍ତିକେୟଙ୍କ ବାହନ ଓ ଆଭୂଷଣ ଯଦି ଦେଖିବା ଷଣ୍ଢ, ସିଂହ, ମୟୂର, ମୂଷିକ, ସର୍ପ, ଅଗ୍ନି, ଗଙ୍ଗା ସବୁଥିରେ ବ୍ୟତିକ୍ରମ ପରିଲକ୍ଷିତ ହୁଏ। କିନ୍ତୁ ପ୍ରତ୍ୟେକେ ସଦଭାବନା ସହ ରହି ଏକ ଆଦର୍ଶ ପରିବାରର ପରିଚୟ ସୃଷ୍ଟି କରିଛନ୍ତି।

ଆଜିର କଥା ଟିକେ ବିଚାର କରିବା। ଏକରୁ ଦୁଇ ଭାଇ ହୋଇଗଲେ ସମ୍ପତ୍ତି ପାଇଁ କଳହର ସୂତ୍ରପାତ ହେଉଛି। ପତି, ପତ୍ନୀ, ମଧ୍ୟରେ ବି ସଠିକ ବୁଝାମଣା ନାହିଁ । ମନୁଷ୍ୟ ସମ୍ପୂର୍ଣ୍ଣ ରୂପେ ଅର୍ଥ ସର୍ବସ୍ୱ ହୋଇଯାଇଛି। ଶ୍ରୀସତ୍ୟସାଇ ବାବା ଶ୍ରୀରାମଙ୍କ ଉଦାହରଣ ଦେଇ କହନ୍ତି, ଶ୍ରୀରାମ ଜଣେ ଉତ୍ତମ ପୁତ୍ର, ଭ୍ରାତା, ପତି, ପିତା ଓ ଶାସକ । ଶ୍ରୀରାମ ଏକ ପତ୍ନୀ ବ୍ରତ ଗ୍ରହଣ କରିଥିଲେ ଯେତେବେଳେ କି ସେ କାଳରେ ବହୁପତ୍ନୀ ଗ୍ରହଣ ଏକ ସାଧାରଣ କଥା ଥିଲା। ଯେମିତି ଶରୀରରେ ଅନେକ ଅଙ୍ଗ ଥିଲେ ମଧ୍ୟ ସବୁକିଛି ହୃଦୟ ଦ୍ୱାରା ପରିଚାଳିତ ହୁଅନ୍ତି ଠିକ ସେହିପରି ପତି ପତ୍ନୀ ପାଇଁ ଏବଂ ପତ୍ନୀ ପତି ପାଇଁ ଏକ ଓ ଅଭିନ୍ନ । ସମଗ୍ର ବିଶ୍ୱକୁ ଏହି ଆଦର୍ଶରେ ଅନୁପ୍ରାଣୀତ କରିବାକୁ ଭଗବାନ ଶ୍ରୀରାମ ଏକ ପତ୍ନୀ ବ୍ରତ ଗ୍ରହଣ କରିଥିଲେ। ଭ୍ରାତୃତ୍ୱର ଅତୁଟ ପ୍ରେମ ବନ୍ଧନର ଗାଥା ବହନ କରିଛି ରାମାୟଣ।

ପାରିବାରିକ ରୀତି ନୀତି ବା ନିୟମାବଳୀ ଉପରେ ବୁଝାଇବାକୁ ଯାଇ ଭଗବାନ କହନ୍ତି, ‘ପରସ୍ପର ସହ ଯୋଗସୂତ୍ର ସ୍ଥାପନ କରିବାର ଅର୍ଥ ହେଉଛି ସମ୍ପୂର୍ଣ୍ଣ ବୁଝାମଣା। ତୁମେ ପରିବାରରେ ପ୍ରତ୍ୟେକଙ୍କୁ ଭଲ ପାଅ, ଯଦି ଭଲ ପାଇ ପାରୁନାହଁ, ତାହେଲେ ନିରବ ରୁହ, କାହାକୁ କଟୁ କଥା କୁହ ନାହିଁ। କାହାକୁ ଅପଶବ୍ଦ କହିବା ବା ଗାଳି କରିବାର ଅଧିକାର ଆମକୁ ଦେଲା କିଏ? ପ୍ରତ୍ୟେକଙ୍କ ଭିତରେ ସେହି ସମାନ ଦିବ୍ୟ ପ୍ରେମର ସ୍ଫୁଲିଙ୍ଗ ବିଦ୍ୟମାନ। ତେଣୁ ଟିକେ ଚିନ୍ତା କରନ୍ତୁ ତ ପ୍ରେମ କରି କଣ ପ୍ରେମକୁ ସମାଲୋଚନା କରିପାରେ? କେବେ ନୁହେଁ। ପ୍ରେମ କେବଳ ପ୍ରେମର ଅନୁଭବ କରାଇଥାଏ।

ଭଗବାନ ତୁମ ପରିବାରର ମୁଖ୍ୟ। ତୁମ ପ୍ରତି କଥାକୁ ସେ ଶୁଣୁଛନ୍ତି, ତୁମ ଭୋଜନରେ ଅଦୃଶ୍ୟ ଭାବରେ ଉପସ୍ଥିତ ଅଛନ୍ତି। ତାଙ୍କ ଦିବ୍ୟ ଉପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କର। ସେହି ଅନୁରୂପ ପରିବାରର ବାତାବରଣ ଆମକୁ ରଖିବାକୁ ହେବ। ମନୁଷ୍ୟ ସମାଜରେ ଜନ୍ମ ହୁଏ, ସମାଜରେ ବଢ଼େ, ସମାଜରେ ବଞ୍ଚେ । ସମାଜ ବିନା ସେ ମୁହୂର୍ତ୍ତେ ରହି ପାରିବ ନାହିଁ। ଏହି ସମାଜ ହିଁ ତାକୁ ଚାକିରି ଦିଏ, ଅର୍ଥ ଦିଏ ସବୁ ଆବଶ୍ୟକତା ପୂରଣ କରେ। ସମାଜ ବିନା ମନୁଷ୍ୟର ଅସ୍ତିତ୍ୱ ନାହିଁ। ଶ୍ରୀ ସତ୍ୟସାଇ ବାବା ଅତି ଚମତ୍କାର ଭାବରେ ବୁଝେଇ କହନ୍ତି, ‘ଯେତେବେଳେ ତୁମେ ଜନ୍ମ ହେଲ ତୁମେ ଏକା ଥିଲ, ପରେ ପିତାମାତାଙ୍କୁ ଜାଣିଲ, ବିଦ୍ୟାଳୟକୁ ଯେତେବେଳେ ଯିବା ଆରମ୍ଭ କଲ କେତେ ସାଙ୍ଗ ସାଥି ତୁମ ଜୀବନ ପରିଧିକୁ ଆସିଲେ, ପରେ ପରେ ପତ୍ନୀ, ଶାଶୁ, ଶ୍ୱଶୁର, ପୁତ୍ର, କନ୍ୟା, ନାତି, ନାତୁଣି ଏଭଳି ଭାବରେ ପରିବାର ପରିବ୍ୟାପ୍ତ ହୋଇଚାଲେ ଏବଂ ତୁମର ପ୍ରେମର ପରିସୀମା ବଢ଼ିଚାଲେ। ଏଭଳି ଭାବରେ ତୁମକୁ ନିଜକ ପରିବାରର ସୀମାରେଖାରୁ ଊର୍ଦ୍ଧ୍ୱକୁ ଯାଇ ବସୁଧୈବ କୁଟୁମ୍ବକମ୍ ଭାବ ସହ ସମସ୍ତଙ୍କୁ ନିଜର ପ୍ରେମର ପରିଧି ମଧ୍ୟକୁ ଆଣିବାକୁ ପଡ଼ିବ।’ ଏକ ଆଦର୍ଶ ପରିବାର ହିଁ ବସୁଧୈବ କୁଟୁମ୍ବକମ୍ ଭାବର ଭିତ୍ତିଭୂମି ।

*ଖରିଆର ରୋଡ଼, ନୂଆପଡ଼ା*

# ସ୍ୱାଗତଂ ପୁଟିନଜୀ

■ ପ୍ରଦୀପ ସେନାପତି ■

ଚାଣକ୍ୟଙ୍କ ମତରେ ( A Friend in need is a friend in deed) ବିପଦ ବେଳର ବନ୍ଧୁ ହିଁ ପ୍ରକୃତ ବନ୍ଧୁ । ଏହା କହିବାର ତାପର୍ଯ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱ ସାମରିକ ଇତିହାସରେ ଭାରତ ଯଦି ଆଜି ନମ୍ବର ୱାନ୍ ହୋଇପାରିଛି, ସେଥିପାଇଁ ରୁଷର ଅବଦାନ ଚିରସ୍ମରଣୀୟ ଏବଂ ଭାରତର ସାମରିକ ଇତିହାସରେ ଏହା ଲିପିବଦ୍ଧ ହୋଇରହିଯାଇଛି । ଭାରତ ଋଷର ଦିପାକ୍ଷିକ ବନ୍ଧୁତ୍ୱପୂର୍ଣ୍ଣ ନିବିଡ଼ ସଂପର୍କ ଆମେରିକା ସମେତ ଆଜି ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ପାକିସ୍ଥାନ, ଚୀନ୍‌ର ମଧ୍ୟ ନିଦ ହଜାଇଦେଇଛି । ଚଳିତ ମାସ ଡ଼ିସେମ୍ବର ୪ ଓ ୫ ତାରିଖ ଦୁଇଦିନ ପାଇଁ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ( Vladmir Putin) ଭାରତ ଗ୍ରସ୍ତ କରିଛନ୍ତି । ନୂଆଦିଲ୍ଲୀଠାରେ ଦୁଇ ଦେଶର ୨୩ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିବାବେଳେ ପୁଟିନ ଯୋଗଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣ କ୍ରମେ ଆସିଛନ୍ତି, ଯାହା ବିଶ୍ୱପାଇଁ ଚିନ୍ତାର କାରଣ ହୋଇଛି। ଭାରତ ଓ ରୁଷିଆର ସଂପର୍କ ଆମ ସ୍ୱାଧୀନତା ପରଠାରୁ ନିବିଡ଼ ହୋଇପାରିଛି । ଏହା ଉଭୟଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ । ଏହି ସଂପର୍କ ପରସ୍ପରର ବନ୍ଧୁତ୍ୱ ସହଯୋଗିତା ସହଭାଗିତା ଏବଂ ଆସ୍ଥା ଉପରେ ପର୍ଯ୍ୟବେସିତ । ଯେ କୌଣସି ପରିସ୍ଥିତିରେ ଏପରିକି, ଆମ ଦେଶର ଶାସନ ପରିବର୍ତ୍ତନ ହେବା ପରେ ମଧ୍ୟ ଏ ସଂପର୍କରେ ଆଜି ପର୍ଯ୍ୟନ୍ତ କୌଣସି ବ୍ୟତିକ୍ରମ ହୋଇନାହିଁ ବରଂ ଆହୁରି ସୁଦୃଢ଼ ହୋଇପାରିଛି ଯାହା ସ୍ୱାଗତ ଯୋଗ୍ୟ । ଏହି ଗସ୍ତ ଆଗମନ ଉପରେ ଆମେରିକା, ଚାଇନା, ପାକିସ୍ତାନ ସମେତ ବିଶ୍ୱର ଦୃଷ୍ଟି ରହିଛି। ପୁଟିନଙ୍କ ଆଗମନ କେବଳ ଏକ କୁଟ ନୈତିକ ଔପଚାରିକତା ନୁହେଁ, ଏହାର ଉଭୟ ଦେଶର ଦୀର୍ଘକାଳୀନ ବନ୍ଧୁତ୍ୱର ଏକ ପ୍ରତିଫଳନ ମାତ୍ର । ବିଶ୍ୱ ରାଜନୀତିର ପରିବର୍ତ୍ତନ ଏବଂ ରୁଷିଆର ପାରମ୍ପରିକ ଶତ୍ରୁ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଆମଦେଶର କୁଟନିତୀ ସମ୍ପର୍କରେ ଉନ୍ନତ ତଥା ସାମରିକ, ବାଣିଜ୍ୟିକ ସମ୍ପର୍କରେ ନିର୍ଭରତା ଥାଇ ସୁଦ୍ଧା ଭାରତ ରୁଷ ସମ୍ପର୍କରେ କୌଣସି ପ୍ରକାର ନକରାତ୍ମକ ପ୍ରଭାବ ପଡ଼ିବା ବଦଳରେ ଅଧିକ ଶକ୍ତିଶାଳୀ ହୋଇଛି । ଏ ସମ୍ପର୍କ ସମୟର କଷଟି ପଥରରେ ବନ୍ଧୁ ପରକ୍ଷିତ । ପୁଟିନଙ୍କ ମତରେ ଭାରତ କେବଳ ଏକ ଆଞ୍ଚଳିକ ଶକ୍ତିନୁହେଁ ବରଂ ବିଶ୍ୱ ସମୁଦାୟର ଏକ ମୁଖ୍ୟ ନୀତି ନିର୍ଦ୍ଧାରକ। ଆଜି ଆନ୍ତର୍ଜାତୀୟ ଉତ୍ତର– ଦକ୍ଷିଣ ଗମନାଗମନ ପଥ ଓ ସାଂଘାଇ ସହଯୋଗ ସଂଘରେ ଭାରତର ଭୂମିକା ଉଲ୍ଲେଖନୀୟ ଭାବରେ ବୃଦ୍ଧିପାଇଛି । ଭାରତକୁ ବିଶ୍ୱରେ ଏକ ଶକ୍ତିଶାଳୀ ଅଂଶିଦାର ଭାବରେ ପରିଚିତ କରାଇଛି । ବର୍ତ୍ତମାନ ପ୍ରତିରକ୍ଷା, ଅର୍ଥନୀତି, ଜଳବିଦ୍ୟୁତ ଓ କୌଶଳ ଗତ ସହଯୋଗିତା ମାଧ୍ୟମରେ ଭାରତ– ରୁଷ ସମ୍ପର୍କ ଗୁରୁତ୍ୱ ହୋଇଛି । ରାଜସ୍ଥାନରେ ଆୟୋଜି ଭାରତ–ଋଷ ସାମରିକ ଅଭ୍ୟାସ । ରୁଦ୍ର – ୨୦୨୫ ଏବଂ ଦୁଇ ଦେଶର ବାୟୁ ସେନାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଓ ସାମରିକ କ୍ଷମତା ବୃଦ୍ଧି ପାଇଁ ସଂଯୁକ୍ତ ଅଭ୍ୟାସ ଉଭୟ ଦେଶର ବନ୍ଧୁତ୍ୱର ପରିମାଜକ । ଦୀର୍ଘ ତିନିବର୍ଷ ଧରି ଚାଲିଥିବା ଋଷିଆ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧକୁ ନେଇ ଭାରତର ନିରପେକ୍ଷତା ଆମେରିକା ସମେତ ‘ନାଟୋ’ ଓ ‘ଇଉରୋପ ସଂଘ’ ଦେଶମାନଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଯୁଦ୍ଧ ସମୟରେ ଭାରତ ତା’ର ବନ୍ଧୁ ରାଷ୍ଟ୍ର ରୁଷିଆଠାରୁ ଅଶୋଧିତ ତୈଳ କ୍ରୟ କରି ପ୍ରକାରାନ୍ତରେ ରୁଷିଆକୁ ଅର୍ଥ ସହାୟତା ଯୋଗାଉଛି ବୋଲି ମନେକରେ ଆମେରିକା । ତେଣୁ ଭାରତର ରପ୍ତାନୀ ସାମଗ୍ରୀ ଉପରେ ଅହେତୁକ ଶୁଳ୍କ ବୃଦ୍ଧି ହେବା ଫଳରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ– ବିବାଦ ଲାଗି ରହିଛି । ଏବେ ଆମେରିକା ଓ ରୁଷିଆ ପରି ବିଶ୍ୱର ଦୁଇ ଶକ୍ତିଶାଳୀ ଦେଶ ମଧ୍ୟରେ ଦୀର୍ଘ ବର୍ଷ ଧରି ଥିବା ଶୀତଳ ଯୁଦ୍ଧର ଅବସାନ ଘଟିଛି । ଉଭୟ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ମତାନ୍ତର ଥିଲେ ମଧ୍ୟ ବାଣିଜ୍ୟିକ ସମ୍ପର୍କକୁ ନେଇ କୁଟନୈତିକ ସ୍ତରରେ ଗଠନ ମୂଳକ କଥାବାର୍ତ୍ତା ଚାଲିଛି ।

ଏସବୁକୁ ଦୃଷ୍ଟିରେ ରଖି ଭାରତ – ରୁଷିଆ ସମ୍ପର୍କ ଆହୁରି ପରିମାର୍ଜିତ ହେବା ଆବଶ୍ୟକ ହୋଇପଡ଼ିଛି। ତେଣୁ ବ୍ରିକ୍ସ, ଏସସିଓ ଜି୨୦ (ଏ୨୦) ଆଦି ଆନ୍ତର୍ଜତିକ ସମ୍ମିଳନୀରେ ରୁଷିଆ ଭାରତକୁ ସହଯୋଗ କରେ। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ପାଇଁ ରୁଷିଆ ଏକ ନିର୍ଭର ପ୍ରତିଶ୍ରୁତି। ପ୍ରତିରକ୍ଷା ସାମଗ୍ରୀ ଆମଦାନୀ କ୍ଷେତ୍ରରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଦେଶ ହୋଇଥିବାରୁ ବର୍ତ୍ତମାନ ଆମେ ରୁଷିଆ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ କହିଲେ ଅତ୍ୟୁକ୍ତି ହେବନାହିଁ । ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ୨୦୧୦–୧୪ ବର୍ଷ ମଧ୍ୟରେ ଭାରତ ନିଜର ପ୍ରତିରକ୍ଷା ସାମଗ୍ରୀର ୭୨% ରୁଷିଆ ଠାରୁ ଆମାଦାନୀ କରିଥିବା ସମୟରେ ୨୦୨୦–୨୪ ବର୍ଷ ମଧ୍ୟରେ ୩୬% କୁ ହ୍ରାସ ପାଇଛି ।

ଆମ ଦେଶର ସାର୍ବଭୌମତ୍ୱ ରକ୍ଷା କବଚ ଭାବରେ ରୁଷିଆର ଯୋଗଦାନ ରହିଛି । ବିଶେଷ କରି ଆକାଶ ମାର୍ଗରେ ଦୂରଗାମୀ ମିସାଇଲରୁ ରକ୍ଷା କରିବା ପାଇଁ ଏସ୍. ୪୦୦ ଯୋଗାଣ ସହିତ ଏସୟୁ ୫୭ ପରି ଆଗାମୀ ପିଢ଼ିର ଯୁଦ୍ଧ ବିମାନ ଓ ଏସ.୫୦୦ ପରି ଆଗାମୀ ପିଢ଼ିର ଉନ୍ନତ ମାନର ପ୍ରଯୁକ୍ତି ହସ୍ତାନ୍ତର କରିବାକୁ ଚୁକ୍ତିବଦ୍ଧ । ଏହି ବ୍ୟବସ୍ଥା ମଧ୍ୟରେ ବର୍ତ୍ତମାନ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଆହରଣ ଓ ସେ ସମ୍ବନ୍ଧୀୟ ପ୍ରତିରକ୍ଷା ଉପକରଣ ସାମଗ୍ରୀର ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରୁଷିଆ ଭାରତକୁ ୬,୭୦,୦୦୦ ରାଇଫଲ (ଏ.କେ.୨୦୦୭) ନିର୍ମାଣ ପାଇଁ ସମ୍ମତି ଦେବା ସହିତ ପରମାଣୁ ଚାଳିତ ପାଣି ଜାହାଜ ଆଇ.ଏନ୍. ଏସ୍. : ଚକ୍ର–୩କୁ ଭାରତକୁ ଲିଜ୍‌ରେ ଦେବାପାଇଁ ସମ୍ମତି ପ୍ରଦାନ କରିଛି । ଏହାକୁ ବାଦ୍‌ଦେଲେ ଉଭୟ ଦେଶର ମିଳିତ ପ୍ରଚେଷ୍ଟାରେ ଆମ ଦେଶରେ ବ୍ରହ୍ମୋସ ପରି କ୍ରୁଜ ମିସାଇଲ, ଏସ.ୟୁ.୩୦, ଏମ.କେ. ଆଇ ସାମରିକ ଜେଟ୍ , ଟି – ୯୦ଟ୍ୟାଙ୍କ, ଆର.ଏନ୍. ଏସ. ବିକ୍ରମାଦିତ୍ୟ ବିମାନବାହୀ ଜାହାଜ ଆଦି ନିର୍ମାଣ ହୋଇଛି । ରୁଷିଆ ବିଶ୍ୱର ଏକ ପ୍ରମୁଖ ପରମାଣୁ ଶକ୍ତି ସମ୍ପନ୍ନ ଦେଶ । ତାମିଲନାଡୁର କୁଡ଼ନକୁଲମ ପରମାଣୁ ରିଆକ୍ଟର ରୁଷିଆ ଦ୍ୱାରା ନିର୍ମିତ । ଆଗାମୀ ଦିନରେ ଭାରତର ପରମାଣୁ କ୍ଷମତା ବୃଦ୍ଧି କରିବା ପାଇଁ ମଧ୍ୟ ରୁଷିଆ ଠାରୁ ସହଯୋଗ ମିଳୁଛି। କହିବା ବାହୁଲ୍ୟ ଯେ, ଆଜିର ଦିନରେ ଉଭୟ ଦେଶ ମଧ୍ୟରେ ବ୍ୟବସାୟ ୫୦ ମିଲିୟନ ଡ଼ଲାରକୁ ଅତିକ୍ରମ କରିଛି ।

ପରିଶେଷରେ ଏତିକି କୁହାଯାଇପାରେ ଯେ, ଆମେରିକା ସହିତ ଭାରତର ବ୍ୟବସାୟିକ ତିକ୍ତତା, ‘ଅପରେସନ ସିନ୍ଦୁର’ ପରେ ପାକିସ୍ତାନ ଓ ତୁର୍କୀ ସହିତ ସାମରିକ ବିବାଦ ସତ୍ତ୍ୱେ ରୁଷିଆ ରାଷ୍ଟ୍ରପତି ପୁଟିନଙ୍କ ଭାରତ ଆଗମନ ଭାରତର ଏକ କୂଟନୈତିକ ବିଜୟ କୁହାଯାଇପାରେ । ସୁରକ୍ଷା ସମ୍ବନ୍ଧୀୟ ଏହି ସହଯୋଗ ଭାରତତର ସ୍ୱାଧୀନତା, ଜାତୀୟ ସୁରକ୍ଷା ଓ ଆଗାମୀ ରାଜନୀତିକ ପରିକଳ୍ପନାରେ ନିଶ୍ଚିତଭାବେ ଯେ ଏକ ସୁଦୃଢ଼ ଭୂମିକା ଗ୍ରହଣ କରିବ ଏଥିରେ ଦ୍ୱିମତ ନାହିଁ। ବିଶ୍ୱ ରାଜନୀତିର ସମୀକରଣ ଏବଂ ଭାରତର ‘ସ୍ୱତନ୍ତ୍ର ବିଦେଶ ନୀତି’ ଘୋଷଣା କରିବା ଉଭୟ ଦେଶର ପାରସ୍ପରିକ ସହଯୋଗ ଉପରେ ନିର୍ଭର କରେ ।


ସାମନ୍ତରାପୁର, ପୁରୁଣା,
ଭୁବନେଶ୍ୱର–୨,
ମୋ :– ୭୮୪୮୮୯୮୪୫୬

# ସପ୍ତମ ଋତୁ ପଞ୍ଚମ ସ୍ୱର

ସାହିତ୍ୟ ଆସର

ସପ୍ତମ ଋତୁ ସାହିତ୍ୟର ଋତୁ । ଏ ଋତୁରେ କୋଇଲି ଗାଏ, ବଉଳ ବାସେ, ମଲ୍ଲୀ ହସେ, କାକର ଝରେ, ବୁଢ଼ିଆଣୀ ଜାଲରେ ତାରକସି ଫୁଲ ଫୁଟେ । ଭଅଁର ଓ ପ୍ରଜାପତିଙ୍କୁ ମତୁଆଲା କରେ ରଜନୀଗନ୍ଧା । ବର୍ଷା ରିମ୍‌ଝିମ୍ ଗାଏ, ପ୍ରକୃତି ଇନ୍ଦ୍ରଧନୁ ଆଙ୍କେ । ପଞ୍ଚମ ତାନରେ ସବୁବେଳେ ଗାଏ କୋଇଲି......

କବିତା ଏଇ ସମୟର

## ନଆସ ସଜନୀ

● ପ୍ରଶାନ୍ତ କୁମାର ଦାଶ



ତମେ ପଛେ ନଆସ ସଜନୀ
ଛାଡିଦେଇ ସହରର ସୁଖ
ମୁଁ କିନ୍ତୁ ଯାଉଛି ମୋ ଗାଆଁକୁ
ଭୁଲିବାକୁ ଜୀବନର ଦୁଃଖ ।

ସାଇଁ ସାଇଁ ଶୁଭେ ସଂଜେ
ଝାଉଁବଣ ପବନର ଗୀତ
ଗଛ ବଣ ତୋଟା ବିଲ
ପକ୍ଷୀ ସବୁ ଆପଣାର ମିତ ।

ନିଆଁପୁଆଁ ମଜା ଅଛି
ଶୀତ ସଞ୍ଜେ ଗାଆଁଦାଣ୍ଡ ପରେ
ଶ୍ରାବଣର ଆକାଶରୁ
ମିଠା ମିଠା ବର୍ଷା ପୁଣି ଝରେ

ସଞ୍ଜ ନଇଁଗଲା ପରେ ଶୁଭେ
ଭକତର ଜଣାଣ ଭଜନ
ମେଳା ମଉଛବ ଯାତ କରେ
ସଭିଙ୍କର ମନକୁ ରଞ୍ଜନ ।

ଭାଗବତ ଟୁଙ୍ଗୀ ଘରୁ
ଶୁଭେ ନିତି ଭାଗବତ ବାଣୀ
ବୋଉ ରାନ୍ଧି ବାଢ଼ି ଦିଏ
କେତେ ଖାଦ୍ୟ ପୁଣି ମନ ଜାଣି ।

ଅମଳକରି ଖଳାରେ
ଠୁଳକରେ ଫସଲକୁ ଚାଷୀ
ବଗିଚାରେ ଫୁଟି ଫୁଲ
ମହ ମହ ଉଠେ ପୁଣି ବାସି ।

ଇଚ୍ଛାହୁଏ ଗାଆଁକୋଳେ
ରହିବାକୁ ଜନ୍ମଜନ୍ମାନ୍ତର
ଗାଆଁତ ନନ୍ଦନବନ
ଅମରାବତୀ ସତେ ସରଗର ।

ତମେ ଯଦି ରହିଯିବ
ରୁହ ସାଥୀ ସହର ଛାତିରେ
ମୁଁ କିନ୍ତୁ ବିଦାୟ ନେବି
ହସି ହସି ମୋ ଜନ୍ମମାଟିରେ ।

*କୁଞ୍ଜର, ପିପିଲି, ପୁରୀ*
*ମୋ. ୯୬୬୮୮୨୨୧୯୦*

## ଶୀତ ଯେତେବେଳେ ସନ୍ନ୍ୟାସୀ ସାଜେ

### କଥା ଏତିକି

● ସୁନୀଲ ବୋଷ



ଅଫିସ୍‌ରୁ ଫେରୁ ଫେରୁ ଡେରି ହୋଇଯାଇଥିବ ତା'ସହ ଆପଣ ସ୍ୱେଟର ଆଣିବାକୁ ଯଦି ଭୁଲିଯାଇଥିବେ, ଏମିତି ସମୟରେ ଆପଣ ଚା'ଖୋର୍ ନହୋଇଥିଲେ ମଧ୍ୟ ମନ ନିଶ୍ଚେ ଚାହିଁବ– ଗରମ ଚା' ଟିକେ ମିଳନ୍ତାନି!

ରାତି ଯଦି ପାକଳ ହୋଇଆସିଥିବ ଆପଣଙ୍କ ଘରକୁ ଫେରିବା ବାଟର ସବୁ ଚା' ଦୋକାନ ନିଶ୍ଚେ ବନ୍ଦ ହୋଇସାରିଥିବ । ଶେଷରେ ଦୈବାତ୍ ଯେଉଁଟି ଖୋଲାଥିବ ସିଏ ଯଦି କହିବ– ସାର୍ ଚା' ଶେଷ! ଯେତିକି ବଳିଥିଲା ମୁଁ ନିଜେ ପିଇଦେଲି । ଭାବିଲି ଆଉ କେହି ଗରାଖ ଆସିବେନି ।

ଏତିକିବେଳେ ଶୀତଟା ଯେମିତି ଆପଣଙ୍କୁ ଜୋର୍‌ରେ ଜଡେଇ ନେବ । ଗାଧୋଇବା ପାଇଁ ଗରମ ପାଣି ବରାଦ କରିଥିବେ ଶ୍ରୀମତୀଙ୍କୁ । ସେ ରୋଷେଇର ବ୍ୟସ୍ତତା ଭିତରେ ଗରମପାଣି କରିଦେଇଥିବେ । ଆପଣ ସେତକ ଗାଧୁଆ ଘରକୁ ନେଇ ବାଲ୍‌ଟିରେ ଢାଳି ତା'ସହ କିଛି ଥଣ୍ଡାପାଣି ମିଶେଇ ତାକୁ ଦେହ ସହିଲା ଭଳି ଉଷୁମ କରିନେଇଥିବେ, ଆଉ ଠିକ୍ ଏତିକିବେଳକୁ ମୋବାଇଲ୍ ରିଂ ହେବ । ଆପଣ ଗାଧୁଆଘରୁ ଆସି ଫୋନ୍‌ରେ ଗପୁଗପୁ ବେଶ୍ କିଛି ସମୟ ଗଡ଼ିଯାଇଥିବ । ମୋବାଇଲ୍‌ରେ କଥାସାରି ତରତରରେ ଗାଧୁଆଘରକୁ ଆସି ବାଲ୍‌ଟି ପାଣିରେ ହାତ ବୁଡେଇଲା ବେଳକୁ ପାଣି ପୂରା ଥଣ୍ଡା ହୋଇଯାଇଥିବ । ଆଉ ଥରେ ଶ୍ରୀମତୀଙ୍କୁ ଗରମ ପାଣି ପାଇଁ ବରାଦ କରିବାକୁ ଆପଣଙ୍କର କ'ଣ ସାହସ ପାଇବ? ସେଇ ଥଣ୍ଡାପାଣିରେ ଗାଧୁଆ ସାରିନେବେ କୌଣସିମତେ । ଏତିକିବେଳେ ଶୀତ ଖୁବ୍ ନିଷ୍ଠୁର ଭାବେ ଜଡେଇ ନେବ ଆପଣଙ୍କୁ ।

ତରତରରେ ଭିଡ଼ ବସ୍ ଭିତରକୁ ଉଠିଯାଇ ଦେଖିଲେ, ଗୋଟେ ସିଟ୍ ଖାଲି ଅଛି । ନିଜକୁ ଭାଗ୍ୟବାନ ମନେକରି ସେ ସିଟ୍‌ରେ ବସିଯିବେ । ଝର୍କାପାଖ ସିଟ୍ କାହାକୁ ମିଳେ? ଗାଡ଼ି ଗଡ଼ିବାକୁ ଆରମ୍ଭ କଲେ ଜାଣିବେ ଆପଣଙ୍କ ଝର୍କାର କାଚଟି ନାହିଁ । ବସ୍ ସହର ବାହାରକୁ ଚାଲିଗଲେ ଜାଣିବେ ସେ ସିଟ୍‌ଟି କାହିଁକି ଖାଲିଥିଲା । ଶୀତ କିନ୍ତୁ ଖୁବ୍ ଅନ୍ତରଙ୍ଗ ଭାବରେ ଆପଣଙ୍କୁ ଜଡେଇ ନେବାକୁ ଚାହିଁବ ସେତେବେଳେ ।

ଶୀତ ବଢୁଥିବ । ଶ୍ରୀମତୀ ବାପଘରୁ ଫେରିବାକୁ ଡେରି କରୁଥିବେ । ଯଦି ନୂଆ ନୂଆ ଦାମ୍ପତ୍ୟ ଆରମ୍ଭ କରିଥିବେ ଶୀତ ଯେ ଅଧିକ ବାଧିବ ଏଥିରେ କ'ଣ ସନ୍ଦେହ କରିବାର ଅଛି?

ଶେଷରେ ଯେଉଁଦିନ ସିଏ ଫୋନ୍ କରି କହିବେ– 'କାଲି ଯାଉଛି' ସେଇଦିନ ରାତିରୁ ଶୀତ ଛାଡ଼ିଯିବ । ହାଡ଼ଭଙ୍ଗା ଶୀତ ବି ଖୁବ୍ ଉପଭୋଗ୍ୟ ହେବ । ଆଉ ଶ୍ରୀମତୀ ପୁଣି ଯଦି ଫୋନ୍ କରି କହନ୍ତି– ଶୁଣ, ଆଜି ମୋ' ଅପା ଆସୁଛି ବାଙ୍ଗାଲୋର୍‌ରୁ, ତା' ସହ ଗୋଟେ ଦିନ କଟେଇ ଦେଇ ଯିବି । ପ୍ଲିଜ୍ ରାଗନି!

ଶୀତ ଏଥର ସନ୍ନ୍ୟାସୀ ଭଳି ଲାଗିବନି ଆପଣଙ୍କୁ?

## କଳାବତୀ

● ଜୀମୂତ ତ୍ରିପାଠୀ



ସିଦ୍ଧାର୍ଥ ତୁମେ କେମିତି ନିଜକୁ ନିଜେ ସଙ୍କୁଚିତ କରିଦେଉଛ, ମୁକ୍ତ ଆକାଶରେ ଉଡ଼ିବା ଭୁଲିଯାଇଥିବା ପକ୍ଷୀଟିଏ ପରି ଆପଣାକୁ ପଞ୍ଜୁରି ଭିତରେ ବାନ୍ଧି ପକାଉଛ, ସମ୍ଭାମୟ ତୁମ ବ୍ୟକ୍ତିତ୍ୱକୁ ଆବଦ୍ଧ କରିପକାଉଛ କେବଳ ବର୍ତ୍ତମାନରେ ବଞ୍ଚୁଥିବା ଦୁର୍ବଳ ମଣିଷଟାର ଆଞ୍ଜୁଳାଏ ସ୍ୱପ୍ନ ଭିତରେ, ତୁମେ କଣ ଜାଣିପାରୁନା ଧୀରେ ଧୀରେ ଏକ ଠିକଣା ନଥିବା ଅନ୍ଧାରୁଆ ଗଳି ଭିତରେ ନିଜକୁ ହଜାଇ ଦେବାରେ ଲାଗିଛ! ... ତୁମେ କ'ଣ ଅନୁଭବ କରିପାରୁନ ତୁମ ଗତିବେଗ କେମିତି ଅହେତୁକ ଭାବେ ବିପର୍ଯ୍ୟସ୍ତ? ତୁମେ ଆତ୍ମବିଶ୍ଳେଷଣ କର.. ନିଜକୁ ନିରେଖ... ତୁମ ଲକ୍ଷ୍ୟ ସାଧନରେ ତୁମେ ପଛେଇ ଯାଇନ ତ?... ସେଦିନ ଏହା ହିଁ ଥିଲା ସିଦ୍ଧାର୍ଥ ପାଇଁ ସ୍ନେହପ୍ରଦାର ଚେତାବନୀ । ଏତକ କହିଲା ବେଳେ ସ୍ନେହପ୍ରଦା ବିଚଳିତ ଜଣାପଡୁଥିଲା । ବିରାଟ ସମ୍ଭାବନାର ସୌଧଟାଏ ଭୁଶୁଡ଼ି ପଡ଼ିବା ଦୃଶ୍ୟରେ ଯେମିତି ଅଣନିଶ୍ୱାସୀ ହୋଇପଡୁଥିଲା ସ୍ନେହପ୍ରଦା ।

ସିଦ୍ଧାର୍ଥ ନିରବ। ଗମ୍ଭୀର ହୋଇ ବସିଥିବା ସିଦ୍ଧାର୍ଥ ଯେମିତି ବୋହି ଯାଉଥିବା ଝରଣାର ଦିଗ ବାରୁଥିଲା । ଝରଣା ବୋହି ଚାଲିଛି... ତା' ଗତିର ଯଦି ଅନ୍ତ ଥାନ୍ତା ସେ ସୀମିତ... ସଂକ୍ଷିପ୍ତ ଜଳରାଶିଟିଏ ହୋଇଯାଆନ୍ତା ।

ସିଦ୍ଧାର୍ଥର ଝର ଝର ବ୍ୟକ୍ତିତ୍ୱ ଅଟକି ଯାଇଛି, କଳାବତୀର ଝରଣା ନିକଟରେ । ସେ ଏକା ନୁହେଁ ତା' ଭଳି ଅନେକ ବ୍ୟକ୍ତିତ୍ୱ। ବୟସ୍କ ନୀଳକଣ୍ଠ ପଟ୍ଟନାୟକ, ତାଙ୍କର ରକ୍ଷଣଶୀଳ ବୟସରେ ବି ସେ କେମିତି କଳାବତୀର ମୋହରେ ପଡ଼ିଯାଇଥିଲେ... । ବୃଦ୍ଧ ଅଧ୍ୟାପକ ଡକ୍ଟର ସଦାଶିବ ମହାପାତ୍ରଙ୍କର ବି ସେଇ ଅବସ୍ଥା। ତାଙ୍କ ବିବାହିତ ଜୀବନରେ କେଉଁ ଆବଶ୍ୟକତା ଧିମେଇ ପଡ଼ିଥିଲା ଯେ ସେ କଳାବତୀର ମୋହଗ୍ରସ୍ତ ହୋଇଗଲେ? ନରେଶ ସେନଗୁପ୍ତ, ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ, ତାଙ୍କ କପାଳରେ ବି ଦିନେ ଏକା ଦୁର୍ଯୋଗ ଜୁଟିଥିଲା । କଳାବତୀକୁ ଆବୋରିବାକୁ ହାତ ପାତିଥିଲେ, ହେଲେ ଫଳ କିଛି ହେଲା ନାହିଁ । ଦାଉ ସାଧିବାକୁ ସେ କଳାବତୀର ଅତି ଆପଣାର କନକଲତାକୁ ବିବାହ କଲେ, ହେଲେ ବିବାହ ପରେ ବି ସେ କଳାବତୀର ମୋହମୁକ୍ତ ହୋଇ ପାରି ନଥିଲେ । ରବୀନ୍ଦ୍ର, ସେ ଏକ ଦୁର୍ବଳ ବ୍ୟକ୍ତିତ୍ୱ । ତା' ପାଇଁ କଳାବତୀ ଭଳି ନାରୀର ମୋହରେ ପଡ଼ିବା ଅସ୍ୱାଭାବିକ ନଥିଲା। ବିଚରା ବାବୁଲା, କଅଁଳିଆ ବୟସରୁ କଳାବତୀକୁ କେନ୍ଦ୍ରକରି ଚକ୍କର କାଟିବୁଲୁଥିଲା... ସତେକି କଳାବତୀ ବ୍ୟତିରେକ ତା' ସ୍ଥିତି ନିଶେଷ ହୋଇଯିବ! ...ସେମିତି ଅନେକ.. ସେସବୁ ଚରିତ୍ରଙ୍କ ଗହଣରେ ସିଦ୍ଧାର୍ଥଟା ବୁଲୁଥିଲା.. ଦୁଇ ହାତ ଉପରକୁ ଟେକି... ଖଣ୍ଡିଆ ଭୂତର କାଗଜଟୁକୁରା, ଶୁଖିଲାପତ୍ର, ଜରି ଛିଣ୍ଡାକନା ଧୂଳିଧୂସର ଆବର୍ଜନା ଭିତରେ ଚକା ଚକା ଭଉଁରି କାଟି... ମାମୁ ଘର ଚଉଁରି ଗୀତ ଗାଇ ଗାଇ ଉଲ୍ଲାସରେ ଘୁରୁଥିଲା ।

...ସ୍ନେହପ୍ରଦା କହେ, 'ପ୍ରତ୍ୟେକ ପରାଜିତ ପ୍ରେମିକା ପ୍ରେମିକଙ୍କ ପରାଜୟରେ ଆତ୍ମସନ୍ତୋଷ ଲାଭ କରେ । ସିଦ୍ଧାର୍ଥ ଭଳି ଘୁମନ୍ତ ବ୍ୟକ୍ତିତ୍ୱମାନଙ୍କୁ ଘୂରାଇ ଘୂରାଇ କଳାବତୀ କ୍ଳାନ୍ତ ନୁହେଁ, ପରନ୍ତୁ ଆତ୍ମତୃପ୍ତି ଲାଭ କରୁଛି। ସିଦ୍ଧାର୍ଥ ପାରୁଛ ଯଦି କଳାବତୀକୁ ଆପଣା ଭିତରେ ଆବଦ୍ଧ କର । ତାର ଅସ୍ତିତ୍ୱ ଲୋପ କରି ତୁମଠାରେ ଏକାକାର କରାଇ ଦିଅ । କଳାବତୀ ତୁମଠାରେ ନିଃଶେଷ ହୋଇଯାଉ । ତୁମେ ସ୍ରୋତଶାଳୀ ହୋଇ ବୋହିଯାଅ ନିଜ ଗତିପଥରେ... ତୁମେ ଛୁଟିଯାଅ ଅବାରିତ ଭାବେ ନିରବଚ୍ଛିନ୍ନ ଗତିରେ ଦୂରଦିଗନ୍ତ ଭେଦ କରି ଆଗକୁ ଆଗକୁ । ନଚେତ୍ ଅନ୍ୟମାନଙ୍କ ଭଳି ତୁମେ ସେ ଭଉଁରି ଭିତରେ ପଡ଼ିଯିବ... ତୁମ ଅସ୍ତିତ୍ୱ ହଜିଯିବ.. ତୁମଠାରେ ଅନ୍ତର୍ନିହିତ ପ୍ରତ୍ୟେକ ସମ୍ଭାବନା ମଉଳି ଯିବ ଅଦିନରେ । ଅବଶିଷ୍ଟ ଜୀବନ ଅତି ସାଧାରଣ ନଗଣ୍ୟ ପାଲଟିଯିବ... । କେବଳ କଙ୍କାଳ ...କେଇଖଣ୍ଡ ମଲାଶୁଖିଲା ହାଡ଼କୁ ଧରି ନିର୍ଜୀବ ଆଖିରେ ତୁମେ ପଛକୁ ଚାହିଁଲା ବେଳେ ନିଜେକୁ ନିଜେ ଦେଖି ଛିକାର କରିବ, ଆଗକୁ ଚାହିଁଲେ ନିଜକୁ ଦୁର୍ବଳ ଭାବି ଅଧିକ ଅସହାୟ ବୋଧକରିବ.. ।'

ସିଦ୍ଧାର୍ଥ ସାହସ ବାନ୍ଧିଲା । ମନ ଟାଣ କଲା, କେଇଖଣ୍ଡ କାଠ ଗଣ୍ଡି ଗଡ଼େଇ ଗଡ଼େଇ ଝରଣାର ପାଣିକୁ ଠେଲି ଦେଲା । ଗୁଡ଼ାଏ ଢେଲାପଥର ପକାଇ ଝରଣାର ଗତିପଥ ଅବରୋଧ କରିବାକୁ ଚେଷ୍ଟା କଲା । ହେଲେ ଝରଣା ସେସବୁକୁ ବେଖାତିର କରି ତାଚ୍ଛଲ୍ୟର ହସ ହସି ଆଗକୁ ଆଗକୁ ଅଣ୍ଟା ହଲାଇ ହଲାଇ ଚାଲିଗଲା ନିଜ ବାଟରେ ।

...ବଡ଼ ଦୟନୀୟ ଅବସ୍ଥାରେ ସେଦିନ କଳବତୀ ପାଖରୁ ଫେରିଥିଲା ସିଦ୍ଧାର୍ଥ । କଳାବତୀକୁ ଆବଦ୍ଧ କରିବାର ତାର ସବୁ ଯୋଜନା ଭୁଶୁଡ଼ି ପଡ଼ିଥିଲା । କଳାବତୀ ନିଜର ସୁବିଶାଳ ବ୍ୟକ୍ତିତ୍ୱ ଜାହିରି କରିବା ଠାଣିରେ ଛାତି ଫୁଲାଇ ଆଖି ନଚାଇ ନଚାଇ କହିଥିଲା, ମୁଁ ଆବଦ୍ଧ ହେବାକୁ ଚାହେଁନି ସିଦ୍ଧାର୍ଥ କାରଣ ମୁଁ ଗତିବାନ୍... ତୁମ୍ଭମାନଙ୍କ ପରି ସ୍ଥାଣୁ ନୁହେଁ...।

ବିଫଳତାରେ ଅସହାୟ ବୋଧ କରୁଥିଲେ ମଧ୍ୟ ନିଜକୁ ସବଳ ପ୍ରମାଣିତ କରିବା ଗଳାରେ ସିଦ୍ଧାର୍ଥ କହିଥିଲା, ତୁମେ ଗତବାନ୍ କି ନା ମୁଁ ଜାଣେନା, ହେଲେ ଏହା ସତ୍ୟ ଯେ ତୁମେ ଜଣେ ବିଫଳ ଚରିତ୍ର, ପରାଜିତମାନେ କେବଳ ଆପଣା ଅନୁଗାମୀଙ୍କ ବିଫଳତାରେ ଆତ୍ମତୃପ୍ତି ପାଇଥାନ୍ତି, ସେଇ ନ୍ୟାୟରେ ତୁମେ ବୋଧହୁଏ ମୋ ପରାଜିତ ଅବସ୍ଥାକୁ ଅପେକ୍ଷା କରୁଛ?

ସ୍ନେହପ୍ରଦା ଯାହା କହୁଥିଲା ସେସବୁ ବାରମ୍ବାର ସିଦ୍ଧାର୍ଥ ଭିତରେ ପ୍ରତିଧ୍ୱନିତ ହେଲା, ସତେକି ସେସବୁ ତା' ଛାତି ଫଟାଇ ବାହରକୁ ଛିଟିକି ପଡ଼ିବେ । ସ୍ନେହପ୍ରଦା ତା' ଛୁଆଟି ଦିନର ସାଥୀ, ସ୍କୁଲରୁ ଏମ୍ ଏ ପର୍ଯ୍ୟନ୍ତ... ଏତେ କାଳ ତା'ପାଖାପାଖି ଜୀବନ କଟାଇଛି ସିଦ୍ଧାର୍ଥ । ନିଜକୁ ବୁଝାଇଲା ସିଦ୍ଧାର୍ଥ, ମନ ଟାଣ କଲା । ସେଇ ଦିନରୁ ନିଜକୁ ନିଜ ଭିତରେ ବାନ୍ଧି ରଖିଲା ସିଦ୍ଧାର୍ଥ। ଖୋଜିଲୋଡ଼ି କାଠ ବାଉଁଶରେ ନିଜ ମନ ଲାଖି ଘରଟିଏ କଲା । ଘର ସାମ୍ନାରେ ଛୋଟିଆ ବଗିଚା । ବଗିଚାରେ ଅନେକ ଫୁଲ । ସିଦ୍ଧାର୍ଥ କହେ କଳାବତୀ ଫୁଲପରି ସୁନ୍ଦର, ହେଲେ କେବେ ତ କହେନି ଫୁଲମାନେ କଳାବତୀ ପରି ସୁନ୍ଦର! ଫୁଲପରି ସତେଜ ସୁନ୍ଦର ରହିବାକୁ କଳାବତୀ ନିଜକୁ ଦିନରେ ଅନେକ ଥର ସଜେଇ ହୁଏ, ଦର୍ପଣରେ ଆପଣା ଚେହେରା ଦେଖେ... ସିଦ୍ଧାର୍ଥ ଭିତରଟା କେମିତି ହାଲୁକା ହାଲୁକା ଲାଗିଲା । ନିଜକୁ ନିଜେ ହସିବାକୁ ଚେଷ୍ଟ କଲା ସିଦ୍ଧାର୍ଥ ।

ନିଜ ବଗିଚାରେ ସିଦ୍ଧାର୍ଥ, ସାମ୍ନାରେ ଧାଡ଼ି ଗଛ, ପେଛା ପେଛା ରଙ୍ଗବେରଙ୍ଗର ଫୁଲ । ଧୀରେ ଧୀରେ ଫୁଲଟିର ଖୁବ୍ ନିକଟକୁ ଗଲା ସିଦ୍ଧାର୍ଥ । ବେଶ୍ ନିକଟରୁ... ନିକଟତର। ସେଇ ଆକର୍ଷଣ, ସୁବାସ ସୁନ୍ଦର... ଅନ୍ୟକୁ ପରାହିତ, ପରାଜିତ କରିବାର ଆକାଂକ୍ଷା ନାହିଁ ତା'ର । ଯେମିତି ତା' ସୃଷ୍ଟି ସିଦ୍ଧାର୍ଥ ପାଇଁ ଏବଂ ଜୀବନର ଶେଷ ଯାଏ ସିଦ୍ଧାର୍ଥର ହୋଇ ରହିବାର ମମତା ନେଇ ସରଳତାରେ ସେ ଅନାଇ ବସିଛି । ସିଦ୍ଧାର୍ଥ ପରଖି ଦେଖିଲା, ଆହୁରି ନିକଟକୁ ଜଡ଼େଇ ଆସିଲା ସିଦ୍ଧାର୍ଥ । ସିଦ୍ଧାର୍ଥର ସ୍ପର୍ଶରେ ପାଖୁଡ଼ା କେଇଟା ଝରିପଡ଼ିବାରେ ସିଦ୍ଧାର୍ଥ ମର୍ମାହତ ହୋଇପଡ଼ିଲା... ଭଙ୍ଗାରୁଜା ଫୁଲାଟାକୁ ଆଉଁଶିବାକୁ ହାତ ନେଉ ନେଉ ଅଟକି ଗଲା... ।

ଜେଜେ ତୁମେ କିଛି କହିଲନି... ଏଠି କ'ଣ କରୁଛ? ପାଖରେ ନାତି। ଦୋ' ଛକିରେ... ପ୍ରେମ କରୁଥିବା ଝିଅକୁ ବିବାହ କରିବା ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ । ହସିଲେ ସିଦ୍ଧାର୍ଥ । ଆରେ ଏସବୁ ମାମଲାରେ ମୁଁ ହୁଏତ ଠିକ୍ ବାଟ ବତାଇପାରିବିନି ଜେଜେ ମା'ଙ୍କୁ ପଚାରେ...।

ସିଦ୍ଧାର୍ଥର ଉତ୍ତରରେ ଚିହିଁଙ୍କି ଉଠିଲେ ସ୍ନେହପ୍ରଦା, କେଉଁଦିନ କିଛି ପଚାରି କରିଛ? ବୁଢ଼ା ବେଳକୁ ଜେଜେମାଙ୍କୁ ପଚାରେ... ।

ସିଦ୍ଧାର୍ଥ ପାଖକୁ ଲାଗିଆସି କହିଲା, ନାତିକଥା ଶୁଣିଲା ପରେ କଳାବତୀ କଥା ମନେପଡ଼ିଗଲା ତ... ।

ସ୍ନେହପ୍ରଦା ବିରକ୍ତ କଣ୍ଠରେ କହିଲେ, କେବେଠୁ କ୍ୟାନସରରେ ସେ ମଲାଣି... ।

ସିଦ୍ଧାର୍ଥ ଅଟକି ଗଲା । ଜୀବନ ଲଢ଼େଇ କରି କରି ଏବେ ସେ ଜରା ଯନ୍ତ୍ରଣା ଭୋଗୁଛି । ...ଅଥଚ ଅଜୟ ରହିବା ଜିଦ୍‌ରେ କଳାବତୀ ବୟସକୁ ବି ଫାଙ୍କି ଚାଲିଗଲା! ... ନିଜକୁ ନିଜେ ହସିଲେ ସିଦ୍ଧାର୍ଥ ।

***ମୋ. ୯୪୩୭୦୧୧୭୭୩***

## ଶାନ୍ତି ପାଇଁ ସାଲିସ୍

● ମନୋରମା ମିଶ୍ର

ମନ୍ଦିରାଙ୍କୁ କୋଡ଼ିଏ ବର୍ଷ ବେଳେ ଏ ଘରକୁ ବୋହୂ ହୋଇ ଆସିଥିଲେ ଯେ ପଇଁତିରିଶ ବର୍ଷ ହେଲା କେବଳ କାମ କରି କରି କୋମଳ, ଅନଭ୍ୟସ୍ତ ହାତ ତାଙ୍କର ଖୁବ୍ ଶକ୍ତ ଓ ଅଭ୍ୟସ୍ତ ହୋଇଗଲାଣି । ଏ ଘରେ ତାଙ୍କୁ ବାହାଦେଇ ବାପା, ମା' ନିଶ୍ଚିନ୍ତ ହୋଇଥିଲେ । ଭାବିଥିଲେ ସହରରେ ଶାଶୁଘର । ଘରର ସଦସ୍ୟ ପୁଣି ମାତ୍ର ଦୁଇଜଣ, ସ୍ୱାମୀ ଏବଂ ଶାଶୂ । ଅତଏବ ଝିଅ ନିଶ୍ଚୟ ଅନେକ ସ୍ନେହ ଆଦର ପାଇ ଅୟସରେ ରହିବ । ଅଥଚ ତାଙ୍କୁ ଏଠି ଅବିଶ୍ରାନ୍ତ କାମ କରିବାକୁ ପଡ଼ିଲା । କୁଳୀନ ବ୍ରାହ୍ମଣ ଘର । ପର୍ବପର୍ବାଣି, ଠାକୁର ପୂଜା, ଶ୍ରାଦ୍ଧ, ବ୍ରତ, ଉପବାସ ସେହି କଅଁଳ ବୟସରେ । ଅଣନିଃଶ୍ୱାସୀ ହୋଇ ପଡ଼ିଥିଲେ ମନ୍ଦିରା । ସେଥିରେ ପୁଣି ପ୍ରତିକାମକୁ ଶାଶୂଙ୍କର ତୀକ୍ଷ୍ଣନଜର, ଅହରହ କଡ଼ା ଉପଦେଶ । ଆତ୍ମାଜିତ ଗାଳି ତାଙ୍କୁ ଓ ତାଙ୍କର ବାପା, ମା'ଙ୍କୁ ସବୁଠୁ କଷ୍ଟଦାୟକ ଥିଲା । ବାପଘର ଲୋକଙ୍କର ଆସିବାଟାକୁ ଶାଶୂ ସହ୍ୟ କଲେନି କି ତାଙ୍କୁ ବାପଘରକୁ ଯିବାକୁ ଅନୁମତି ଦେଲେନି । ଏମିତିକି ବାହାରକୁ ଟିକେ ଛାଡ଼ିଲେନି କି ବାହାରୁ କିଏ ଘରକୁ ଆସିଲେନି, ମିଶିବାକୁ ଦେଲେନି । ପୂରା ବନ୍ଦୀ ଜୀବନ । ପ୍ରତି କଥାରେ ପୁଣି ନିଜ ଉଦାହରଣ ଖଞ୍ଜି ଦେଉଥିଲେ । ତାଙ୍କ ବେଳେ ସେ ଯେମିତି ଗନ୍ଧମାର୍ଦ୍ଦନ ଟେକି ଆଣୁଥିଲେ, ଅନାୟାସରେ ଅଂଶୁପା ହ୍ରଦଟେ ଖୋଳି ଦେଉଥିଲେ ଏବଂ ରାନ୍ଧିବାଢ଼ି ବଡ଼ ବଡ଼ ଭୋଜି ଅବା ଉଠେଇ ଦେଉଥିଲେ । ଶୁଣି ନ ଶୁଣିଲା ଭଳି ରହୁଥିଲେ ମନ୍ଦିରା । ଆଖିର ଲୁହକୁ କାନିରେ ସାଇତି କାମ କରୁଥିଲେ । ଦୁଃଖ ବାଣ୍ଟିବାକୁ କାହାକୁ ପାଉନଥିଲେ । ଆଉ ସ୍ୱାମୀ । ତାଙ୍କଠାରୁ ନିଜ ବ୍ୟଥା ବେଦନା ପାଇଁ ଆଶ୍ୱାସନା ଆଶା କରିବା ବୃଥା ଥିଲା । ଯେତେବେଳେ ସ୍ନେହ ଆଦରରେ ସ୍ତ୍ରୀର ମନକୁ ବାନ୍ଧି ରଖିବା କଥା ।

ସେତେବେଳେ ସେ ଅତ୍ୟଧିକ ମାତୃ ସ୍ନେହ ପାଇ ଶିଶୁ ବା କୈଶୋର ସୁଲଭ ନିର୍ଭରଶୀଳତାରେ ନିଜକୁ ଅଜାଡ଼ି ଦେଇ ଦାୟିତ୍ୱବୋଧହୀନ, ମାତୃଗତପ୍ରାଣ, ଆଜ୍ଞାବହ ପୁଅଟିଏ ହୋଇ ରହିଥିଲେ । କିନ୍ତୁ ମା' ସହିତ ମିଶି ମନ୍ଦିରାଙ୍କୁ ହେୟଜ୍ଞାନ କରିବାରେ ଆନନ୍ଦ ପାଉଥିଲେ । ମା' ସହିତ ମିଶି ମନ୍ଦିରାଙ୍କୁ ଗାଳି ଦେଇ ଶାନ୍ତି ଲଭୁଥିଲେ । ଶେଷରେ ଛତ୍ରଛାୟା ବିହୀନ , ନିରୁପାୟ ମନ୍ଦିରାଙ୍କର ଏକମାତ୍ର ଅବଲମ୍ବନ ହୋଇଗଲା ସେହି ଦୁର୍ବିସହ ବୋହୂପଣିଆ, ଯେଉଁଥିରୁ କି ଏ ପର୍ଯ୍ୟନ୍ତ ବି ମୁକୁଳି ପାରୁନାହାନ୍ତି ସେ ।

ସେଇ ଅସହାୟତା ଭିତରେ ଅଳ୍ପ କିଛି ବର୍ଷ ବ୍ୟବଧାନରେ ମନ୍ଦିରାଙ୍କର ସନ୍ତାନ ଦୁଇଟି ଜନ୍ମିଥିଲେ। ବୁଲୁ ଏବଂ ଟିକିନ୍ । ସେମାନଙ୍କୁ ନେଇ ସ୍ୱପ୍ନ ଦେଖିବାର ସୁଯୋଗ ନଥିଲେ ବି ସେଇ କୋମଳ ବୟସରୁ ମନ୍ଦିରା ନିଜକୁ ଖୁବ୍ ସ୍ନେହୀ ଏବଂ ଦରଦୀ ଶାଶୂଟିଏ କରି ଗଢୁଥିଲେ । ଅନାଗତ ଦୁଇଟି ନିରୀହ, ସୁନ୍ଦର ବୋହୂଙ୍କର ସ୍ୱପ୍ନ ଦେଖୁ ଦେଖୁ ଆଖି ମୁଦି ହୋଇ ଯାଉଥିଲା ତାଙ୍କର ଆବେଗରେ ।

ବଡ଼ପୁଅ କଲେଜରେ ପାଦ ଦେଲାବେଳକୁ ଶାଶୂ ପ୍ରାୟ ଶେଯରେ । ତଥାପି ତାଙ୍କର ସେ ଅବଦମିତ ଅହଙ୍କାର ଓ ଅସହଣିପଣ ବୟସର ଅସହାୟତା ପାଖରେ ହାର୍ ମାନିନଥିଲା । ବରଂ ଆହୁରି ଦୃଷ୍ଟି କଟୁଭାବେ ଶ୍ରୁତିକଟୁଭାବେ ମୁଣ୍ଡଟେକି ଥିଲା । ସବୁ ଗାଳି ମନ୍ଦ ସତ୍ତ୍ୱେ ମନ୍ଦିରାଙ୍କ ବିରାମହୀନ ଶୁଶ୍ରୁଷା ଭିତରେ ଶାଶୂ ଉପରକୁ ଟିକେଟ୍ କାଟିଥିଲେ ସିନା। ଶାଶୂଙ୍କର ଗେଲବସର, ଆଜ୍ଞାବହ ପୁଅଟି କିନ୍ତୁ କେଉଁ ଫାଙ୍କରେ ବଦରାଗୀ, ଆତ୍ମସୁଖ ଲୋଭୀ, କର୍ମଭୀରୁ ଗୃହସ୍ଥଟିରେ ପରିଣତ ହୋଇସାରିଥିଲେ । ବିବାହ ପରେ ପରେ ପତ୍ନୀଙ୍କର ଅଫୁରନ୍ତ ରୂପର ତାରିଫ୍ କେବେ ସେ କରିନାହାନ୍ତି କି ଏ ଉତ୍ତୀର୍ଣ୍ଣ ବୟସରେ ପତ୍ନୀଙ୍କ କର୍ମ ନିପୁଣତାର ଗୁଣଗାନ କରିବାକୁ ଆବଶ୍ୟକ ମନେ କରିନାହାନ୍ତି । ମନ୍ଦିରାଙ୍କ ଜୀବନଯାତନା ଯେମିତି ଭାଗ୍ୟ ନିର୍ଦ୍ଧାରିତ ଥିଲା । କେବଳ ପୁଅ ଦୁଇଟିଙ୍କ ପାଇଁ ତାଙ୍କ ସଂସାର ଜଳଧିରେ କିଛି ତରଙ୍ଗ ଥିଲା । ଏବଂ ଭାବୀ ବୋହୂ ଦୁଇଜଣଙ୍କ ଭାବନାରେ ସେ ତରଙ୍ଗାୟିତ ଜଳଧିରେ ଜୁଆର ଉଠୁଥିଲା । ମଝିରେ ମଝିରେ ।

କ୍ରମେ ବୁଲୁ ଭଲ ଚାକିରିଟିଏ ପାଇ ଦିଲ୍ଲୀରେ ଅବସ୍ଥାନ କଲା । ଧନୀଘର ଝିଅଟିଏ ଘରକୁ ବୋହୂ ହୋଇ ଆସିଲା । ଏବଂ କୌଣସି ପ୍ରକାରେ ପନ୍ଦର ଦିନ ଚଳି ଦିଲ୍ଲୀଗଲା ଯେ ବର୍ଷକୁ ଥରେ ଆସେ ମାତ୍ର ପନ୍ଦର ଦିନ ପାଇଁ, ତା' ପୁଣି ଅଧାରୁ ଅଧିକ ଦିନ ବାପ ଘରେ କଟାଇ । ମନ୍ଦିରା ଭଲ ଶାଶୂ ହୋଇ ବୋହୂକୁ ଚଳାଇବା ତ ଦୂରର କଥା ବରଂ ଉପରମୁହାଁ ବୋହୂର ବରାଦରେ ଚଳୁ ଚଳୁ ନୟାନ୍ତ ହୋଇଯାଆନ୍ତି । ଶାଶୂଙ୍କ ଗଞ୍ଜଣା ସହିବାର ଗୋଟେ ଯୁକ୍ତି ଥିଲା । କିନ୍ତୁ ବୋହୂର ମନ ଜଗି ଚଳିବାକୁ ଭାରି ବାଧୁଥିଲା । ଏକାନ୍ତ ବେଳେ କ୍ଳାନ୍ତ ଆଖି ପତାରୁ ତାଙ୍କର ସାଇତା ସ୍ୱପ୍ନ ସବୁ ହଜିଯାଇ ଲୁହ ଝରୁଥିଲା । ଯାହା ସାନପୁଅ ଟିକନ ଆଖିରୁ ବାଦ୍ ଯାଉନଥିଲା । ନଜାଣିଲା ଭଳି ଥଟ୍ଟା କରି କହୁଥିଲା, ''ଜମା ବ୍ୟସ୍ତ ହୁଅନା ମା' ! ଦେଖିବୁ ସାନ ବୋହୂ ଆସିଲେ ତୋ ଦୁଃଖ ଯିବ ।'' ବାସ୍ ଏତିକି କଥାରେ ମନ୍ଦିରା କୃତ୍ୟ କୃତ୍ୟ ହୋଇଯାଆନ୍ତି, ବିଚଳିତ ହୋଇଯାଆନ୍ତି । କାହିଁକି ନ ହେବେ ? ଟିକନ ସିନା ବୁଲୁ ପରି ବେଶୀ ପାଠ ପଢ଼ିଲାନି, ଖାଲି ବିଏ ପାସ୍ କରି ରହିଲା, କିନ୍ତୁ ତାଙ୍କୁ ତ କେବଳ ସେଇ ହିଁ ବୁଝେ ।

ଜେଜେମା ଓ ବାପାଙ୍କ ପାଖରେ ଯେତେବେଳେ ସେତେବେଳେ ମା' ସପକ୍ଷରେ ଯୁକ୍ତି ବାଢ଼ି ଗାଳିଖାଏ । ଆଉ ମନ୍ଦିରା ? ମନ୍ଦିରା ତ ନିଜ ମନର ସୁଖ ଦୁଃଖର ପେଡ଼ିଟି କେବଳ ଟିକନ ଆଗରେ ହିଁ ଭାରି ଭରସାରେ ଖୋଲିଦେଇପାରନ୍ତି । ଟିକନ ବଡ଼ ହେଲା ପରେ ତାଙ୍କର, ବୋଉ କି ବାପାଙ୍କ ପାଖକୁ ଲେଖିଥିବା ଚିଠି ଖଣ୍ଡକ ଲୁଚେଇ କରି ନେଇ ପୋଷ୍ଟବକ୍ସରେ ପକାଇ ଦେଇ ଆସିଛି ଏବଂ ତା' ସାଙ୍ଗର ଠିକଣାରେ ଆସିଥିବା ଉତ୍ତରଟି ବି ଆଣି ଚୁପ୍‌ଚାପ୍ ତାଙ୍କୁ ଧରେଇ ଦେଇଛି । ମନ୍ଦିରାଙ୍କ ମରୁଭୂମି ତୁଲ୍ୟ ଜୀବନରେ ଟିକନ ହିଁ ଖଣ୍ଡିଏ ମରୁଦ୍ୟାନ ।

ବଡ଼ପୁଅକୁ ଯେତିକି ଦୂରେଇ ଯାଉଥିଲା ଟିକନ ସେତିକି ପାଖକୁ ଲାଗିଆସୁଥିଲା । ଆକାଶକୁ ଉଠିବାର ସ୍ୱପ୍ନ ତା'ର ନଥିଲା । ନଥିଲା କର୍ତ୍ତବ୍ୟଠୁ ଦୂରେଇ ଯାଇ ନିଜକୁ ବିକଶିତ କରିବାର ଆଗ୍ରହ । କମ୍ପ୍ୟୁଟରର କୋର୍ସଟିଏ ସାରିଦେଇ ସାଧାରଣ ଦରମାର ଚାକିରିଟିଏ ଯେତେବେଳେ ଟିକନ ପାଇଗଲା ଏଇ ସହରରେ ସେତେବେଳେ ମନ୍ଦିରାଙ୍କର ଧୂଆଁଳିଆ ଦିଶୁଥିବା ସ୍ୱପ୍ନ ସବୁ ପୂର୍ଣ୍ଣିମା ଜହ୍ନପରି ଭାରି ଉଜ୍ଜ୍ୱଳ ଦିଶିଲେ ।

ଅଥଚ ଟିକନ ତାଙ୍କ ଆଦରର ସାନପୁଅ ଏବେ ଦିନେ ରାତିରେ ଖାଇବା ବେଳେ ତା'ର ମନକଥା କହିବସିଲା । ଏହି ସାଇର ମହାନ୍ତିବାବୁଙ୍କ ଝିଅ ସବିତାକୁ ସେ କଥାଦେଇଛି, ଚାକିରି ପାଇଲେ ବାହା ହେବ । ବର୍ତ୍ତମାନ ସେହି ସମୟ ଆସନ୍ନ । ଟିକନ ପୁଣି ମା' ଆଖିରେ ଆଖି ରଖି ବୁଝାଇଥିଲା, ''ତୁ ଭୟ କରନା ମା' । ସବିତା ବହୁତ ଭଲ ଝିଅ । ସେ ନିଶ୍ଚୟ ତୋ ମନଲାଖି ବୋହୂ ହେବ ।'' ମନ୍ଦିରା ଲକ୍ଷ୍ୟକଲେ ପୁଅର ଉତ୍ସୁକ ଦୃଷ୍ଟିରେ ତାଙ୍କଠୁ ସାଗ୍ରହ ସମ୍ମତିଟିଏ ପାଇବାର ପ୍ରତ୍ୟାଶା । ଅଜାଣତରେ କେଇ ବୁନ୍ଦା ଲୁହ ତାଙ୍କ ଆଖିକଣରେ ଜମା ହୋଇଗଲା । ଏ ଅନୁନୟର ଉତ୍ତର ଯେ କେବଳ ଅଭୟ । ହୃଦୟର ସକଳ ମମତାକୁ ମିଶାଇ ଦେଇ ମନ୍ଦିରା ହସି ହସି ସେ ଅଭୟ ପୁଅକୁ ଦେଲେ । ଟିକନ ଆଶ୍ୱସ୍ତ ହୋଇ ଶୋଇବାକୁ ଗଲା ଏବଂ ମନ୍ଦିରାଙ୍କର ଅତଳ ଆଖିରେ ସବିତାର ସରଳ, ନିଟୋଳ, କିଶୋର ମୁହଁଟି ଭାସି ଉଠିଲା, ଯାହା ଟିକନର ସଦା ହସ ହସ ମୁହଁ ସାଙ୍ଗକୁ ଖୁବ୍ ମାନିବ । କିନ୍ତୁ କେମିତି ସମ୍ଭବ ହେବ ଏ କଥା ?

ମନ୍ଦିରା ଜାଣନ୍ତି ଟିକନ ମା ପାଇଁ ସମ୍ବେଦନଶୀଳ ହେବା ସହିତ ବାପାଙ୍କର ଭାରି ଆଜ୍ଞାବହ । ବାପାଙ୍କ ପାଟିରୁ କଥା ବାହାରିଲା ମାତ୍ରେ ସାଙ୍ଗେ ସାଙ୍ଗେ କାର୍ଯ୍ୟରେ ପରିଣତ କରିଦିଏ । କିଛି ବି କାମ ତାଙ୍କୁ ଏକୁଟିଆରେ କରାଇ ଦିଏନି । କିନ୍ତୁ ମନ୍ଦିରା ଏକଥା ବି ଜାଣନ୍ତି ଏତେ ବଡ଼ ଖାନ୍‌ଦାନୀ ବ୍ରାହ୍ମଣ ଘରେ ମହାନ୍ତିଘରର ଝିଅଟିଏ ବୋହୂ ହେବାକୁ ଟିକନର ଏହି ରକ୍ଷଣଶୀଳ ତଥା ବଦ୍‌ରାଗୀ ବାପା କଦାପି ରାଜି ହେବେନି । ତଥାପି ନିଜକୁ ଦୃଢ଼ କଲେ ସେ । ଯାହା ବାଧାବିଘ୍ନ ଆସିଲେ ବି ସବିତା ତାଙ୍କର ବୋହୂ ହେବ । ସେଇଟା ଏ ଘରେ ହେଉ ଅଥବା ଏ ଘରୁ ବାହାରି ଯାଇ ହେଉ ।

ଗୋଟେ ଦିନ ଏକ ଅଦମ୍ୟ ସାହସରେ ସେ ଟିକନର ଇଚ୍ଛା ଓ ନିଜର ନିଷ୍ପତ୍ତି ସ୍ୱାମୀଙ୍କୁ ଶୁଣାଇ ଦେଲେ । ତମାମ ଜୀବନ ମୁହଁ ଖୋଲିନଥିବା ସ୍ତ୍ରୀର ଏ ଦମ୍ଭୋକ୍ତିରେ ଟିକନର ବାପା ହୁଏତ ସ୍ତମ୍ଭୀଭୂତ ହୋଇଗଲେ । ଅଥବା ଗୋଟାଏ ଦୋଷୀ ପଣରେ ଭିତରେ ଭିତରେ ବତୁରି ଯାଇଥିଲେ ଅବା । ଅତ୍ୟନ୍ତ ଅବସନ୍ନ କଣ୍ଠରେ ଉତ୍ତର ଦେଲେ । ''ମୁଁ ଅନେକ ଦିନରୁ ଏସବୁ ଜାଣିଛି ଏବଂ ଏକଥା ଉଠିଲେ ପ୍ରତିବାଦ କରିବିନି ବୋଲି ମନେ ମନେ ସିଦ୍ଧାନ୍ତ ନେଇଛି'' । ଅବିଶ୍ୱାସ ଭରା କଣ୍ଠରେ ମନ୍ଦିରା କହିଲେ ''ଆଉ ତୁମ ବ୍ରାହ୍ମଣ ଘରର ମାନ ?

ସେ ମାନ ଆଉ କାହାର ଆଜିକାଲି ଅଛି ? ମାନକୁ ଜଗିଲେ ଆମେ ଟିକନ ଭଳି ପୁଅକୁ ହରାଇବା । ବରଂ ସବିତା ଭଳି ଝିଅଟି ବୋହୂ ହୋଇ ଆସିଲେ ବଡ଼ ବୋହୂଠାରୁ ଯାହା ମିଳିନି ତାହା ମିଳିଯିବ ଏବଂ ଆମର ଦୁଃଖ ଘୁଞ୍ଚିଯିବ । ଆଦୌ ଆଶା କରିନଥିବା ସ୍ୱାମୀଙ୍କର ଏ ଉତ୍ତରରେ ମନ୍ଦିରା ବିସ୍ମିତ ହୋଇଗଲେ, ମନ୍ଦିରା ବିମୂଢ଼ ହୋଇଗଲେ । ଏତେ ଦିନ ପରେ ଆଜି ଦୁହିଁଙ୍କର ଦୁଃଖ ଏକ ହୋଇଛି, ସମସ୍ୟା ଏକ ହୋଇଛି ଏବଂ ସିଦ୍ଧାନ୍ତ ମଧ୍ୟ ସମାନ ହୋଇଛି । ପୁତ୍ର ସ୍ନେହ ଆଗରେ ଏତେ ଅହଙ୍କାରୀ ଲୋକଟା ନିଜ ରକ୍ଷଣଶୀଳତାକୁ ବଳି ଦେଇଛନ୍ତି । ଅନାସ୍ୱାଦିତ ଏକ ଆନନ୍ଦରେ ଯେମିତି ମନ୍ଦିରା ପରିପୂର୍ଣ୍ଣ ହୋଇଗଲେ । ଦୀର୍ଘଦିନର ପ୍ରେମଶୂନ୍ୟ ମନରେ ତାଙ୍କର କେଉଁଠୁ କେଜାଣି ପ୍ରଖର ପ୍ରେମର ସ୍ରୋତଟିଏ ଆସି ପ୍ରବାହିତ ହୋଇଗଲା । ଏଥର ତାଙ୍କୁ ଦିଶିଲା ଟିକନର ବାପା ସତରେ କେତେ ରୁଗ୍ଣ ଓ ଦୁର୍ବଳ ଦିଶୁଛନ୍ତି । ତାଙ୍କର ବି ତ ଟିକେ ସ୍ନେହ ଓ ସାହଚର୍ଯ୍ୟ ଆବଶ୍ୟକ ।



***ନୀଳାଦ୍ରିବିହାର, ଭୁବନେଶ୍ୱର***
***ମୋ. ୯୮୬୧୫୬୭୮୫୩୨***

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୪ ଡିସେମ୍ବର ୨୦୨୫ । ଗୁରୁବାର

# ୧୦ ହଜାରରୁ କମ୍ ଆୟ ବ୍ୟକ୍ତିଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରାଯାଉ

**ବେତନଟୀ,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାରେ ବହୁ ଗରିବ ଲୋକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ବଞ୍ଚିତ ଥିବାରୁ ପ୍ରତିବର୍ଷ ରାଜ୍ୟରେ ବହୁ ଗରିବ ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ମୃତ୍ୟୁବରଣ କରୁଛନ୍ତି। ପୂର୍ବ ବିଜେଡି ସରକାର ୨୦୧୮ ମସିହାରେ ରାସନକାର୍ଡ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେଓ୍ୱାଇ)ରେ ସାମିଲ କରିଥିଲେ। ପରେ ୨୦୨୩ ମସିହାରେ ଏହାର ନାମ ପରିବର୍ତ୍ତନ କରି ବିଏସକେଓ୍ୱାଇ ନବୀନ କାର୍ଡ ପ୍ରଦାନ କରିଥିଲେ। କେନ୍ଦ୍ର ସରକାର ୨୦୧୮ ମସିହାରେ ସାରା ଦେଶରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତେବେ ତତ୍କାଳୀନ ବିଜେଡି ସରକାର ଏହାକୁ ଲାଗୁ କରିନଥିଲେ। ରାଜ୍ୟରେ ବିଜେପି ଡବଲ ଇଞ୍ଜିନ ସରକାର ଆସିବା ପରେ ବିଏସକେଓ୍ୱାଇ କାର୍ଡକୁ ଅଚଳ କରି ଆୟୁଷ୍ମାନ ଯୋଜନା ଲାଗୁ କରିଛନ୍ତି। ଏହି ଯୋଜନାରେ କେବଳ ରାସନ କାର୍ଡ ହିତାଧିକାରୀ ଲାଭ ପାଉଥିବା ବେଳେ ରାସନକାର୍ଡ ନଥିବା ଅଧିକାଂଶ ଗରିବ ଏବଂ ମଧବିତ୍ତ ଏହି ଯୋଜନାରୁ ବାଦ ପଡୁଥିଲେ। ଏଥିରେ ପ୍ରତି ପରିବାରକୁ ବାର୍ଷିକ ୫ ଲକ୍ଷ ଏବଂ ପରିବାରର ମହିଳା ସଦସ୍ୟଙ୍କ ନିମନ୍ତେ ଅତିରିକ୍ତ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ତେବେ ରାସନକାର୍ଡ ନଥିବା ପରିବାରଙ୍କୁ ମଧ୍ୟ ସାମିଲ କରିବାକୁ ବିଧାୟକ ଦାବି କରିଛନ୍ତି। ବର୍ତ୍ତମାନ ଓଡିଶାରେ ପ୍ରାୟ ୩ କୋଟି ୫୨ ଲକ୍ଷ ଲୋକ ଏହି ଯୋଜନାରେ ସାମିଲ ହେଇଥିବା ନେଇ ବିଧାନସଭାରେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ସନାତନ ବିଜୁଳି। ତେବେ ବିଏସକେଓ୍ୱାଇ ଏବଂ ଆୟୁଷ୍ମାନ କାର୍ଡ ତୁଳନାରେ କମ ଖର୍ଚ୍ଚରେ ରୋଗୀ ସୁସ୍ଥ ହୋଇ ଘରକୁ ଫେରୁଛନ୍ତି ବୋଲି ବିଧାୟକ ଦାବି କରିଛନ୍ତି। ବିଜେଡି ସରକାର ସମୟରେ ହାର୍ଟ ପେସେଣ୍ଟର ସର୍ଜରୀ ନିମନ୍ତେ ଏକ ପେସମେକରର ମୂଲ୍ୟ ୨,୬୨,୦୦୦ ଥିବା ବେଳେ ଆୟୁଷ୍ମାନ ଇନଭଏସରେ ମାତ୍ର ୭୫,୦୦୦ରେ ହେଇପାରୁଛି। ତେବେ ଏହିଭଳି ଅନେକ ଉଦାହରଣ ଦେଇ ବିରୋଧୀଙ୍କୁ ସମାଲୋଚନା କରିଛନ୍ତି ବିଧାୟକ ଶ୍ରୀ ବିଜୁଳି।

# ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା

**ଶେରଗଡ,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା (ଡିସିପିୟୁ) ଛତ୍ରପୁର ମିଳିତ ସହଯୋଗରେ ଶେରଗଡ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସୋସିଆଲ ଓ୍ୱର୍କର ସୁଦାମ ପାଣିଗ୍ରାହୀ ଓ କାମେଶ୍ୱର ପରିଡା, ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ ମମତାଞ୍ଜଳି ପଣ୍ଡା ଯୋଗଦେଇ ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି ବୋଲି ପ୍ରକାଶ କରିବା ସହ ଏ ଦିଗରେ ପ୍ରାଧାନ୍ୟ ଦେବା ଲାଗି ପରାମର୍ଶ ଦେଇଥିଲେ। ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ ମମତାଞ୍ଜଳି ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। ଆଜିର ଏହି କାର୍ଯ୍ୟକ୍ରମ ସମୟରେ ଉପସ୍ଥିତ ସମସ୍ତ ଅଙ୍ଗନବାଡି କର୍ମୀମାନଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ହଠାତ ନିଆଁ ଲାଗିଲେ କିଭଳି ନିଆଁକୁ ଆୟତ୍ତ କରାଯାଇପାରିବ, ସେ ଉପରେ ଉପସ୍ଥିତ ସମସ୍ତ ଅଙ୍ଗନବାଡି କର୍ମୀମାନଙ୍କୁ ତାଲିମ ଦିଆଯାଇଥିଲା। ଏହି ନିଆଁ ଲିଭାଇବା ତାଲିମକୁ ଶେରଗଡ ଦମକଳ ବାହିନୀର ଅଧିକାରୀ ବିଜୟ କୁମାର ଦାସଙ୍କ ସହିତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀରେ ଏକତା ପଦଯାତ୍ରା

**ମାହାଙ୍ଗା,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ବଲ୍ଲଭ ବାଏ ପଟେଲ ଓ ରମାଦେବୀ ଚୌଧୁରୀଙ୍କ ଜୟନ୍ତୀ ଅବସରରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଜବାହାରଲାଲ ନେହେରୁ ମହାବିଦ୍ୟାଳୟ ଠାରୁ କୋଠପଦା ପର୍ଯ୍ୟନ୍ତ ଏକତା ପଦଯାତ୍ରା ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ବଲ୍ଲଭ ବାଏ ପଟେଲ ଓ ରମାଦେବୀ ଚୌଧୁରୀଙ୍କ ଆଦର୍ଶ ଜୀବନ ଓ ସ୍ୱାଧୀନତା ପାଇଁ ଉଭୟ ଯାହା କରିଯାଇଛନ୍ତି ସେ ଉପରେ ବିଶଦ ଭାବେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଥିଲେ। ପରିବେଶବିତ ଅକ୍ଷୟ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଏସଡିପିଓ ବିରଞ୍ଚି ନାରାୟଣ ପତି, ଚଳଚ୍ଚିତ୍ର ଅଭିନେତ୍ରୀ ଶିବାନୀ, ବିଡ଼ିଓ ସୁଭାଶିଷ ପାଲଟା, ଦ୍ୱିବେନ୍ଦୁ ଦାସ, ଜେଏନ କଲେଜ ଅଧକ୍ଷ ଚିତ୍ତରଞ୍ଜନ ଦାସ, ପଲ୍ଲୀ ସାହି ମହାବିଦ୍ୟାଳୟ ଅଧକ୍ଷ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଏରକଣା ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ବେଉରା, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ନୃସିଂହ ଚରଣ ମିଶ୍ର, ବିଇଓ ସଂଯୁକ୍ତା ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ବଲ୍ଲଭ ବାଏ ପଟେଲ ଓ ମହିୟସୀ ମହିଳା ରମାଦେବୀ ଚୌଧୁରୀ ଦେଶ ପାଇଁ ଯାହା କରିଯାଇଛନ୍ତି। ସେ ସମସ୍ତ ଭାରତୀୟଙ୍କ ହୃଦୟରେ ଏବେ ବି ଚିର ସ୍ମରଣୀୟ ହୋଇ ରହିଛନ୍ତି ବୋଲି କହି ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନାରୀନେତ୍ରୀ ଯାଜ୍ଞସେନୀ ଜେନା, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ନାୟକ, ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ନିର୍ମଳ ରାଉତ, ଅରୁଣ ସେଠୀ, ଅଜୟ ନାୟକ, କିଶୋର ରାଉତ, ଅମୀୟ ରଞ୍ଜନ ପ୍ରଧାନ, ପ୍ରମୋଦ କୁମାର ସ୍ୱାଇଁ, ଉମାକାନ୍ତ ସ୍ୱାଇଁ, ଅନିଲ ନାୟକ, ଅଶୋକ ବେହେରା, ଅଭିନ ଜେନା, ଅମିତାଭ ପଣ୍ଡା, ଅନିଲ ରାଉତରାୟ, ନରେନ୍ଦ୍ର ରାଉତ, ମାନସ ରଞ୍ଜନ ଦାସଙ୍କ ସମେତ ହଜାର ହଜାର ଜନସାଧାରଣ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଏହି ଏକତା ପଦଯାତ୍ରାରେ ସାମିଲ ହୋଇ ଥିଲେ।

# ପୁରୁଷୋତ୍ତମପୁରରେ ଗୀତା ଜୟନ୍ତୀ

**କେନ୍ଦ୍ରାପଡ଼ା,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମସ୍ଥିତ ପଣ୍ଡିତ ହୃଷୀକେଶ ରଥଙ୍କ ଗୃହାଙ୍ଗନରେ ଥିବା ଶ୍ରୀରାମ ମନ୍ଦିର ସଭାଗୃହରେ ସଂସ୍କୃତ ଭାରତୀ, କେନ୍ଦ୍ରାପଡ଼ା ଶାଖା ଆନୁକୁଲ୍ୟରେ ଭଗବାନ ବ୍ୟାସଦେବଙ୍କ ରଚିତ ଶ୍ରୀମଦ୍ ଭଗବତ ଗୀତା ଜୟନ୍ତୀ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ ମହୋତ୍ସବକୁ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ ଭ୍ରମରବର ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବରେ ଦାମୋଦର ରାଉତ ଏବଂ ସମ୍ମାନୀତ ଅତିଥି ଭାବରେ ମେଜର ଭରତ ଚନ୍ଦ୍ର ଜେନା, ଫୋରଡବାୟା ଆଶ୍ରମର ମହନ୍ତ ହୃଷୀକେଶ ଦାଶ ଯୋଗଦେଇ ଭଗବତ ଗୀତା ମାହାତ୍ମ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ପଣ୍ଡିତ ହରେକୃଷ୍ଣ ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ନୃସିଂହ ଚରଣ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ମହାର୍ଘ କାର୍ଯ୍ୟକ୍ରମରେ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବଡ଼ପଣ୍ଡା ମାଧବ ଚନ୍ଦ୍ର ପତ୍ରୀ, ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଆକାଶବାଣୀ କଳାକାର କ୍ଷୀରୋଦ ଚନ୍ଦ୍ର ନାଥ ଭଜନ ପରିବେଷଣ କରିଥିଲେ। ଶେଷରେ ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଗତିଶୀଳ ସାହିତ୍ୟ ସମାଜ ମହାନଗର ଉତ୍ସବ

**ରାଜନଗର,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ହାତିନ ଗ୍ରାମର ଚିତ୍ରଶିଳ୍ପୀ କ୍ଷିରୋଦ କୁମାର ରାଉତଙ୍କୁ ପ୍ରଗତିଶୀଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ମହାନଗର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠାନର ସଭାପତି ରମେଶ ଚନ୍ଦ୍ର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ଡକ୍ଟର ରମେଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଯୁବ ଚିତ୍ରଶିଳ୍ପୀ କ୍ଷିରୋଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ଖବର ପ୍ରକାଶ ପରେ କ୍ଷିରୋଦଙ୍କୁ ଗ୍ରାମର ଯୁବକ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

# ସୋଆ ରାଜ୍ୟସ୍ତରୀୟ ଆଞ୍ଚଳିକ ଏଆଇ ହାକାଥନ୍ ପାଇଁ ମନୋନୀତ

**ଭୁବନେଶ୍ୱର,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**




ଓଡିଶା ରାଜ୍ୟସ୍ତରୀୟ ଏଆଇ ହାକାଥନ୍ ୨୦୨୫ ପାଇଁ କେନ୍ଦ୍ରାଞ୍ଚଳ ନୋଡାଲ ସେଣ୍ଟର ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ଚୟନ କରିବା ସହିତ କୃତ୍ରିମ ବୁଦ୍ଧିମତା (ଏଆଇ) କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଶକ୍ତି କେନ୍ଦ୍ର ହୋଇ ଉଭା ହେବା ପାଇଁ ଓଡିଶାର ପ୍ରୟାସକୁ ଏକ ଶକ୍ତିଶାଳୀ ପ୍ରୋତ୍ସାହନ ମିଳିଛି।

ଏହି ଘୋଷଣା ରାଜ୍ୟବ୍ୟାପୀ ଏଆଇ ଚାଳିତ ନବସୃଜନକୁ ତ୍ୱରାନିତ୍ୱ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ପ୍ରତିଭା, ପ୍ରଯୁକ୍ତିବଦ୍ୟା ଏବଂ ପରିବର୍ତ୍ତନକାରୀ ଚିନ୍ତାଧାରାର ଏକ ସ୍ପନ୍ଦନଶୀଳ ସମନ୍ୱୟ ପାଇଁ ମଞ୍ଚ ସ୍ଥାପନ କରିଛି। ଓଡ଼ିଶା ସୋସାଇଟି ଅଫ୍ ଦ ଆମେରିକାସ (ଓଏସ୍ଏ) ଏବଂ ଓଡ଼ିଶା ଏଆଇ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ହାକାଥନ୍ ଛାତ୍ରଛାତ୍ରୀ, ନବସୃଜନକାରୀ ଏବଂ ଯୁବଉଦ୍ୟୋଗୀମାନଙ୍କ ଠାରେ ସୃଜନଶୀଳତା ଏବଂ ସମସ୍ୟାକୁ ସମାଧାନ କରି ତାହାକୁ ପ୍ରୋତ୍ସାହିତ କରିବା ସହିତ ଓଡ଼ିଶାକୁ ବିଶ୍ୱସ୍ତରୀୟ ଏଆଇ ମାନଚିତ୍ରରେ ଦୃଢ଼ ଭାବରେ ସ୍ଥାନିତ କରିବାର ଲକ୍ଷ୍ୟ ରଖିଛି।

ମନୋନୀତ ନୋଡାଲ୍ କେନ୍ଦ୍ର ଭାବରେ ସୋଆ କେନ୍ଦ୍ରୀୟ ଜୋନ୍, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଏବଂ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟକଳାପକୁ ସଂଯୋଗ କରିବ ଓ କେନ୍ଦ୍ରାଞ୍ଚଳ ପାଇଁ ହାକାଥନ ଆୟୋଜନ କରିବ।

ଏହି ହାକାଥନ୍ ଡିସେମ୍ବର ୧୮, ୨୦୨୫ରେ ଆୟୋଜିତ ହେବାକୁଥିବା ଓଡ଼ିଶା ଏଆଇ ସିମ୍ପୋସିୟମ୍ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଭାବେ ପରିଗଣିତ ହେବ। ଏହା ଅନ୍ୟମାନଙ୍କର ପ୍ରେରଣାର ଉତ୍ସ ହେବା ସହିତ ବିଭିନ୍ନ ଅଞ୍ଚଳରୁ ଲୋପ ପାଇଯାଇଥିବା ଅତ୍ୟାଧୁନିକ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାକୁ ଚେଷ୍ଟା କରାଯାଇପାରିବ।

ଏଥିରେ ଅଂଶଗ୍ରହଣକାରୀମାନଙ୍କୁ ଏଆଇ ମାଧ୍ୟମରେ ସ୍ଥାନୀୟ ଆକାଂକ୍ଷାକୁ ପ୍ରତିଫଳିତ କରିବା ସହ ଆନ୍ତର୍ଜାତିକ ସ୍ତରରେ ଏହାର ବିକାଶ ନିମନ୍ତେ ଚେଷ୍ଟା କରିବା ନିମନ୍ତେ ଉତ୍ସାହିତ କରାଯାଉଛି।

ଡିପ୍ଲୋମା, ସ୍ନାତକୋତର ଏବଂ ପିଏଚ୍‌ଡି ଛାତ୍ରଛାତ୍ରୀ, ବ୍ୟକ୍ତିଗତ ଉଦ୍ଭାବକ ଏବଂ ପଞ୍ଜିକୃତ, ଅଣପଞ୍ଜିକୃତ ଏବଂ ଷ୍ଟାର୍ଟ-ଅପ୍ ସମସ୍ତେ ଅଂଶଗ୍ରହଣ କରିପାରିବେ। ଏଥିନିମନ୍ତେ ନିଜର ଧାରଣା ଦାଖଲର ଶେଷ ତାରିଖ ଡିସେମ୍ବର ୫, ୨୦୨୫ ରହିଛି। ପ୍ରଥମ ପର୍ଯ୍ୟାୟ ଅନ୍‌ଲାଇନ୍ ମୂଲ୍ୟାଙ୍କନ ଡିସେମ୍ବର ୭, ୨୦୨୫ରେ ହେବ। ମନୋନୀତ ଦଳ ଗୁଡ଼ିକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ ସ୍ଥିତ ଏଆଇସି-ସୋଆ ଫାଉଣ୍ଡେସନ୍ ଠାରେ ଡିସେମ୍ବର ୧୦, ୨୦୨୫ରେ ଅନୁଷ୍ଠିତ ହେବାକୁ ଥିବା ହାକାଥନ୍‌ରେ ଯୋଗ ଦେବେ।

# ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧିମାନେ ଜିଦ୍‌ରେ ଅଟଳ



**ନିଆଳୀ,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ବ୍ଲକର ପ୍ରଶାସନ ନିର୍ବାଚିତ ପଞ୍ଚାୟତପ୍ରତିନିଧିଙ୍କୁ ଉପେକ୍ଷା ଓ଼ ଉନ୍ନୟନ ମୂଳକ କାର୍ଯ୍ୟରେ ଶୀତଳତା ବିରୋଧରେ ଛଅ ଦଫା ଦାବି ନେଇ ନିଆଳୀ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ସରପଞ୍ଚ, ସମିତିସଭ୍ୟ ବ୍ଲକ୍ ଅଧକ୍ଷ ଓ ଉପାଧକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅହରାତ୍ର ଧାରଣାରେ ନିଆଳୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଧାରଣାକୁ ଦୁଇଦିନ ବା ୪୮ଘଣ୍ଟା ବିତିଥିଲେ ମଧ୍ୟ ବ୍ଲକ୍ ଓ ଜିଲ୍ଲାପ୍ରଶାସନର କୌଣସି ଅଧିକାରୀ ଧାରଣା ସ୍ଥଳକୁ ଆଲୋଚନା ନିମନ୍ତେ ଆସିନଥିବା ଧାରଣାରେ ବସିଥିବା ପ୍ରତିନିଧିମାନେ କହିଛନ୍ତି। ନିଆଳି ବ୍ଲକ୍ ବିଡ଼ିଓ ଧର୍ମରଞ୍ଜନ ପଣ୍ଡା ଏ ବିଡ଼ିଓ ଓ ଅନ୍ୟ କର୍ମଚାରୀଙ୍କୁ ପଠାଇ ବିଡ଼ିଓଙ୍କ କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଆନ୍ଦୋଳନକାରୀ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଡକାଇଥିଲେ। ହେଲେ ଧାରଣା କାରୀମାନେ ରୋକ୍‌ଠୋକ୍ ମନା କରିଦେଇଥିବା ଶ୍ରୀ ପଣ୍ଡା କହିଛନ୍ତି। ଅପରପକ୍ଷରେ ଶୀତକାକରରେ ଆନ୍ଦୋଳନ କାରୀମାନେ ବାସି ରହିଥିବା ବେଳେ ଜିଲ୍ଲାପ୍ରଶାସନର ଉପରିସ୍ଥ ଅଧିକାରୀ ଧାରଣାସ୍ଥଳକୁ ଆସିନଥିବା ଆଗକୁ ଆନ୍ଦୋଳନକୁ ଜୋରଦାର କରିବାସହ ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀକୁ ଅଣି ବ୍ଲକ୍ କାର୍ଯ୍ୟାଳୟ ଆଗରେ ଜୋରଦାର ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି ବ୍ଲକ୍ ଅଧକ୍ଷ ଉମେଶଚନ୍ଦ୍ର ବେହେରା ପ୍ରଶାସନ ଓ ଜନପ୍ରତିନିଧି ଉଭୟ ଜିଦ୍‌ରେ ଅଟଳ ରହିଥିବା ବେଳେ ଆଗକୁ ଉକ୍ତ ଘଟଣା ରାଜନୀତି କରଣ ହେବାର ଆଶଙ୍କା ଦେଖାଦେଇଛି।

# ପ୍ରଦୀପ ମାଝୀଙ୍କ ନାମରେ ଏତଲା

**ନବରଙ୍ଗପୁର,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କୋଷାଗୁମୁଡ଼ା ବ୍ଲକ କୁକୁଡି ସେମଳା ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ଆଶ୍ରମରେ ପ୍ରେସର କୁକର ଫାଟି ଗୁରୁତର ହୋଇଥିବା ସପ୍ତମ ଶ୍ରେଣୀର ଛାତ୍ର ଧନେଶ୍ୱର ଭତରାଙ୍କୁ ଜିଲ୍ଲାପାଳଙ୍କ ଆଗରେ ହାଜର କରିବା ଅବସରରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଫାଇରିଂ କରିଦେବି କହିବା ଘଟଣାରେ ଏତେଲା ଦେଇଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର। ନବରଙ୍ଗପୁରରେ ଜିଲ୍ଲା ମଙ୍ଗଳ ବିଭାଗ ଅଧିକାରୀଙ୍କ ଏତେଲା ଅନୁସାରେ, ଗତ ୨୮ ତାରିଖ ଦିନ ରାତି ୯ଟା ୩୦ ମିନିଟରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ତରଫରୁ ଫୋନ କଲ୍ ମିଳିବା ପରେ କୋଷାଗୁମୁଡ଼ା ବ୍ଲକ କୁକୁଡ଼ି ସେମଳା ଅନ୍ତର୍ଗତ ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ଘଟିଥିବା ଏକ ଘଟଣା ବିଷୟରେ ଆଲୋଚନା ପାଇଁ ଶୀଘ୍ର ଯୋଗ ଦେବାକୁ ଡକାଯାଇଥିଲା। ଏହି ଆଲୋଚନା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିବା ବେଳେ ଆଲୋଚନା କାଳରେ ଏଡିଏମ (ରେଭେନ୍ୟୁ), ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସମୟରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି କିଛି ସମର୍ଥଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରିଥିଲେ। ଜିଲ୍ଲାପାଳ ସହ ଆଲୋଚନା ଚାଲିଥିବା ସମୟରେ ଉତ୍ତେଜିତ ହୋଇ ପ୍ରଦୀପ ମାଝୀ ପାଲକା ରବୀନ୍ଦ୍ରଙ୍କୁ ଧମକ ଦେଇଥିଲେ। କ'ଣ କରୁଛ ହେ ତମେ ଏଠି ତୁମକୁ ଫାୟାରିଂ କରିଦେବି, ଆମ ପିଲାକୁ ଏମିତି ହଇରାଣ କରିବ କହିଲେ, ସ୍ୱଚ୍ଛୋଟ ଅଫିସର ଦେଖେଇ ହଉଚ୍ ତୁମେ। ତୁମ ବିରୋଧରେ ମୁଁ ସବୁ ବେଳେ ବାହାରୁଛି। ତୁମେ ଦୁର୍ନୀତିରେ ବୁଡ଼ିକି ଅଛ, ଏ ପିଲାର କି ଅବସ୍ଥା ହେଇଛି। ତମେ ବି ଜଣେ ଆଦିବାସୀ ଲୋକ ନା, ଆଉ ତମେ କି ଲୋକ ବୋଲି କହିବା ସହ ସରକାରୀ କାମରେ ଥିବାବେଳେ ଉଚ୍ଚ ଅଧିକାରୀମାନଙ୍କ ସମ୍ମୁଖରେ ଅପମାନ କରି ତାଙ୍କ ଜାତିକୁ ଆକ୍ଷେପ କରି ମାନସିକ ଯନ୍ତ୍ରଣା ଦେଲେ ବୋଲି ଉଲ୍ଲେଖ କରିଛନ୍ତି ଶ୍ରୀ ପାଲକା। ଏହା ବ୍ୟତୀତ ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରି ତାଙ୍କ ସମ୍ମାନକୁ ହାନି ହୋଇଥିବା ଦର୍ଶେଇଛନ୍ତି। ଶ୍ରୀ ମାଝୀ ମନଗଢା ଅଭିଯୋଗ ଲଗାଇ ବାରମ୍ବାର ଅତ୍ୟାଚାର କରୁଛନ୍ତି ଏବଂ ଇଚ୍ଛାକୃତ ଭାବେ ସମ୍ମାନହାନି କରୁଛନ୍ତି। ତେଣୁ ପୂର୍ବତନ ସାଂସଦ ପ୍ରଦୀପ ମାଝିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ଜଣାଇଛନ୍ତି।

# ଭିନ୍ନକ୍ଷମମାନେ ସମାଜ ପାଇଁ ବୋଝ ନୁହଁନ୍ତି

**ନିମାପଡ଼ା,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**




ବିକଳାଙ୍ଗ ତଥା ଭିନ୍ନକ୍ଷମମାନେ ସମାଜ ପାଇଁ ବୋଝ ନୁହଁନ୍ତି, ସେମାନଙ୍କୁ ସାମାଜର ମୁଖ୍ୟ ସ୍ରୋତରେ ସାମିଲ କରାଗଲେ ଏକ ବିକଶିତ ସମାଜ ଗଠନ କରିପାରିବା ବୋଲି ନିମାପଡ଼ା ମେଡିକାଲ ଅଫିସର ଡ଼ଃ ଆଶୁତୋଷ ଜେନା କହିଛନ୍ତି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିଙ୍ଗଳାକ୍ଷୀ ପବ୍ଲିକ ଓ୍ୱେଲଫେୟାର ଅର୍ଗାନାଇଜେସନର ମିଳିତ ସହଯୋଗରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଶତାଧିକ ଭିନ୍ନକ୍ଷମ ଛାତ୍ରଛାତ୍ରୀ ସକାଳ ୮ଟାରେ ନିମାପଡ଼ା ଉଚ୍ଚବିଦ୍ୟାଳୟ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମୁଖ୍ୟବଜାର ପରିକ୍ରମା କରିଥିଲେ। ପରେ ତଳଅଣ୍ଡିଆ ବେହେରା ସାହି ସ୍ଥିତ ପିପିଡବ୍ଲୁଓ ପରିସରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ- ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଡ଼ିଓ ପ୍ରିୟଦର୍ଶିନୀ ବରାଳ, ମେଡିକାଲ ଅଫିସର ଆଶୁତୋଷ ଜେନା, ଶିକ୍ଷାବିତ୍ ସୌଦାମିନୀ ଦାଶ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କର ସାମାଜିକ ସ୍ରୋତରେ ଭୂମିକା, ନୂତନ ସମ୍ଭାବନା, ଭିନ୍ନକ୍ଷମ ହୋଇ ମଧ୍ୟ ନିଜକୁ ସକ୍ଷମ ଭାବରେ ପ୍ରତିପାଦନ କରିବା ଆଦି ସମ୍ବନ୍ଧରେ ବିଷଦ ଆଲୋଚନା କରିଥିଲେ। ଏହି ଅବସରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଦୌଡ଼, ସଂଗୀତ, ରଙ୍ଗୋଲି, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୭୪ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗଗନ ବିହାରୀ ଦାସ, କୋଷାଧକ୍ଷ ପଦ୍ମଚରଣ ମହାନ୍ତି, ଯୁଗ୍ମ ସମ୍ପାଦକ ପବିତ୍ର ମୋହନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ମା'ମାଣିକେଶ୍ୱରୀ ମନ୍ଦିରରୁ ଶୁଭାରମ୍ଭ ହେଲା ଚୈତି

**କାଶୀପୁର /ରାୟଗଡ଼,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ରାୟଗଡ଼ା ଜିଲ୍ଲା ସ୍ଥାନୀୟ କାଶିପୁର ବ୍ଲକର ସ୍ଥିତ ମାଁ ମାଣିକେଶ୍ୱରୀ ମନ୍ଦିରରୁ ମଙ୍ଗଳବାର ପୂର୍ବାହ୍ନ ୯.୦୦ ଘଟିକା ସମୟରେ ରାୟଗଡ଼ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି ଏବଂ ପରମ୍ପରାର ଗଣପର୍ବ ଚୈତି -୨୦୨୫ ଜିଲ୍ଲାପାଳ ତଥା ଅଧକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ଼ ଆଶୁତୋଷ କୁଲକର୍ଣ୍ଣୀ, ଭାପ୍ରସେ. ଅଧକ୍ଷତାରେ ମହା ଆଡ଼ମ୍ବରରେ ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ବୈଦ୍ୟନାଥ ସାଗର (ହାଟ ପଦା)ରେ ଉପଜିଲ୍ଲାପାଳ, ଜିଲ୍ଲାପରିଷଦ ଅଧକ୍ଷ, କାଶିପୁର ବ୍ଲକ ଅଧକ୍ଷ ଉପସ୍ଥିତିରେ ପୂଜା କରାଯାଇ ଗଙ୍ଗା ଆବାହନ ଓ କଳସ ପୂଜା ସକାଶେ ପବିତ୍ର ଜଳ ସଂଗ୍ରହ କରି କଳସ ଯାତ୍ରା ଆରମ୍ଭ ହୋଇ ମାଁ ମାଣିକେଶ୍ୱରୀ ମନ୍ଦିରରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମନ୍ଦିର ଠାରୁ ମଶାଲ ଯାତ୍ରାରେ ବାହାରି ସହର ପରିକ୍ରମା ହୋଇଥିଲା। ଏହା ପରେ ବ୍ଲକ ପଡ଼ିଆ ଚୈତି ମଣ୍ଡପ ଠାରେ ମୁଖ୍ୟ ଅତିଥି ଓ ଅତିଥିଙ୍କ ଦ୍ୱାରା କଳସ ସ୍ଥାପନା ଓ ପ୍ରଦର୍ଶନ ଷ୍ଟଲ ଗୁଡ଼ିକର ଉଦ୍ଘାଟନ କରାଯାଇଥିଲା। ବ୍ଲକ ପଡ଼ିଆ ଚୈତି ମଣ୍ଡପ ଠାରେ ପହଞ୍ଚି କାଶିପୁର ବ୍ଲକସ୍ତରୀୟ ଚୈତି ୨୦୨୫ ପ୍ରାରମ୍ଭିକ କାର୍ଯ୍ୟକ୍ରମଟିକୁ ସମସ୍ତ ଅତିଥିଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ କରି ଆରମ୍ଭ କରାଯାଇଥିଲା। ପରେ ମଞ୍ଚାସିନ ଅତିଥିଗଣଙ୍କ ଦ୍ୱାରା ଚୈତି ୨୦୨୫ର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ତାପରେ ପରେ ଉପଜିଲ୍ଲାପାଳ ରାୟଗଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଏହି ପବିତ୍ର ଦିବସର ଅବସରରେ ରାୟଗଡ଼ ଜିଲ୍ଲାର ସମସ୍ତ ବ୍ଲକରେ ବ୍ଲକସ୍ତରୀୟ ଚୈତି ଓ ଉନ୍ନୟନ ପ୍ରଦର୍ଶନୀ ଶୁଭାରମ୍ଭ କରାଯାଇଥିଲା। ଜିଲ୍ଲାସ୍ତରୀୟ ଚୈତି - ୨୦୨୫ ଚଳିତ ମାସ ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ରାୟଗଡ଼ ଜିସିଡ଼ି ହାଇସ୍କୁଲ ପଡ଼ିଆ ଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ କାଶୀପୁର ବ୍ଲକସ୍ତରୀୟ ଚୈତି– ୨୦୨୫ର ଶୁଭାରମ୍ଭ କାଶୀପୁର ପଞ୍ଚୟତ ଠାରୁ କରାଯାଇଛି। ବ୍ଲକସ୍ତରୀୟ ଚୈତି– ୨୦୨୫ ନିମନ୍ତେ ଧାର୍ଯ୍ୟ ତାରିଖ ସ୍ଥିର ହୋଇଯାଇଛି। ଜିଲ୍ଲାରେ ବ୍ଲକସ୍ତରୀୟ ଚୈତି– ୨୦୨୫ ପ୍ରଥମେ କାଶିପୁର୍ ବ୍ଲକ ୨ ତାରିଖ, ରାମାନଗୁଡ଼ା ୭ ତାରିଖ, କଲ୍ୟାଣସିଂହପୁର ୯ ତାରିଖ, କୋଲନରରା ୧୧ ତାରିଖ, ରାୟାଗଡା ୧୨ ତାରିଖ, ଗୁଡ଼ାରୀ ୧୨ ତାରିଖ, ମୁନିଗୁଡ଼ା ୧୩ ତାରିଖ, ଚନ୍ଦ୍ରପୁର ୧୩ ତାରିଖ , ପଦ୍ମପୁର ୧୪ ତାରିଖ, ବିଷମକଟକ ୧୪ ତାରିଖ, ଗୁଣପୁର ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜିର ଏହି ଚୈତି ୨୦୨୫ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଚୈତି ମହୋତ୍ସବ ଅଧକ୍ଷ ତଥା ଜିଲ୍ଲାପାଳ, ରାୟଗଡ଼ା ବିଧାୟକ କାଦ୍ରାକକ୍ଷ ଆପଲସ୍ୱାମୀ, ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ଏଡିଏମ ରାଜସ୍ୱ, ନିହାର ରଞ୍ଜନ କହଁର, ସିଡିଇଓ ତଥା ଇଓ ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ ରାୟଗଡା, ରମେଶ କୁମାର ଜେନା, ରାୟଗଡ଼ା ଓ କାଶିପୁର ବିଡ଼ିଓ, ସୁଜିତ ମିଶ୍ର, କାଶିପୁର ବ୍ଲକ ଅଧକ୍ଷ କଷ୍ଟ ମାଝୀ, ସମସ୍ତ ବ୍ଲକର ଅଧକ୍ଷ, ଅଧକ୍ଷା, ଉପାଧକ୍ଷ, ସରପଞ୍ଚ, ସମିତି ସଦସ୍ୟ, ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ କର୍ମଚାରୀ ସମେତ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଉପସ୍ଥିତ ରହିଥିଲେ।

# ବଲାଙ୍ଗିର ପ୍ରାକ୍ ବଡଦିନ




**ବଲାଙ୍ଗିର,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ପ୍ରାକ୍ ବଡଦିନ କାର୍ଯ୍ୟକ୍ରମ ମହାସମାରୋହରେ ପାଳନ କରାଯାଇଅଛି । ମିଶନ ସ୍କୁଲ ଖେଳ ପଡିଆର ସଭାପତି ଆର୍ଚ୍ଚର୍ଯ୍ୟ ନିମୁଏଲ ନାଗଙ୍କ ପ୍ରାର୍ଥନା ପରେ ବିରାଟ ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା। ପ୍ରେମ, ଶାନ୍ତି, ମୈତ୍ରୀ ଓ ସହଭାଗିତାର ବାର୍ତ୍ତା ନେଇ ସଂପାଦକ ସଚ୍ଚିଦାନନ୍ଦ ହନୁମାନଙ୍କ ସଂଯୋଜନାରେ ଏହି ଶୋଭାଯାତ୍ରା କଚେରୀ ଛକ, ଭାଗିରଥି ଛକ, ମହିଳା କଲେଜ ଛକ, ରାଜେନ୍ଦ୍ର କଲେଜ ଛକ ରାସ୍ତା ଦେଇ ସଭା ଶେଷରେ ମିଶନ କମ୍ପାଉଣ୍ଡ ସ୍ଥିତ ନିୟ ଲାଇଭ ଏସେମ୍ବ୍ଲି ହଲ୍ ଠାରେ ସମାପନ ହୋଇଥିଲା। ଏହି ଶୋଭାଯାତ୍ରାରେ ଶିଶୁ ଓ ମହିଳାମାନେ ମଧ୍ୟ ସାମିଲ ହୋଇ ପ୍ଲା କାର୍ଡ ଓ ପ୍ରଜ୍ଞାପନ ମେଡ ଦେଇ ସହର ପରିକ୍ରମା କରିଥିଲେ। ଡିସେମ୍ବର ମାସକୁ ଖ୍ରୀଷ୍ଟିୟାନ ଲୋକମାନେ ପବିତ୍ର ମାସ ରୂପେ ପାଳନ କରି ମାସ ସାରା ବିଭିନ୍ନ କାର୍ଯ୍ୟକ୍ରମ କରି ଡିସେମ୍ବର ୨୫କୁ ପବିତ୍ର ଭାବରେ ପାଳନ କରିଥାନ୍ତି । ୟୁ ଲାଇଫ୍ ଅସେମ୍ବ୍ଲି ହଲ୍ ସମାପନ ଉତ୍ସବରେ ସଚ୍ଚିଦାନନ୍ଦ ହନୁମାନ ସଂଯୋଜନାରେ ସମ୍ବଲପୁର ଧର୍ମାଞ୍ଚଳର ବିଷବ୍ ଇମାନୁଏଲ ଦାନି ମୁଖ୍ୟଅତିଥି ରୂପେ ଯୋଗଦାନ କରି ପ୍ରାକ୍ ବଡଦିନର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଆର୍ଚ୍ଚର୍ଯ୍ୟ ସୁଶାନ୍ତ କୁମାରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ କୋଷାଧକ୍ଷ ମହେନ୍ଦ୍ର କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଶରତ ବଲ୍ଲବ ବାଗ, ସୁନିଲ କୁମାର ନନ୍ଦ, ବୁଦ୍ଧଦେବ ଛତ୍ରିଆ, ରିଜୁ ଦିପ, ଗୌରବ ତାଣ୍ଡି, ଶେଖର ପାଉଲ, ପ୍ରେମ ରାଉଲ, ଇମାନୁଏଲ ନନ୍ଦ, ପୂର୍ଣ୍ଣ୍ୟମୁର୍ତ୍ତି ଖ୍ରୀଷ୍ଟଦାସ, ମାନୁଏଲ ବାରିକ, ଶୈଳେଶ ପାଲ, ସଞ୍ଜୁ ନାଗ, ସ୍ମୃତିରାଜ କର, ସରୋଜ ନାଗ, ସରୋଜ ଛତ୍ରିଆ, ଇସମାଇଲ ହନୁମାନ, ଜ୍ୟୋତିରାଜ ନାଗ, ସନ୍ଦିପ ବାରିକ, ଆଦାମ ଇସମାଇଲ, ଶୁଭମ ତାଣ୍ଡି, ନରେଶ ମାଥ୍ୟୁସ, ଆଦାମ ଇସମାଇଲ, ସୂର୍ଯ୍ୟକାନ୍ତ ବାରିକ ପ୍ରମୁଖଙ୍କ ସହିତ ଶତାଧିକ ମହିଳା ଓ ଖ୍ରୀଷ୍ଟିୟାନ ସମାଜର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ଚୋରି କରି ଧରାପଡ଼ିଲା ଯୁବକ

**ବ୍ୟାସନଗର,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ରୋଡ଼ ପୁଲିସ ଜଣେ ମୁଦି ଚୋରକୁ କାବୁ କରିଛି। ଖବର ମତେ ଡ଼ାକବଙ୍ଗଳା ଛକଠାରେ ଥିବା କ୍ରିଷ୍ଣା ଅଳଙ୍କାରରୁ ଗ୍ରାହକ ସାଜି ଆସିଥିବା ଆନନ୍ଦପୁର ଅଂଚଳ ନନ୍ଦିପଦା ଥାନା କଳିଗାଁର ସୋମନାଥ ପଣ୍ଡାଙ୍କ ପୁଅ ସୁନିଲ(୨୧) ଅନ୍ୟଜଣକ ସହ ଆସି ମୁଦି ଦେଖିବାକୁ କହିଥିଲେ। ସୁନିଲକୁ ଦୋକାନ କର୍ମଚାରୀ ୩ଟି ମୁଦ ଟ୍ରେ ଭର୍ତି ଦେଖାଇଥିଲେ। କର୍ମଚାରୀଙ୍କୁ ଓଜନ, ମୂଲ୍ୟ ପଚାରିବା ଭିତରେ ଗୋଟିଏ ମୁଦି ପକେଟରେ ପୁରାଇ ଦେଇଥିଲା ସୁନିଲ। ତେବେ କର୍ମଚାରୀ ଗୋଟିଏ ମୁଦି କମ୍ଭିବାରୁ ସୁନିଲକୁ ପଚାରିଥିଲେ ହେଁ ସେ ମନାକରି ଦେଇଥିଲା। ତେବେ ସିସିଟିଭି ଯାଞ୍ଚ ବେଳେ ସୁନିଲ ମୁଦି ପକେଟରେ ଭର୍ତ୍ତି କରିଥିବା ଦେଖିବାକୁ ମିଳିଥିଲା। କର୍ମଚାରୀ ଏବଂ ମାଲିକ ଅଜୟ କୁମାର ବୋଇତାଇ ସୁନିଲକୁ ଅଟକ ରଖି ଯାଜପୁର ରୋଡ଼ ପୁଲିସକୁ ଖବର କରିଥିଲେ। ପୋଲିସ ପହଁଚି ସୁନିଲ ଏବଂ ତାର ସାଙ୍ଗକୁ ଧରି ନେଇଥିବା ବେଳେ ମାଲିକ ସୁନିଲ ନାମରେ ଏତଲା କରିଛନ୍ତି।

# ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା

**ଯାଜପୁର,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଏବଂ ରୁଚିକା ସମାଜ ସେବା ସଂଗଠନର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା। ଏହି ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲ୍ୟ ବିବାହ ଭଳି କୁପ୍ରଥାକୁ କିପରି ଉଚ୍ଛେଦ କରାଯାଇପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଏଦିଗରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନ, ସମାଜସେବୀ, ଏନଜିଓ, ନାଗରିକ ସମାଜ ସମସ୍ତଙ୍କ ମିଳିତ ପ୍ରୟାସ ଲୋଡ଼ା ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି ବିଷୟରେ ଅତିଥିମାନେ ବିସ୍ତୃତ ଆଲୋଚନା କରି ସେମାନଙ୍କ ମତ ବ୍ୟକ୍ତ କରିଥିଲେ। ବାଲ୍ୟ ବିବାହକୁ ରୋକିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଗଧାଡିର କର୍ମଚାରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବାଲ୍ୟ ବିବାହକୁ ଦୃଢତାର ସହ ସାମ୍ନା କରିଥିବା ମହିଳାମାନେ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ ଏବଂ ବାଲ୍ୟ ବିବାହ ପ୍ରଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ପାଇଁ ସଭାରେ ଉପସ୍ଥିତ ମାଆମାନଙ୍କୁ ଅନୁରୋଧ କରିଥିଲେ। ରୁଚିକା ଅନୁଷ୍ଠାନର କର୍ମଚାରୀମାନେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ସଚେତନତା ବାର୍ତ୍ତାକୁ ନେଇ ଏକ ସୁନ୍ଦର ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ରେକ୍ସୋନା ଜେନା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ରୁଚିକା ସମାଜ ସେବା ସଂଗଠନର ସମ୍ପାଦକ ଉମାଶଙ୍କର ଷଡ଼ଙ୍ଗୀ ଓ ନିର୍ଦ୍ଦେଶକ ଆରପି ଦ୍ୱିବେଦୀ, ସିଡିପିଓ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ରୁଚିକା ସଂଗଠନର ଜିଲ୍ଲା ସଂଯୋଜକ ଦେବପ୍ରସାଦ ପାଠକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

**ବାଲିପାଟଣା,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିପାଟଣା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧିନ ବାଗଲପୁର ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ କରାଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ସେମାନଙ୍କ ଅଭିଭାବକଙ୍କ ସହିତ ଯୋଗଦାନ କରିଥିଲେ। ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ଯଶୋଦା ସାହୁ ମୁଖ୍ୟଅତିଥି ରୂପେ ଯୋଗଦାନ କରି ପତାକା ଉତ୍ତୋଳନ ପୂର୍ବକ ଉତ୍ସବକୁ ଆନୁଷ୍ଠାନିକ ରୂପେ ଉଦଘାଟନ କରିଥିଲେ। ରାମଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କୁ ଦୃଢ଼ ଆତ୍ମବଳ ଦ୍ୱାରା ସଫଳତା ହାସଲ କରିହେବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ।

# ଦିବ୍ୟାଙ୍ଗ ଦିବସରେ ପ୍ରତିଯୋଗିତା

**ଯାଜପୁର,୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପ୍ରତିବର୍ଷ ଡିସେମ୍ବର ମାସ ୩ ତାରିଖରେ ପାଳିତହୁଏ, ଜିଲ୍ଲା ପ୍ରଶାସନ ତରଫରୁ ଏହି ଉପଲକ୍ଷେ ଯାଜପୁରସ୍ଥିତ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା, ପ୍ରବନ୍ଧ ଲିଖନ, ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ଉଭୟ ଦିବ୍ୟାଙ୍ଗ ଓ ସାଧାରଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ପ୍ରାରମ୍ଭରେ ମା'ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ତଥା ବିଚାରକ ରୂପେ ଯୁଣଭଦ୍ରା ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଦାମୋଦର ବେହେରା ଓ ଦଶରଥପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡଃ ଅକ୍ଷୟ କୁମାର ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରସଙ୍ଗ ଭିତ୍ତିକ ସୂଚନା ପ୍ରଦାନ କରିଥିଲେ। ଯାଜପୁର ଜିଲ୍ଲା ସ୍କୁଲର ଶିକ୍ଷୟିତ୍ରୀ ଅଜିଜା ଖାତୁନ୍ ଅତିଥିରୂପେ ଯୋଗଦେଇଥିଲେ। ମୋଟ୍ ୭ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରି ପୁରସ୍କାର ପ୍ରାପ୍ତି ନିମନ୍ତେ ମନୋନୀତ ହୋଇଥିଲେ। ଶିକ୍ଷୟିତ୍ରୀ ଅଞ୍ଜଳି ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୋନାଲି ସାହୁ, ଲିପ୍‌ସା ସ୍ୱାଇଁ, ସୁକେଶିନୀ ବାରିକ, ବର୍ଷାରାଣୀ ସ୍ୱାଇଁ ଓ ସ୍ମୃତିଶ୍ରୀ ଦେବୀ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୪ ଡିସେମ୍ବର ୨୦୨୫ ● ଗୁରୁବାର


## ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

**ଦଶପଲ୍ଲା:** ସ୍ଥାନୀୟ ଡିଜାବଲ ରିଲିଫ ଅର୍ଗାନାଇଜେସନ ପକ୍ଷରୁ ବୁଧବାର ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ କିଛି ଭିନ୍ନକ୍ଷମ ଲୋକଙ୍କ ସହ କୃଷ୍ଣ ପ୍ରୀୟା ଦେବୀ ମହିଳା କଲେଜର ଛାତ୍ରୀଙ୍କୁ ନେଇ ଗାନ୍ଧୀ, ଗୋପବନ୍ଧୁ, ମଧୁବାବୁ ଏବଂ ବିପ୍ଳବୀ ଗୋବିନ୍ଦ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପରେ ଗାନ୍ଧୀ ପଡିଆଠାରୁ ଏକ ସଚେତନତା ରାଲି ଶିକ୍ଷକ ଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଡା. ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ରୂପେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱର୍ଣ୍ଣ ସାରିକା ଜେନା, ବରିଷ୍ଠ ନାଗରିକ ପ୍ରାଣକୃଷ୍ଣ ବେହେରା, ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, କିଶୋର ଚନ୍ଦ୍ର ସାହୁ, ସରୋଜ ପଣ୍ଡା, ଅନିରୁଦ୍ଧ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଲକ୍ଷ୍ମୀଧର ବେହେରା ନିଜର ବକ୍ତବ୍ୟରେ ଭିନ୍ନକ୍ଷମଙ୍କୁ ଚାକିରି କ୍ଷେତ୍ରରେ ସଂରକ୍ଷଣ ୫ପ୍ରତିଶତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ୫ ପ୍ରତିଶତକୁ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ଅନୁଷ୍ଠାନର ସ୍ଥାୟୀ ଘରଟିଏ କରିବା ପାଇଁ ଜାଗା ଟିକିଏ ଦେବାକୁ ସଭା ସଦସ୍ୟମାନଙ୍କ ଜରିଆରେ ନିବେଦନକରିଥିଲେ। ଶେଷରେ ସୁମନ୍ତ କୁମାର ସାଥୁଆ ଧନ୍ୟବାଦ ଅର୍ପଣ କରିଥିଲେ।

**ଜିନ୍ଦଲ (ଅନୁଗୁଳ):** ଦିବ୍ୟାଙ୍ଗ ପିଲାଙ୍କ ଯତ୍ନ, ଚିକିତ୍ସା ଏବଂ ଶିକ୍ଷା ପାଇଁ ଉତ୍ସର୍ଗୀକୃତ ଜିନ୍ଦଲ ଫାଉଣ୍ଡେସନର ଅଗ୍ରଣୀ ପଦକ୍ଷେପ 'ଜିନ୍ଦଲ ଆଶା' ପକ୍ଷରୁ ସୁବ୍ୟବସ୍ଥିତ ଏବଂ ଆକର୍ଷଣୀୟ ଢଙ୍ଗରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ଆଶାର ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ, ଯେଉଁଥିରେ ଲୋକନୃତ୍ୟ, ଆଦିବାସୀ ନୃତ୍ୟ ଏବଂ ପାରମ୍ପରିକ ନୃତ୍ୟ ସମେତ ଫ୍ୟାନ୍ସି ଡ୍ରେସ୍ ସାମିଲ ଥିଲା। ଏହି ଅବସରରେ ଏକ ସାମାଜିକ ସଚେତନତାଧର୍ମୀ ନାଟକ ପ୍ରଦର୍ଶିତ ହୋଇଥିଲା, ଏଥିରେ ଦିବ୍ୟାଙ୍ଗ ପ୍ରତି ସମ୍ବେଦନଶୀଳ ଓ ସହାନୁଭୂତି ପୂର୍ଣ୍ଣ ଭାବେ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ 'ଜିନ୍ଦଲ ଆଶା' ପକ୍ଷରୁ ଜିନ୍ଦଲ ନଗର ଟାଉନସିପରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଦିବ୍ୟାଙ୍ଗ ପ୍ରତି ଜାଗରଣ ସୃଷ୍ଟି କରିବା ଏବଂ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏହି ରାଲିର ମୁଖ୍ୟ ଲକ୍ଷ୍ୟ ଥିଲା। ସରକାରଙ୍କ ଦ୍ୱାରା ସମର୍ଥିତ ସୁବିଧା ପ୍ରକ୍ରିୟାର ଏକ ଅଂଶ ସ୍ୱରୂପ, ଯୋଗ୍ୟ ହିତାଧିକାରୀମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ଏବଂ ପିଲାମାନଙ୍କୁ ଜିନ୍ଦଲ ଆଶା ପକ୍ଷରୁ ଅନୁଷ୍ଠିତ ହୋଇଥିବା ଚତୁର୍ଥ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ । ଯାହା ଏହି ଦିବସକୁ ଆକର୍ଷଣୀୟ, ସମାବେଶୀ ଏବଂ ସ୍ମରଣୀୟ ଭାବରେ ପାଳନ କରିବାରେ ସାହାଯ୍ୟ କରିଥିଲା।

**ଯାଜପୁର:** ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସରେ ସମସ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ମହାନ୍ତି କେନ୍ଦ୍ର ଓ ରାଜ୍ୟ ସରକାର କିଭଳି ଭିନ୍ନକ୍ଷମମାନଙ୍କର ଦକ୍ଷତା ବିକାଶ ଉପରେ ଧ୍ୟାନ ଦେଉଛନ୍ତି, ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। କୌଣସି ଭିନ୍ନକ୍ଷମ ପିଲା ଯେପରି ନିଜକୁ ଅକ୍ଷମ ମନେ ନକରନ୍ତି ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେଥିପ୍ରତି ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଏହି ଆଭିମୁଖ୍ୟ ନେଇ ସର୍ବସାଧାରଣ ସ୍ଥାନମାନଙ୍କରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି।

ଆଜି ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ ସ୍ୱାଗତ ସୂଚନା ପ୍ରଦାନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ପେନସନ ତଥା ଅନ୍ୟାନ୍ୟ ବିଭିନ୍ନ ସହାୟତା ଯୋଜନା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ମଣ୍ଟୁ ଦାସ ଦିବ୍ୟାଙ୍ଗଙ୍କ ସଶକ୍ତିକରଣ ଏବଂ ଏକ ସମାବେଶୀ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଦିବସ ପାଳନ ଅବସରରେ ପ୍ରଥମେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପର୍ଯ୍ୟନ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାକୁ ଜିଲ୍ଲାପାଳ ଅମ୍ବର କୁମାର କର ଉଦଘାଟନ କରିବା ସହ ଏଥିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପାରା-ସନ୍ତରଣକାରୀ ଗୋଲାପୀ ସୀର୍କା ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିଛି ଭିନ୍ନକ୍ଷମ କଳାକାର ଭକ୍ତିଭରା ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଦେବଗଡ଼:** ଜିଲ୍ଲା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସ୍ୱଶକ୍ତି କରଣ ବିଭାଗ ପକ୍ଷରୁ ଭିନ୍ନକ୍ଷମ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାକୁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ଉପଜିଲ୍ଲାପାଳ ପରକ୍ଷିତ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରି ଟାଉନ ହଲଠାରେ ପହଞ୍ଚିଥିଲା। ସେଠାରେ ଦିବ୍ୟାଙ୍ଗମାନଙ୍କୁ ନେଇ ଚିତ୍ରାଙ୍କନ, ମ୍ୟୁଜିକ ଚେୟାର, ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା କରାଯାଇଥିଲା। ପରେପରେ ଏକ ଆୟୋଜିତ ସାଧାରଣ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ସମ୍ବଲପୁର ସଂସଦଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି ମାନସ ପ୍ରଧାନ, ପୌରପାରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଧନଞ୍ଜୟ ମହନ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ। ଭିନ୍ନକ୍ଷମମାନେ ସମାଜର ଅଭିନ୍ନ ଅଙ୍ଗ। ସେମାନେ ସମାଜ ପାଇଁ ବୋଝ ନୁହନ୍ତି। ସେମାନଙ୍କ ଦକ୍ଷତା ଓ ପ୍ରତିଭା ଉନେଶ ଘଟିଲେ ସେମାନେ ସମାଜ ପାଇଁ ସମ୍ବଳ ପାଲଟିବେ ବୋଲି କହିବା ସହ ସମାଜରେ ହଜାର ହଜାର ବିକଶିତ ଓ ସମୃଦ୍ଧ ଭିନ୍ନକ୍ଷମର ଉଦାହରଣ ଅନ୍ୟମାନଙ୍କୁ ଅନୁ ପ୍ରଣୀତ କରୁଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବିବାହ ପାଇଁ ଗୋଟିଏ ଭିନ୍ନକ୍ଷମ ଦମ୍ପତିକୁ ୨ ଲକ୍ଷ ୫୦ ହଜାର ଟଙ୍କା, ୨ ଜଣ ଭିନ୍ନକ୍ଷମକୁ ହୁଇଲ ଚେୟାର, ମଧୁବାବୁ ପେନସନ ଭତ୍ତା ପ୍ରଦାନ କରାଯାଇଥିଲା। ଦିବସର ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରାଣବନ୍ଧୁ ଘୋଡ଼ାଇ ସଂଯୋଜନା କରିଥିଲେ ।

**ବ୍ରହ୍ମପୁର:** ଆଜି ହେଉଛି ଦିବ୍ୟାଙ୍ଗମାନଙ୍କ ପାଇଁ ଦିନଟିଏ। ଏହି ଦିନ ସାରା ବିଶ୍ୱରେ ପାଳନ ହେଉଛି ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ। ସମାଜ ତଥା ବିକାଶର ପ୍ରତ୍ୟେକ ସ୍ତରରେ ଭିନ୍ନକ୍ଷମଙ୍କ ଅଧିକାର ତଥା କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୩କୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ରୂପେ ପାଳନ କରାଯାଇଥାଏ। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭିନ୍ନକ୍ଷମମାନେ କୌଣସି ଗୁଣରେ କମ ନୁହନ୍ତି। ତେଣୁ ସମାଜରେ ସଚେତନତା ଜାଗ୍ରତ କରିବା, ସେମାନଙ୍କ କ୍ଷମତାକୁ ବୁଝିବା, ଗ୍ରହଣ କରିବା, ସେମାନଙ୍କର ସଫଳତା, ଆତ୍ମବଳ ଏବଂ ଆତ୍ମବିଶ୍ୱାସକୁ ବୃଦ୍ଧି କରିବା। ସେମାନଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ ଓ ସେମାନଙ୍କ ଅଧିକାର ପ୍ରଦାନ କରିବା ଜରୁରୀ, ସେମାନେ କୌଣସି ଗୁଣରେ କମ ନୁହନ୍ତି, ସେମାନେ ସବୁବେଳେ ସବୁ କାମରେ ସକ୍ଷମ।

ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଛତ୍ରପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଯୋଗଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପ୍ରଶାସନ ସବୁବେଳେ ଦିବ୍ୟାଙ୍ଗ ପାଇଁ ତତ୍ପର ରହିଛି। ସେମାନଙ୍କ ଯେଉଁଠି ବି ସୁବିଧା ଓ ସହାୟତା ଆବଶ୍ୟକ ପଡିବ ପ୍ରଶାସନତାଙ୍କ ସହ ସର୍ବଦା ରହିଛି ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କୃତି ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ଜିଲ୍ଲାରୁ ବିଭିନ୍ନ ସ୍ଥାନରୁ ଦିବ୍ୟାଙ୍ଗମାନେ ଉପସ୍ଥିତ ଥିଲେ।

## ତୃତୀୟ ଦିନରେ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ୍‌ର ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ନିଆଳି ବ୍ଲକ୍ ପ୍ରଶାସନର ଉପେକ୍ଷା ଓ ଉନ୍ନୟନ ମୂଳକ କାର୍ଯ୍ୟାଳୟରେ ଶୀଥିଳତା ବିରୋଧରେ ୬ଦଫା ଦାବି ନେଇ ନିଆଳି ବ୍ଲକ୍ ବିଭିନ୍ନ ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନେ ଗତ ସୋମବାର ଠାରୁ ବ୍ଲକ୍ କାର୍ଯ୍ୟାଳୟ ଆଗରେ ତିନିଦିନ ହେବ ଶୀତକାକରରେ ପିଲା ଛୁଆଙ୍କୁ ଧରି ମଶାମାଛିଙ୍କ ସହ ଖୋଲା ଜାଗାରେ ଅହରାତ୍ର ଧାରଣାରେ ବସିରହିଛନ୍ତି। ବୁଧବାର ସନ୍ଧ୍ୟାରେ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଡିଓ ଧର୍ମରଞ୍ଜନ ପଣ୍ଡା ଓ ପୂର୍ବତନ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଞ୍ଚାନନ୍ କାନୁନ୍‌ଗୋ, ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକଙ୍କ ସମେତ ଧାରଣାରତ ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ହେଲେ ଏଥିରେ ଆଲୋଚନା ବିଫଳ ହୋଇଥିଲା। ଜିଲ୍ଲା ପ୍ରଶାସନର କୌଣସି ଉପରିସ୍ଥ ଅଧିକାରୀ ପଞ୍ଚାୟତ ପ୍ରତିନିଧିଙ୍କ ସହ ଏ ପର୍ଯ୍ୟନ୍ତ ଆଲୋଚନା କରିବାକୁ ଆସି ନଥିବାରୁ ସମସ୍ୟା ସମାଧାନ ହୋଇପାରୁନାହିଁ। ଏହି ଧାରଣାରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନିୟବ୍ରତ ରାଉତ, ଅଭିମନ୍ୟୁ ମଲିକ୍, ଡଃ କେଦାରନାଥ ସାହୁ, ସେକ୍ ଇସି ମାଇଲି, ଅତୁଲ୍ୟ କୁମାର ଜେନା ଉପସ୍ଥିତ ଥିଲେ। ଏଥିସହିତ ଏସ୍‌ଡିପିଓ ବିଜୟ କୁମାର ମଲିକ୍ ନିଆଳି ଥାନା ଅଧିକାରି ଦିଲିପ୍ କୁମାର କାଣ୍ଡି ଓ ବ୍ଲକ୍ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଟି-୨୦ ମ୍ୟାଚ୍ ପାଇଁ ଓସିଏ ଅନୁବନ୍ଧିତ ସଂସ୍ଥାକୁ ଟିକେଟ ବିକ୍ରି

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ ପାଇଁ ଓସିଏ ସହ ଅନୁବନ୍ଧିତ ସଂସ୍ଥା ଓ କ୍ଲବଗୁଡ଼ିକୁ ଆଜିଠାରୁ ୨ ଦିନ ଧରି ଟିକେଟ ବିକ୍ରି ଆରମ୍ଭ ହୋଇଛି । ଏହି ଅନୁବନ୍ଧିତ ସଂସ୍ଥାମାନେ ପାଖାପାଖି ୧୧ହଜାର ଟିକେଟ କିଣିବେ। ଓସିଏ ଅନୁବନ୍ଧିତ ୭୩ଟି ସଂସ୍ଥା, ୬ଟି ସରକାରୀ କାର୍ଯ୍ୟାଳୟ ଓ ୨ ଜଣ ମନୋନୀତ ଆପେକ୍ସ କାଉନସିଲ ସଦସ୍ୟଙ୍କୁ ଏହି ଟିକେଟ ବିକ୍ରି କରାଯାଉଛି। ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଓସିଏ ସମ୍ମିଳନୀ କକ୍ଷରେ ଏହି ଟିକେଟ ବିକ୍ରି କରାଯାଉଛି । ଏହି ଟିକେଟ ବିକ୍ରି ଦାୟିତ୍ୱ ଭାରତୀୟ ଷ୍ଟେଟବ୍ୟାଙ୍କକୁ ଦିଆଯାଇଛି। ପ୍ରଥମ ଦିନରେ ଓସିଏ ଅନୁବନ୍ଧିତ ସଂସ୍ଥାକୁ ଟିକେଟ ବିକ୍ରି କରାଯାଇଥିବାବେଳେ ସନରାଇଜ କ୍ଲବ ସଂପାଦକ କ୍ଲବ ସଦସ୍ୟଙ୍କର ପ୍ରଥମ ଟିକେଟ କିଣିଥିଲେ। ସେହିଭଳି ବିଭିନ୍ନ ସଂସ୍ଥା ପକ୍ଷରୁ ସଦସ୍ୟମାନେ ଆସି ନିଜ କୋଟାରେ ଥିବା ବିଭିନ୍ନ ଗ୍ୟାଲେରୀ ଟିକେଟ କିଣିଛନ୍ତି। ଅପର ପକ୍ଷରେ ଡିସେମ୍ବର ୫ ତାରିଖରେ ସାଧାରଣ ଦର୍ଶକ ମାନଙ୍କ ପାଇଁ ହେବାକୁ ଥିବା କାଉଣ୍ଟର ଟିକେଟ ବିକ୍ରି ପାଇଁ ବ୍ୟାରିକେଟ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଜିଗ୍ଜାଗ ବ୍ୟାରିକେଟିଂ ତିଆରି କରାଯାଇଛି। ଓସିଏର ଏକାଡେମୀ ପଡ଼ିଆରେ ପାଖାପାଖି ୧୦ହଜାର ଲୋକ ରହିବା ଭଳି ବ୍ୟାରିକେଟିଂ କରାଯାଇଛି । ସେହିଭଳି ଏକ କିଲୋମିଟର ଲମ୍ବା ବ୍ୟାରିକେଟ କରାଯାଇଛି। ଲୁହାରେ ନିର୍ମିତ ଏହି ବ୍ୟାରିକେଟ ନିର୍ମାଣ କାର୍ଯ୍ୟର ତଦାରଖ କଟକ ଡିସିପି ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ କରିଛନ୍ତି। କିଭଳି ଶୃଙ୍ଖଳିତ ଭାବରେ ଧାଡ଼ିରେ ରହି ସାଧାରଣ ଦର୍ଶକ ଟିକେଟ କିଣିବେ, ସେଥିପାଇଁ ଅନୁଧ୍ୟାନ କରାଯାଉଛି ବୋଲି କଟକ ଡିସିପି ରିଶିକେଶ ଖିଲାରୀ କହିଛନ୍ତି । ସେହିଭଳି ଓସିଏ ଅଫିସିଆଲ ମଧ୍ୟ ବ୍ୟାରିକେଟ ତିଆରିର ଯାଂଚ କରିଛନ୍ତି।



## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଦୁଇ ଦଫା ନେଇ ଦିଆଯାଇଥିବା ଆନ୍ଦୋଳନର ଡାକରାକୁ ଜିଲ୍ଲା ସଂଘ ନିଷ୍ପତ୍ତି କ୍ରମେ ବାଙ୍କୀ ବ୍ଲକ ପ୍ରାଥମିକ ଶିକ୍ଷା ସଂଘର ଉପଦେଷ୍ଟା ଅଦୈତ୍ୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ପ୍ରତିନିଧି ଦଳ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନସଚିବ ଓ ଗଣଶିକ୍ଷା ସଚିବ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ପ୍ରତିନିଧି ମଣ୍ଡଳରେ କର୍ଣ୍ଣରଞ୍ଜନ ସାହୁ, ନିବାସ ବେହେରା, ପ୍ରଫୁଲ୍ଲ କୁମାର ମହାପାତ୍ର, ସୂର୍ଯ୍ୟମଣି ବେହେରା, ଅରବିନ୍ଦ ସାହ, ଗିରିଜା ଶଙ୍କର ସାହୁ, ନବକିଶୋର ସେଠୀ, ଚିତ୍ତରଞ୍ଜନ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୫ତାରିଖ ମହାଆନ୍ଦୋଳନରେ ଯୋଗଦେବା ପାଇଁ ସମସ୍ତ ଏନ୍‌ପିଏସ୍ ଶିକ୍ଷକମାନଙ୍କୁ ଆହ୍ୱାନ କରିଥିଲେ।

## ତୃଣମୂଳସ୍ତରରେ ବିକାଶ ସୁନିଶ୍ଚିତ କରିବା ପାଇଁ ସ୍ଥାୟୀ ବିକାଶ ତାଲିମ

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

ନିତି ଆୟୋଗ ଦ୍ୱାରା ପ୍ରସ୍ତାବିତ ତୃଣମୂଳସ୍ତରରେ ସଂଯୁକ୍ତ ବିକାଶ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଜିଲ୍ଲାସ୍ତରୀୟ ଅଧିକାରୀ, ଆଗଧାଡ଼ିର କର୍ମୀ ଏବଂ ଅଂଶୀଦାରମାନଙ୍କ ବୁଝାମଣା ଏବଂ କ୍ଷମତା ବୃଦ୍ଧି କରିବା ଲକ୍ଷ୍ୟରେ ଆଜି କେନ୍ଦୁଝରରେ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ବ୍ୟାପକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଯୋଗଦେଇ ବିଭିନ୍ନ ବିଭାଗର ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅଧିବେଶନ ସ୍ଥାନୀୟ ଯୋଜନା, ତଦାରଖ ଏବଂ ସାର୍ବଜନୀନ ସେବା ପ୍ରଦାନରେ ସ୍ଥାୟୀ ବିକାଶ ଲକ୍ଷ୍ୟ ନୀତି ଗୁଡ଼ିକୁ ସମନ୍ୱିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଅଂଶଗ୍ରହଣକାରୀମାନଙ୍କୁ ଜିଲ୍ଲାସ୍ତରୀୟ ପ୍ରଗତି ସୂଚକାଙ୍କ ଲକ୍ଷ୍ୟ ହାସଲ ପାଇଁ ରଣନୀତି ଏବଂ ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିସାର, ଜୀବିକା, ପରିବେଶ ଓ ସାମାଜିକ କଲ୍ୟାଣ ଭଳି ବିଭାଗ ଗୁଡ଼ିକରେ ସମନ୍ୱୟର ଗୁରୁତ୍ୱ ବିଷୟରେ ସୂଚନା ଦିଆଯାଇଥିଲା। ବିଶେଷଜ୍ଞମାନେ କେନ୍ଦୁଝରର ବିକାଶ ପଥକୁ ତ୍ୱରାନ୍ୱିତ କରିବା ପାଇଁ ତଥ୍ୟ ଚାଳିତ ଯୋଜନା, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ସ୍ଥାୟୀ ସମ୍ବଳ ପରିଚାଳନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ଧାର୍ଯ୍ୟ ମାନଦଣ୍ଡ ସହିତ ଜାରି ରହିଥିବା ଯୋଜନାଗୁଡ଼ିକୁ ଅଧିକାରୀମାନଙ୍କୁ ବୁଝାଇବାରେ ସାହାଯ୍ୟ କରିବା ପାଇଁ ଗୋଷ୍ଠୀ ଆଲୋଚନା ଏବଂ ବ୍ୟବହାରିକ ଅଭ୍ୟାସ କରାଯାଇଥିଲା। ତାଲିମରେ ଦାରିଦ୍ର୍ୟ ହ୍ରାସ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଏବଂ ପରିମଳ, ଜଳବାୟୁ କାର୍ଯ୍ୟ ଏବଂ ଦୃଢ଼ ପ୍ରତିଷ୍ଠାନ ସମେତ ପ୍ରମୁଖ ଲକ୍ଷ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ବିଭାଗୀୟ ଭୂମିକା ଏବଂ ସମନ୍ୱିତ କାର୍ଯ୍ୟ ପାଇଁ ମାର୍ଗ ବିଷୟରେ ସେମାନଙ୍କର ସ୍ପଷ୍ଟତାକୁ ଉନ୍ନତ କରିଛି ବୋଲି ଅଂଶଗ୍ରହଣକାରୀମାନେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲା ଯୋଜନା ଓ ସଂଯୋଜନା ଉପନିର୍ଦ୍ଦେଶକ, ଗଜେନ୍ଦ୍ର କୁମାର ବେହେର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ବିଡିଓ ଏବଂ ତହସିଲଦାର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଷୟ ବିଶାରଦ ଭାବେ କେନ୍ଦୁଝର ଜିଲ୍ଲାପରିଷଦର ପ୍ରକଳ୍ପ ପରିଚାଳକ (ଦକ୍ଷତା ବିକାଶ) ପଦ୍ମାବତୀ ମାହାକୁଡ ଓ ଯୁବ ସାମାଜିକ ବିକାଶ କେନ୍ଦ୍ର ଆକାଶ କୁମାର ମହାନ୍ତ ଯୋଗ ଦେଇ ନିରନ୍ତର ବିକାଶ ଲକ୍ଷ୍ୟ ବିକଶିତ ଭାରତ ଗଠନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଜୟରାମ ଟୁଡୁ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ପୃଥ୍ୱୀରାଜ ସୋରେନ, ମାଧୁରୀ ପ୍ରିୟା ହୋନହାଗା, ପ୍ରଶାନ୍ତ ପ୍ରଧାନ, ବରିଷ୍ଠ ସହାୟକ ଦୋଳମଣି ହଂସ, କନିଷ୍ଠ ସହାୟକ ବିଷ୍ଣୁପ୍ରିୟ। ଓଝା ଓ ଅନୁସନ୍ଧାନକାରୀ ବିନ୍ଧିଆ ମୁଣ୍ଡା ପ୍ରମୁଖ ପରିଚାଳନରେ ସହଯୋଗ କରିଥିଲେ।

## ମା ରମାଦେବୀ ଚୌଧୁରୀଙ୍କ ଜୟନ୍ତୀ

**ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା ରମାଦେବୀ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଜେ ସୋନାଲ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜଗତସିଂହପୁରର ଗର୍ବ ମା' ରମାଦେବୀ ଚୌଧୁରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ ଜନ୍ମ ନେଇଥିଲେ। ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବିନୋବାଜୀଙ୍କ ଭୂଦାନ ଯଜ୍ଞର ସଫଳତା ପଛରେ ରମାଦେବୀଙ୍କର ଅଭୟ ହସ୍ତ ଥିଲା। ଆଜି ତାଙ୍କର ପବିତ୍ର ଜନ୍ମ ତିଥିରେ ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀମତୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀମତି ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଓ ପୌର ପରିଷଦର କର୍ମକର୍ତ୍ତା ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

## ଭେଣ୍ଡିଂ ଜୋନ ଅପେକ୍ଷାରେ ବାଦାମବାଡି ଉଠା ଦୋକାନୀ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଦିନ ଥିଲା କଟକ ପାଇଁ ବାଦାମବାଡି ସବୁକିଛି ଥିଲା। ହେଲେ ଏବେ ସବୁ ଖାଁଖାଁ। ସାରା ରାଜ୍ୟର ବସ ଏଇଠି ରହୁଥିଲା। ଲୋକେ ବସ ଧରୁଥିଲେ। ରାସ୍ତାକଡ ଉଠା ଦୋକାନୀଠାରୁ ଫଳ କିଣି ଲୋକେ ଘରକୁ ଯାଉଥିଲେ। ହେଲେ ଏବେ ଚିତ୍ର ବଦଳିଛି । ବାଦାମବାଡିରେ ଆଉ ନାହିଁ ବସଷ୍ଟାଣ୍ଡ। ବାଦାମବାଡି ଫୁଟପାଥରେ ଆଉ ବସୁନାହାନ୍ତି ଫଳ ଦୋକାନୀ । ରାସ୍ତାକଡ ଉଠା ଦୋକାନ ବେପାର ଠପ। ସେପଟେ ବାଦାମବାଡି ଉଠା ଦୋକାନୀଙ୍କୁ ଥଇଥାନ କରିବା ଲାଗି ବାଦାମବାଡି ଉଠା ଦୋକାନୀ ବ୍ୟବସାୟୀ ସଂଘ ଯତପରୋନାସ୍ତି ଚେଷ୍ଟା ଜାରି ରଖିଛି। ହେଲେ ନୂଆକରି ଗଢି ଉଠିଥିବା ସିଏନବିଟି ପରିସରରେ ଜାଗାଟିଏ ପାଇବା ପାଇଁ ଏବେ ବାଦାମବାଡି ଉଠା ଦୋକାନୀଙ୍କ ଦାବି।

ପୂର୍ବରୁ ଚୌଦ୍ୱାର-କଟକ ବିଧାୟକ, କର୍ପୋରେଟର, ମେୟର, ସିଡିଏ କର୍ତ୍ତୃପକ୍ଷ, ସ୍ଥାନୀୟ ନେତା ପ୍ରମୁଖ ଏହି ଉଠା ଦୋକାନୀମାନଙ୍କୁ ସିଏନବିଟି ଭିତରେ ସ୍ଥାନିତ କରିବା ପାଇଁ ପ୍ରସ୍ତାବ ଉପରେ ବିଚାର ବିମର୍ଶ କରିବା ପାଇଁ କହିଆସୁଛନ୍ତି । ହେଲେ ଏବେ ଏନେଇ କିଛି ବି ଚିତ୍ର ସ୍ପଷ୍ଟ ହୋଇନି। ଫଳରେ ହାହୁତାସ ଜୀବନ ଅତିବାହିତ କରୁଛନ୍ତି ବାଦାମବାଡି ପୁରୁଣା ବସଷ୍ଟାଣ୍ଡ ଉଠା ଦୋକାନୀ। ୮୦/୯୦ ଦଶକରେ ବାଦାମବାଡି ରାସ୍ତାକଡରେ ଫଳ ବେପାର କରି ଝିଅ ବାହା ଦେଇଥିବା ନରହରି ମଉସା ଏବେ ବୁଢ଼ା ହେଇଗଲାଣି। ତେଣୁ ସିଏନବିଟି ପରି ଏକ ଜନ ଗହଳିପୂର୍ଣ୍ଣ ସ୍ଥାନରେ ବେପାର କରିବା ଦରକାର । କାରଣ ସେ ଆଉ ଚାଲିପାରୁନି କିମ୍ବା ଉଚ୍ଚା କଣ୍ଠରେ ଡାକି ପାରୁନି। ନରହରି ମଉସାଙ୍କ ପରି ଏମିତି ବାଦାମବାଡିର ବହୁ ଉଠା ଦୋକାନୀ ରହିଛନ୍ତି ଯେଉଁମାନେ ଆଶାୟୀ ତାଲିକାରେ ରହିଛନ୍ତି । ତେବେ ଏହି ଉଠା ଦୋକାନୀଙ୍କ ଦାବି ଉପରେ ସିଏବିଟି ଦାୟିତ୍ୱରେ ରହିଥିବା ସିଡିଏ କିଛି ବ୍ୟବସ୍ଥା ନକଲେ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ ହେବ ବୋଲି ବାଦାମାବାଡି ଉଠା ଦୋକାନୀ ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି।

## ମମତାଜ ହୁସେନ୍ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ସୋର:ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ୟୁଏନ୍ କଲେଜ ପଡ଼ିଆଠାରେ ଆଜି ସୋର ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ମମତାଜ୍ ହୁସେନ୍ ମେମୋରିଆଲ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ପଞ୍ଚଦିନିଆ ଏହି ଟୁର୍ଣ୍ଣାମେଣ୍ଟର ଆଜି ପ୍ରଥମ ଦିନରେ ପଶ୍ଚିମବଙ୍ଗ କୋଲାଘାଟ ଫୁଟବଲ କମିଟି ସହିତ ମୟୂରଭଞ୍ଜ ଏକାଦଶର ମୁକାବିଲା ହୋଇଥିଲା। ମୟୂରଭଞ୍ଜର କ୍ୟାପଟେନ୍ ନାଇଜେରିଆର ଇସମାଇଲ ପ୍ରଥମେ ଟସ୍ ଜିଣି କୋଲାଘାଟର କ୍ୟାପଟେନ୍ ଜ୍ୟୋତିର୍ମୟ ହେମ୍ବ୍ରମ୍‌ଙ୍କୁ ଖେଳିବା ପାଇଁ ଆହ୍ୱାନ କରିଥିଲେ। ଏକ ଘଣ୍ଟାର ସମୟ ଅବଧିମଧ୍ୟରୁ ଏହି ଖେଳର ପ୍ରଥମାର୍ଦ୍ଧରେ ୧୪ ମିନିଟରେ ମୟୂରଭଞ୍ଜ ଟିମ ଗୋଟିଏ ଚମତ୍କାର ଗୋଲ ଦେଇଥିବା ବେଳେ କୋଲାଘାଟ ଟିମ୍ ଲଗାତର ତିନୋଟି ଗୋଲର ସୁଯୋଗ ହାତଛଡ଼ା କରିଥିଲା। ଦ୍ୱିତୀୟାର୍ଦ୍ଧ ଖେଳରେ ଉଭୟ ଦଳ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲେ ସୁଦ୍ଧା କୋଲାଘାଟ କୌଣସି ଗୋଲ ଦେଇ ନପାରିବାରୁ ମୟୂରଭଞ୍ଜ ଟିମ୍ ୧-୦ରେ ଗୋଲରେ ବିଜୟ ହାସଲ କରିଥିଲା। ଆଜିର ମ୍ୟାଚ୍‌ରେ ରାଜୁ ମହାନ୍ତି ଓ ଜ୍ୟୋତିରଂଜନ ସ୍ୱାଇଁ ରେଫେରି ଦାୟିତ୍ୱ ତୁଲାଇଥିବା ବେଳେ ମାନସ ବିଶ୍ୱାଳ ଓ ଉତ୍ତମ ବାରିକ ଲାଇନସମ୍ୟାନ ଭାବେ କାର୍ଯ୍ୟ ତୁଲାଇଥିଲେ। ଭାଷ୍ୟକାର ଭାବେ ଭାଗୀରଥି ପାତ୍ର ଓ ବୃଷଭାନୁ ମହାପାତ୍ର ଯୋଗଦେଇଥିଲେ। ଏହି ମ୍ୟାଚ୍‌କୁ ସୋର କଲେଜ ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସୋର ଷ୍ଟେଟବ୍ୟାଙ୍କ ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ନାୟକ, ଏସ୍‌ଆଇ ପ୍ରଭାକର ସାହୁ, ସମାଜସେବୀ ଏମ୍‌କେ ଖାଲିବ୍ ଉପସ୍ଥିତ ଥିଲେ। ଗୋଲଦେଇ ଦଳକୁ ବିଜୟୀ କରିଥିବା ଲୋଧା ସିଂକୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇ ସ୍ୱର୍ଗତ ନରେନ୍ଦ୍ର ପ୍ରସାଦ ରଣା ସ୍ମାରକୀ ସ୍ମୃତି ପ୍ରଦାନ କରାଯାଇଥିଲା। ଏହାକୁ ସୋର ଫୁଟବଲ ଆସୋସିଏସନ୍‌ର ସଭାପତି ଅଶୋକ କୁମାର ମହାନ୍ତି, ଉପସଭାପତି ବଙ୍ଗେଶ କୁମାର ବେହେରା ଏବଂ ରାଜେନ୍ଦ୍ର କୁମାର ମହାନ୍ତି,ଏବଂ ସଂପାଦକ ସୌମ୍ୟଶାନ୍ତ ଅମୃତ ପଟ୍ଟନାୟକ ଏବଂ ସହ ସଂପାଦକ ଫରିଦ ହୋସେନ, ଅବ୍‌ଦୁଲ ଉଦୁଦ ଖାନ, ମହେଶ୍ୱର ପତି, ମହେଶ୍ୱର ବେହେରା ଓ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ।



## ଡମପଡ଼ା ବ୍ଲକ ଯୁବ ବିଜେଡି ସଭାପତିଙ୍କ ଇସ୍ତଫା

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ଡମପଡ଼ା ବ୍ଲକ ଯୁବବିଜେଡି ସଭାପତି ଭାଗିରଥି ପାଣି ବୁଧବାର ସଭାପତି ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଶ୍ରୀ ପାଣି ବିଜୁ ଜନତାଦଳର ଜଣେ ଆଗଧାଡିର ନେତୃତ୍ୱ ନେଉଥିବା ବେଳେ ପୂର୍ବରୁ ରଗଡି ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ଭାବେ ବିପୁଳ ଭୋଟରେ ବିଜୟ ହୋଇଥିଲେ। ବର୍ତ୍ତମାନ ସେ ରଗଡି ପଞ୍ଚାୟତର ସମିତି ସଭ୍ୟ ଭାବେ କାର୍ଯ୍ୟରତ। ସେ ପୂର୍ବତନ ବିଧାୟକଙ୍କ ପ୍ରଭାତ ତ୍ରିପାଠୀଙ୍କ ଅତିଘନିଷ୍ଠ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ତାଙ୍କର ଆଗାମୀ ରାଜନୈତିକ ଚିତ୍ର କେଉଁ ଦଳକୁ ଯିବେ ତାହା ସମୟ କହିବ। ପଦ୍ମପୋଖରୀକୁ ଡେଇଁବେ କିମ୍ବା ହାତ ଧରିବେ ଆଗାମୀ ଦିନରେ ଜଣାପଡିବ। ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ତାଙ୍କର ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେବା ସହ ଏହାର ଏକକିତା ନକଲ ବିଧାୟକ ବାଙ୍କୀ, ରାଜ୍ୟ ଯୁବବିଜେଡି ସଭାପତି ଓଡ଼ିଶା, ଜିଲ୍ଲା ଯୁବବିଜେଡି ସଭାପତି ଓ ରାଜ୍ୟ ବିଜୁଜନତା ଦଳ ସଭାପତିଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି।

## ପାନୀୟ ଜଳ କମିଟି ଗଠନ ପାଇଁ ପରାମର୍ଶ

**ଗୋପ:ଏକ୍ସପ୍ରେସ୍ ନ୍ୟୁଜ୍**

ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ରୀୟ ଦଳ ପକ୍ଷରୁ ଗୋପ ପଞ୍ଚାୟତ ପରିଦର୍ଶନ। ଶୁଦ୍ଧ ପାନୀୟ ଜଳ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ତାହା ସଠିକ ରୂପେ ଲୋକଙ୍କ ପାଖରେ ପହଞ୍ଚିପାରୁଛି କି ନାହିଁ ସେଥିପାଇଁ ଗତ ରବିବାର ଦିନ କେନ୍ଦ୍ରୀୟ ଦଳଙ୍କର ଆଗମନ ହୋଇଥିଲା। ଗୋପ ପଞ୍ଚାୟତରେ ୩ଟି ଓଭର ହେଡ଼ ଟ୍ୟାଙ୍କ ନିର୍ମିତ ହୋଇଛି ଗୋଟିଏ ହେଲା ଗୋପ ନିଗମାନନ୍ଦ ସରକାରୀ ହାଇସ୍କୁଲ ପ୍ରାଙ୍ଗଣରେ ଦ୍ୱିତୀୟଟି କୁସୁପୁର ଏବଂ ତୃତୀୟଟି ହେଉଛି ବାୟାକୁଦା ଠାରେ ନିର୍ମିତ ହୋଇଛି। ସେଥିମଧ୍ୟରୁ ଗୋଟିଏ ଭଲ ଅବସ୍ଥାରେ ରହିଛି ତାହା ହେଉଛି ବାୟାକୁଦା ଠାରେ ଥିବା ପାଣି ଟାଙ୍କି। ଅନ୍ୟ ଦୁଇଟି ପାଣି ଟାଙ୍କିରୁ ନିର୍ଗତ ହେଉଥିବା ଜଳରମାନ କେବେ ନିରକ୍ଷଣ ହୋଇନାହିଁ କି ଉକ୍ତ ପରିବେଷ ମଧ୍ୟ ସ୍ୱଚ୍ଛତା ନଥିବା ହେତୁ ଗୋପ ବ୍ଲକ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଚତୁରତାର ସହିତ ବାୟାକୁଦାକୁ ହିଁ ବାଛିଥିଲେ। କେନ୍ଦ୍ରୀୟ ପାନୀୟ ଜଳ ଯୋଜନା ଅଧିକାରୀଙ୍କ ମୁଖ୍ୟ ଉଦ୍ଦେଶ୍ୟଟି ହେଉଛି ହର ଘର ଜଳ କିପରି ସ୍ୱଚ୍ଛ ଜଳ ପହଞ୍ଚି ପାରୁଛି କି ନାହିଁ ତାହାର ତଦାରଖ କରିବାପାଇଁ ଆସିଥିଲେ। ଏହାର ତଦାରଖ କରିବା ନିମନ୍ତେ ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ତତ୍କାଳୀନ ସରକାରଙ୍କ ସମୟରୁ ପାନୀୟ ଜଳର ସୁବିଧା ପାଇଁ ଏକ କମିଟି ଗଠିତ ହୋଇଥିଲା। ଏହାକୁ କାହିଁକି କାର୍ଯ୍ୟକାରୀ କରାଯାଇନଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଉଭୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ ସତ୍ତ୍ୱେ ଲୋକଙ୍କ ପାଖରେ ସଠିକ ସମୟରେ ସ୍ୱଚ୍ଛ ପାଣି ପହଞ୍ଚିପାରୁନି କାହିଁକି? ଯଦିଓ ଏହା ପୂର୍ବରୁ ସଂପୂର୍ଣ୍ଣ ମାଗଣାରେ ଯୋଗାଇଦେବାପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି ସତ କିନ୍ତୁ ଏବେ ଉପଭୋକ୍ତାଙ୍କ ଠାରୁ ମାସିକ କିଛି ଅର୍ଥ ଆଦାୟ କରାଯିବ ବୋଲି ଶୁଣିବାକୁ ମିଳୁଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଜଳ ମିଶନ କମିଟି ନିହାତି ଚାଲୁ ହେବା ଦରକାର ବୋଲି ବିଭାଗୀୟ ପ୍ରମୁଖ ଅଧିକାରୀ କହିଥିଲେ। ତେବେ ଯାଇ ପାନୀୟ ଜଳର ସମସ୍ୟା ଦୂର ହୋପାରିବ ସେଥିପାଇଁ ଲୋକମାନଙ୍କ ଦ୍ୱାରା ଗ୍ରାମ୍ୟ କମିଟି ମାଧ୍ୟମରେ ନିଜର ସମସ୍ୟା ସରକାରଙ୍କୁ ଜଣାଇବେ ଆଉ ସମସ୍ୟାର ସମାଧାନ ହୋଇପାରିବ। ଏଣୁ ଅଞ୍ଚଳବାସୀଙ୍କ ପକ୍ଷରୁ ଗୋପ ସୁରକ୍ଷା ମଞ୍ଚର ସଭାପତିଙ୍କ ଦାବି କି ତୁରନ୍ତ ଗୋପ ବ୍ଲକର ବିଡ଼ିଓ ସମସ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ଏକ ବୈଠକର ଆୟୋଜନ କରିବା ସହିତ କମିଟିକୁ କାର୍ଯ୍ୟକାରୀ କରାନ୍ତୁ।




**AFFIDAVIT**

I Samira Kuamr Rout, S/o-Pravakar Rout, resident of At-Mangarajpur, Po/Ps-Rajnagar, Dist-Kendrapara Odisha, Pin-754225-declare by this affidavit No. 73AA 897901, dated-12/11/2025 that now onwards I shall be known as SAMIRA KUMAR ROUT for all future purposes.


## ହାତୀ ସୁରକ୍ଷାରେ ରହିବେ ଗଜସାଥି

**ଭଞ୍ଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସ୍ଥିତ ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ବୁଧବାର ଗଜସାଥି ଦକ୍ଷତା ପ୍ରଶିକ୍ଷଣ ଶିବିର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ନୀଳାମ୍ବର ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ିଲେ ହାତୀ ମଣିଷ ଲଢେଇ କମିବ ବୋଲି କହିଥିଲେ। ଏଥିପାଇଁ ଗଜସାଥିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯେଉଁ ଗଜସାଥୀ ଉପଯୁକ୍ତ ସୂଚନା ଦେବେ ତାଙ୍କୁ ପୁରସ୍କାର ଦେବା ବ୍ୟବସ୍ଥା ଅଛି। ଏଥିସହ ଗଜସାଥିମାନେ ଗାଁକୁ ଗାଁ ବୁଲି ଶିକାର, ହୁକିଙ୍ଗ ଉପରେ ତଥ୍ୟ ସଂଗ୍ରହ କରିବେ। ଏହାପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ତଥ୍ୟ ପ୍ରଦାନ କରିବେ। ହାତୀମାନଙ୍କ ସୁରକ୍ଷା ପାଇଁ ସରକାର ଏସଓପି ଜାରି କରିଛନ୍ତି। ଏସଓପି ଆଧାରରେ ହାତୀଙ୍କ ସୁରକ୍ଷା କରାଯିବ ବୋଲି ଆରସିସିଏଫ କହିଥିଲେ। ଏହାକୁ ରୋକିବା ପାଇଁ ବନ କର୍ମଚାରୀ ଏକାକୀ ସମ୍ଭବପର ନୁହେଁ। ତେଣୁ ତାହାକୁ କଡାକଡି ଭାବେ ପାଳନ କରାଯିବ ବୋଲି ଆରସିସିଏଫ କହିଥିଲେ। ନୂଆ ଏସଓପି ଅନୁସାରେ ଦୁଇଜଣ ଗଜସାଥୀ ଗାଁକୁ ଯାଇ ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ କିମ୍ବା ଅନ୍ୟ ନେତାମାନଙ୍କୁ ଭେଟି ତଥ୍ୟ ସଂଗ୍ରହ କରିବେ। ଲୋକଙ୍କୁ ସଚେତନ କରାଇବେ। ଲୋକଙ୍କ ଫସଲ କ୍ଷତି ହେଲେ ଗଜସାଥିମାନେ ଚାଷୀଙ୍କୁ ସହଯୋଗ କରିବେ କି କିଭଳି ଫସଲ କ୍ଷତିପୂରଣ ମିଳିପାରିବ। ବିଭିନ୍ନ ସୂଚନା ଦେଲେ ସେମାନଙ୍କୁ ପ୍ରୋତ୍ସାହନ ରାଶି ମିଳିବ। ବନପାଳମାନେ ସାପ୍ତାହିକ ସମୀକ୍ଷା କରିବେ। ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାକୁ କର୍ମଚାରୀମାନେ ସମାଧାନ କରିବା ପାଇଁ ପଦକ୍ଷେପ ନେବେ। ଯାହା ବିଭାଗର କାମ ସଂପୃକ୍ତ ବିଭାଗ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ସମସ୍ୟାର ସମାଧାନ କରିବେ। ଏହାଦ୍ୱାରା ଲୋକଙ୍କ ସମସ୍ୟାର ସମାଧାନ ସହ ବିଭାଗ ପ୍ରତି ଲୋକଙ୍କ ବିଶ୍ୱାସ ବଢ଼ିବ। ଏଥିପ୍ରତି ଦୃଷ୍ଟି ଦେବାପାଇଁ ଆରସିସିଏଫ ଉପସ୍ଥିତ ଗଜସାଥି ଏବଂ କର୍ମଚାରୀଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ଡିଏଫଓ ହିମାଂଶୁ ଶେଖର ମହାନ୍ତି, ବନ୍ୟପ୍ରାଣୀ ନିର୍ଦ୍ଦେଶକ ଅବସରପ୍ରାପ୍ତ ଆଇଏଫଏସ ଅଧିକାରୀ ଅରୂପ ନାୟକ, ବାଲିଗୁଡା ଡିଏଫଓ ଘନଶ୍ୟାମ ମହାନ୍ତି , ସ୍ନେହା ନିର୍ଦ୍ଦେଶକ ରଞ୍ଜିତ ପଟ୍ଟନାୟକ ପ୍ରମୁଖ ଆଲୋଚନାର ଭାଗନେଇ ବନ୍ୟପ୍ରାଣୀ କିଭଳି ସୁରକ୍ଷିତ ରହିପାରିବ ସେ ଉପରେ କହିଥିଲେ। ମୁଜାଗଡ ରେଞ୍ଜର ବିମ୍ବାଧର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀ ରାଜ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ଲକ୍ଷ୍ମୀପ୍ରିୟା ମେକାପଙ୍କୁ ଶ୍ରେଷ୍ଠ ଏନଏସଏସ ପୁରସ୍କାର

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସ ଓ ମା' ରମାଦେବୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ଅବସରରେ ଅନୁଷ୍ଠିତ ହୋଇଥିବା ଉତ୍ସବରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଜାତୀୟସେବା ଯୋଜନାର (ଏନଏସଏସ) ସ୍ୱେଚ୍ଛାସେବୀ ଲକ୍ଷ୍ମୀପ୍ରିୟା ମେକାପ ବିଶ୍ୱବିଦ୍ୟାଳୟସ୍ତରୀୟ ଶ୍ରେଷ୍ଠ ଏନଏସଏସ ସ୍ୱେଚ୍ଛାସେବୀ-୨୦୨୫ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି। ଏହି ଦିବସରେ ସମ୍ମାନୀତ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ କ୍ରୀଡା ଏବଂ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟବକ୍ତା ଲେଖିକା ଓ ଅଧ୍ୟାପିକା ପ୍ରଫେସର ନିବେଦିତା ମହାନ୍ତି, ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ, ଏମଆରଡିସିପି (ନୋଡାଲ ଅଫିସର) ପ୍ରଫେସର ସୁଚେତା ପ୍ରିୟଦର୍ଶିନୀ, ନିର୍ଦ୍ଦେଶିକା ଓ ସିଡ଼ିସି (ନୋଡାଲ ଅଫିସର) ପ୍ରଫେସର ସସ୍ମିତା ମହାନ୍ତି, ରେଜିଷ୍ଟ୍ରାର୍ ମନସ୍ୱିନୀ ସାହୁ ଓ ଅନ୍ୟାନ୍ୟ ମହୋଦୟମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଲକ୍ଷ୍ମୀପ୍ରିୟାଙ୍କୁ ପୁରସ୍କାର ସ୍ୱରୂପ ମାନପତ୍ର, ମେଡାଲ ଓ ଅର୍ଥରାଶି ପ୍ରଦାନ କରିଥିଲେ। ସୂଚନାରୁ ଜଣାପଡିଛି ଲକ୍ଷ୍ମୀପ୍ରିୟା ନିଗମାନନ୍ଦ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗରେ ପାଠ ପଢ଼ିବା ସହିତ କଲେଜ ପରିସରରେ କାର୍ଯ୍ୟରତ ଏନଏସଏସ ସମସ୍ତ କାର୍ଯ୍ୟରେ ନେତୃତ୍ୱ ନେଉଥିଲେ। ବୃକ୍ଷ ରୋପଣ, ରକ୍ତଦାନ, ଜଳଛତ୍ର, ବ୍ୟାୟାମ, ସଫାଇ ଅଭିଯାନ, ଜନ ସଚେତନତା ଅଭିଯାନ ଭଳି ଏନଏସଏସ ବିଭିନ୍ନ ସାମାଜିକ କାର୍ଯ୍ୟରେ ଅଂଶ ଗ୍ରହଣ କରି ସମାଜକୁ ପ୍ରେରଣା ଯୋଗାଉଥିଲେ। ଗତ ମଇ ମାସରେ ସେ ରାଜ୍ୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର-୨୦୨୫ରେ ମଧ୍ୟ ଶ୍ରେଷ୍ଠ ଏନଏସଏସ ସ୍ୱେଚ୍ଛାସେବୀ ସମ୍ମାନରେ ଜୟଦେବ ଭବନରେ ସମ୍ମାନିତ ହୋଇଥିଲେ। ସେ ମହାବିଦ୍ୟାଳର ପ୍ରଥମ ଏନଏସଏସର ସ୍ୱେଚ୍ଛାସେବୀ ଯିଏ ଏନଏସଏସ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ହାସଲ କରି କଲେଜ ଇତିହାସରେ ନିଜର ଯାଗା ସୃଷ୍ଟି କରିଛନ୍ତି। ତାଙ୍କର ଏହି ସଫଳତାରେ କଲେଜ ପରିସରରେ ଆନନ୍ଦର ବାତାବରଣ ସୃଷ୍ଟି ହୋଇଯାଇଛି ଏବଂ ଅଧ୍ୟକ୍ଷା ମିତ୍ରା ମହାପାତ୍ର, ଏନଏସଏସ କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ମଧୁସ୍ମିତା ମହାପାତ୍ରଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଶୁଭେଚ୍ଛା ଜଣାଇବା ସହ ଲକ୍ଷ୍ମୀପ୍ରିୟା ନିଗମାନନ୍ଦ ମହାବିଦ୍ୟାଳୟର ଅନ୍ୟାନ୍ୟ ଛାତ୍ରୀମାନଙ୍କ ପାଇଁ ଏକ ପ୍ରେରଣା ଏବଂ ଆଦର୍ଶ ବୋଲି ବାର୍ତ୍ତା ଦେଇଛନ୍ତି।


**In the court of the motor Accidents claims Tribunal (Prl District Judge) AT. Khammam (Telangana state)**
**M.V.O.P No 14/2025**

**Between:**
**Perala. Sowjanya & others**
**.....claim Petitioners**
**v/s**
**K. Naga Phaneendra kumar @ Phaneendra @ Phani & others**
**..........Respondents**

**To,**
**Respondent No.2**
**V. G. Granites, mutu village. malkanjgiri (Dt) Odisha state**

**NOTICE**

Take / Notice that the above named claim Petitioners have filed the above O.P. against respondents Claiming compensation, the above case is stands posted on **09-12-2025** for your appearance.Therefore you are here by directed to appear before above Said Hon'ble Court on **09-12-2025** at about **10.30 AM** In person or through an Advocate without fail. Failing which the matter will be decided ex-parte against you.

**( By order of the court)**
**Sd/-Jammi. Venkateswarlu**
**R.Vasantha Rao**
Advocats
Khammam Telangana state,Ph:9848796263

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 4th December, 2025 Thursday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ହାତୀ ପେଟ ଅପରେସନ୍

ହେଲ୍‌ଥ



ଟନିକ୍

ଗୋଟିଏ ବଡ଼ ଦନ୍ତାହାତୀର ପେଟ ଗୋଳମାଳ ହେଲା। ଡାକ୍ତରମାନେ ପରୀକ୍ଷା ନିରୀକ୍ଷା କରି ଜାଣିପାରିଲେ ଯେ ହାତୀ ପେଟରେ ଅପରେସନ୍ କରିବାକୁ ପଡ଼ିବ। ୪/୫ଜଣ ଡାକ୍ତର ଏହି ଅପରେସନ୍ ପାଇଁ ପ୍ରସ୍ତୁତ ହେଲେ। ହାତୀର ପେଟ ଚିରି ଅପରେସନ୍ କରାଗଲା। ଅପରେସନ୍ ବି ସଫଳ ହେଲା। ଏବେ ହାତୀର ପେଟ ସିଲେଇ କରାଗଲା। ଏତିକି ବେଳକୁ ହଠାତ୍ ଜଣେ ଡାକ୍ତର ସିଷ୍ଟରକୁ ପଚାରିଲେ- ସିଷ୍ଟର, ଅପରେସନ୍ ପାଇଁ ଆସିଥିବା ସବୁ ଯନ୍ତ୍ରପାତି ବାହାରେ ଅଛି ତ? କିଛି ହାତୀ ପେଟରେ ରହିଯାଇନି ତ?

ସିଷ୍ଟର ଚାରିଆଡ଼କୁ ଅନେଇବା ପରେ କହିଲେ- ସାର୍, ଅପରେସନ୍ ପାଇଁ ଆସିଥିବା ସବୁ ଯନ୍ତ୍ରପାତି ବାହାରେ ଅଛି। କିନ୍ତୁ ଡାକ୍ତର ଗୁପ୍ତାଙ୍କୁ କାହିଁକି ଦେଖିବାକୁ ପାଉନି। ସିଏ କୁଆଡ଼େ ଗଲେ?

ଅପରେସନ୍ କରୁଥିବା ଡାକ୍ତର ଏବେ କହିଲେ- ଏ.....ହେ ଏବେ ସିଲେଇ ଖୋଲିବାକୁ ପଡ଼ିବ।

# ଅଫଲାଇନ ଟିକେଟ ପାଇଁ ସକାଳ ୬ରୁ ଧାଡ଼ି

**କଟକ,୩।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବାରବାଟୀ ଷ୍ଟାଡ଼ିୟମରେ ଡିସେମ୍ବର ୯ ରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି। ଅଫଲାଇନ ମାଧ୍ୟମରେ ଟିକେଟ ବିକ୍ରି ହେବା ପୂର୍ବରୁ ବୁଧବାର ଡିସିପି ଏହାର ସମୀକ୍ଷା କରିଛନ୍ତି। କାଉଣ୍ଟରରେ ୧୦ହଜାର ଟିକେଟ ବିକ୍ରି କରାଯିବ। ୫ ତାରିଖ ସକାଳ ୯ ଟାରୁ କାଉଣ୍ଟରରେ ସାଧାରଣ ଦର୍ଶକଙ୍କ ପାଇଁ ଟିକେଟ ବିକ୍ରି କରାଯିବ। କ୍ରିକେଟ ଏକାଡେମୀ ପଟୁ ପ୍ରବେଶପଥ ରହିବ ଏବଂ ପ୍ରସ୍ଥାନ ଗେଟ ସଂପୂର୍ଣ୍ଣ ଅଲଗା ରହିବ। ଡିସେମ୍ବର ୫ ତାରିଖ ସକାଳ ୯ ଟାରୁ ଟିକେଟ ବିକ୍ରି ଆରମ୍ଭ ହେବ। ତେଣୁ ସକାଳ ୬ଟାରୁ ସାଧାରଣ ଦର୍ଶକ ଧାଡ଼ିରେ ରହିବାକୁ ଅନୁମତି ରହିଛି। ଟିକେଟ କିଣିବା ପାଇଁ କେହି ପୂର୍ବରାତିରୁ ଧାଡ଼ିରେ ରହିପାରିବେ ନାହିଁ। କଳାବଜାରୀ ଉପରେ ସ୍ୱତନ୍ତ୍ର ଭାବେ ନଜର ରଖାଯିବ। ଏହାଛଡ଼ା ପୋଲିସ ବାହିନୀ ସାଧା ପୋଷାକରେ ମୁତୟନ ରହିବେ। ସିସିଟିଭି ସର୍ଭେଲାନ୍ସରେ ଟିକେଟ ବିକ୍ରି ପ୍ରକ୍ରିୟା କରାଯିବ। କମିଶନରେଟ ପୋଲିସ ଡିସେମ୍ବର ୪ ତାରିଖ ସନ୍ଧ୍ୟାରୁ ସେଠାରେ ଫୋର୍ସ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି। ମୋଟ ୪୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବାକୁ ଥିବା ବେଳେ ପ୍ରତି ସିଟିରେ ୨୮ ପ୍ଲାଟୁନ ଫୋର୍ସ ରହିବେ। ୬ ଜଣ ଏଡିସିପି, ୧୫ ଏସିପି, ୪୦ ଜଣ ଇନ୍ସପେକ୍ଟର, ୧୫୦ଜଣ ଏସଆଇ ଓ ଏଏସଆଇ ନିୟୋଜିତ ହେବେ। ପୋଲିସ ସହିତ ମେଡ଼ିକାଲ ଟିମ ଓ ଅଗ୍ନିଶମଟିମ ମଧ୍ୟ ନିୟୋଜିତ ହେବେ। ବକ୍ସିବଜାର ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଏକ ୬ ଜଣିଆ ଟିମ ନିୟୋଜିତ ହେବେ। ଏଥିରେ ଗୋଟିଏ ଅଗ୍ନିଶମ ଗାଡ଼ି ରହିବ। ହଜାର ହଜାର କ୍ରିକେଟ ପ୍ରେମୀ ଏକାଠି ହେବାକୁ ଥିବାବେଳେ, କୌଣସି ଅଘଟଣ ଏଡ଼ାଇବାକୁ ଉଭୟ ଅଗ୍ନିଶମ ଓ ଡାକ୍ତରୀ ଟିମ ସଜାଗ ରହିବା ନେଇ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।



# କୋହଲି-ଗାଏକ୍ୱାଡଙ୍କ ଶତକ ବୃଥା: ସିରିଜ୍ ୧-୧ରେ ବରାବର

**ରାୟପୁର,୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ବିଶାଳ ସ୍କୋର କରି ବି ପରାଜୟର ମୁହଁ ଦେଖିଛି ଭାରତ। ଦ୍ୱିତୀୟ ଦିନିକିଆକୁ ୪ ୱିକେଟ୍‌ରେ ଜିତି ଦକ୍ଷିଣ ଆଫ୍ରିକା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ ୧-୧ରେ ବରାବର କରିଛି। ଭାରତ ମାଟିରେ ସବୁଠୁ ବଡ ବିଜୟ ଲକ୍ଷ୍ୟ ହାସଲ କରି ଇତିହାସ ରଚିଛି ଦକ୍ଷିଣ ଆଫ୍ରିକା। ବିରାଟ କୋହଲି ଓ ଋତୁରାଜ ଗାଏକ୍ୱାଡଙ୍କ ଶତକ ବୃଥା ହୋଇଛି। ଏହା ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ୱିକେଟ୍ ହରାଇ ୩୫୮ ରନ କରିଥିଲା। ଯାହାକୁ ଭ୍ରମଣକାରୀ ଦଳ ୪୯.୨ ଓଭରରେ ୬ ୱିକେଟ୍ ହରାଇ ହାସଲ କରି ନେଇଛି। ଆଡନ ମାରକ୍ରମଙ୍କ ୧୧୦ ରନ ସହ ମାଥ୍ୟୁ ବ୍ରିଟଜକେ ଓ ଡିୱାଲ୍ଡ ବ୍ରେଭିସଙ୍କ ଅର୍ଦ୍ଧଶତକ ଦକ୍ଷିଣ ଆଫ୍ରିକାକୁ ବିଜୟୀ କରାଇଛି। ମ୍ୟାଚରେ ଭାରତର ବୋଲିଂ ନିଷ୍ପ୍ରଭ ରହିଛି। ସିରିଜର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଡିସେମ୍ବର ୬ରେ ବିଶାଖାପଟନମରେ ଖେଳାଯିବ। ୩୫୯ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଦକ୍ଷିଣ ଆଫ୍ରିକାକୁ ୨୬ ରନରେ ପ୍ରଥମ ଝଟକା ଲାଗିଥିଲା। କ୍ୱିଣ୍ଟନ ଡିକକ୍ (୮) ପୁଣି ଥରେ ନିରାଶ କରିଥିଲେ। ଏହା ପରେ ଆଡନ ମାରକ୍ରମ ଓ ଅଧିନାୟକ ଟେମ୍ବା ବାଭୁମା ଭାରତୀୟ ବୋଲରଙ୍କ ଉପରେ ପାଲଟା ଆକ୍ରମଣ କରିଥିଲେ। ଦୁଇ ବ୍ୟାଟର ଦ୍ୱିତୀୟ ୱିକେଟ୍ ପାଇଁ ୧୦୧ ରନ ଯୋଡିଥିଲେ। ଟେମ୍ବା ବାଭୁମା ୪୬ ରନର ଅଧିନାୟକତ୍ୱ ଇନିଂସ ଖେଳିଥିଲେ। ଗୋଟିଏ ପଟୁ ଆଡନ ମାରକ୍ରମ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ସେ ଏବଂ ମାଥ୍ୟୁ ବ୍ରିଟଜକେ ଦ୍ରୁତ ଗତିରେ ବ୍ୟାଟିଂ କରି ଦଳର ସ୍ଥିତି ମଜବୁତ କରିଥିଲେ। ଆଡନ ମାରକ୍ରମ ଦମଦାର ବ୍ୟାଟିଂ କରି ଦିନିକିଆ କ୍ୟାରିୟରରେ ଚତୁର୍ଥ ଶତକ ହାସଲ କରିଥିଲେ। ସେ ଓ ବ୍ରିଟଜକେ ୭୦ ରନ ଯୋଡିଥିଲେ। ମାରକ୍ରମ ୯୮ ବଲରୁ ୧୦ ଚୌକା ଓ ୪ ଛକା ସହ ୧୧୦ ରନ କରିଥିଲେ।

ଏହା ପରେ ପୁଣି ବ୍ରିଟଜକେ ଓ ଡିୱାଲ୍ଡ ବ୍ରେଭିସ ୯୨ ରନ ଯୋଡି ଦକ୍ଷିଣ ଆଫ୍ରିକାର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। ବିଶେଷ କରି ବ୍ରେଭିସ ଦ୍ରୁତ ବ୍ୟାଟିଂ କରି ୩୪ ବଲରୁ ୧ ଚୌକା ଏବଂ ୫ ଛକା ସହ ୫୪ ରନର ଇନିଂସ ଖେଳି ଦକ୍ଷିଣ ଆଫ୍ରିକାକୁ ବିଜୟର ନିକଟତର କରାଇଥିଲେ। ଏହା ପରେ କ୍ରିଜରେ ଜମିଥିବା ମାଥ୍ୟୁ ବ୍ରିଟଜକେଙ୍କୁ ଆଉଟ୍ କରି ମ୍ୟାଚରେ ଭାରତ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। ବ୍ରିଟଜକେ ୬୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। କୋର୍ବିନ ବୋଶ ୨୯ ରନ କରି ମ୍ୟାଚକୁ ଜିତାଇଛନ୍ତି। ଦକ୍ଷିଣ ଆଫ୍ରିକା ମ୍ୟାଚକୁ ୪ ୱିକେଟରେ ଜିତିବା ସହ ୩୫୯ ରନ କରି ଇତିହାସ ରଚିଛି।

ଟସ୍ ହାରି ବ୍ୟାଟିଂ କରିଥିବା ଭାରତର ଦୁଇ ଓପନର ରୋହିତ ଓ ଜୟସ୍ୱାଲ ୪୦ ରନ ଯୋଡିଥିଲେ। ରୋହିତ ୮ ବଲରୁ ୧୪ ରନ କରିଥିଲେ ହେଁ ବଡ ସ୍କୋର କରି ପାରି ନ ଥିଲେ। ଯଶସ୍ୱୀ ଜୟସ୍ୱାଲ ମିଳିଥିବା ସୁଯୋଗର ଫାଇଦା ଉଠାଇ ପାରି ନ ଥିଲେ। ସେ ୨୨ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ବିରାଟ କୋହଲି ଓ ଋତୁରାଜ ଗାଏକ୍ୱାଡ ଇନିଂସ ସମ୍ଭାଳିଥିଲେ। ଆଜି ଋତୁରାଜ ଗାଏକ୍ୱାଡ ଭଲ ଫର୍ମରେ ନଜର ଆସିଥିଲେ। ଦୁଇ ବ୍ୟାଟର ବିପକ୍ଷ ବୋଲରଙ୍କ ପ୍ରହାର କରି ନିଜର ଶତକ ପୂରଣ କରିଥିଲେ।

ଗାଏକ୍ୱାଡ ପ୍ରଥମ ଦିନିକିଆ ହାସଲ କରିଥିବା ବେଳେ କୋହଲି ସିରିଜରେ ଲଗାତାର ଦ୍ୱିତୀୟ ଶତକ ହାସଲ କରିଛନ୍ତି। କୋହଲିଙ୍କ ଏହା ୫୩ତମ ଦିନିକିଆ ଶତକ। ଦୁଇ ବ୍ୟାଟର ତୃତୀୟ ୱିକେଟରେ ୧୯୫ ରନ ଯୋଡି ଦଳର ସ୍କୋରକୁ ୨୫୭ ସ୍କୋରରେ ପହଞ୍ଚାଇଥିଲେ। ତେବେ ଶତକ ହାସଲ କରିବା ପରେ ପରେ ଦୁଇ ବ୍ୟାଟର ଅଳ୍ପ ବ୍ୟବଧାନରେ ଆଉଟ୍ ହୋଇଥିଲେ।

ଗାଏକ୍ୱାଡ ୮୩ ବଲରୁ ୧୨ ଚୌକା ଓ ୨ ଛକା ସହ ୧୦୫ ରନ କରିଥିଲେ। କୋହଲି ୯୩ ବଲରୁ ୭ ଚୌକା ଓ ୨ ଛକା ସହ ୧୦୨ ରନ କରିଥିଲେ। ଏହା ପରେ କେଏଲ ରାହୁଲ ପୁଣି ଥରେ ଅଧିନାୟକତ୍ୱ ଇନିଂସ ଖେଳିଛନ୍ତି। କ୍ରମାଗତ ଅର୍ଦ୍ଧଶତକ ହାସଲ କରି ୪୩ ବଲରୁ ୬ ଚୌକା ଓ ୨ ଛକା ସହ ୬୬ ରନର ଅପରାଜିତ ଇନିଂସ ଖେଳିଥିଲେ। ରବୀନ୍ଦ୍ର ଜାଡେଜା ୨୪ ରନ କରିଥିଲେ। ଭାରତ ୫ ୱିକେଟ୍ ହରାଇ ୩୫୮ ରନ କରିଥିଲା।



## ଓମଫେଡ୍ ଦୁଗ୍ଧରେ ଭିଟାମିନ୍ ମିଶୁଛି: ୨୫୦ ନୂଆ ଖୁଚୁରା କେନ୍ଦ୍ର ଖୋଲିବ

**ଭୁବନେଶ୍ୱର,୩।୧୨: ତଥ୍ୟ**

ଓମଫେଡ୍ ଦୁଗ୍ଧରେ ମାନଦଣ୍ଡ ଆଧାରରେ ଭିଟାମିନ୍ ଏ ଓ ଭିଟାମିନ୍ ଡି୨ ମିଶାଯାଏ। ଏହା ସହିତ ଏହି ଦୁଗ୍ଧରେ ସ୍କିମ୍ ମିଲ୍କ ପାଉଡର (ଏସଏମପି) କିମ୍ବା ହୋଲ ମିଲ୍କ ପାଉଡର (ଡବ୍ଲୁଏମପି) ମିଶାଯାଏ। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ। ଓମଫେଡ୍ ଦୁଗ୍ଧ ଉତ୍ପାଦନ ଓ ବିକ୍ରୟ ନେଇ ବିଧାୟକ ଚକ୍ରମଣି କହଁର ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ଓମଫେଡ୍ ମାଧ୍ୟମରେ ଦୈନିକ ହାରାହାରି ୫ଲକ୍ଷ ୧୪ହଜାର ଲିଟର ଦୁଗ୍ଧ ସଂଗ୍ରହ କରାଯାଉଛି ଓ ଦୈନିକ ପ୍ରାୟ ୪ଲକ୍ଷ ୧୪ହଜାର ଲିଟର ଦୁଗ୍ଧ ଓ ଦୁଗ୍ଧଜାତି ସାମଗ୍ରୀ ବିକ୍ରି ପାଇଁ ବଜାରକୁ ଛଡାଯାଉଛି। ୨୦୨୫-୨୬ ବର୍ଷରେ ଓମଫେଡ୍ ୨୫୦ଟି ନୂତନ ଖୁଚୁରା ବିକ୍ରିୟ କେନ୍ଦ୍ର ଓ ୧୦ଟି ଡିଷ୍ଟ୍ରିବ୍ୟୁଟର କାଉଣ୍ଟର ଖୋଲିବାପାଇଁ ପଦକ୍ଷେପ ନେଉଛି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଚାଷୀମାନଙ୍କ ଠାରୁ ଦୁଗ୍ଧ ସଂଗ୍ରହ ପରେ ଶୀତଳୀକରଣ କେନ୍ଦ୍ରରେ ଥଣ୍ଡାକରି ଟ୍ୟାଙ୍କର ମାଧ୍ୟମରେ ନିକଟସ୍ଥ ପ୍ଲାଣ୍ଟରେ ପହଞ୍ଚାଯାଇଥାଏ। ଦୁଗ୍ଧକୁ ଆବଶ୍ୟକତା ଅନୁଯାୟୀ ପ୍ରକ୍ରିୟାକରଣ ଓ ଷ୍ଟାଣ୍ଡାର୍ଡାଇଜ୍‌ଡ କରାଯାଏ। ଏଫ୍‌ଏସଏସଏଆଇ ମାନଦଣ୍ଡ ଅନୁଯାୟୀ ଟୋନଡ୍ ଦୁଗ୍ଧ ୩% ଘିଅ ଓ ୮.୫% ଛେନା ଅଂଶ ରଖାଯାଏ।




ଇଣ୍ଟରନ୍ୟାସନାଲ କୋପରେଟିଭ୍ ଆଲାଏନ୍ସ-ଏସିଆ ପାସିଫିକ୍ (ICA-AP) ଗବେଷଣା କମିଟିର ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବା ହରେକୃଷ୍ଣ ମିଶ୍ରଙ୍କୁ 'ରାଜ୍ୟ ସମବାୟ ନୀତି କମିଟି'ର ସଦସ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ଟି-୨୦ ସ୍କ୍ୱାଡକୁ ଫେରିଲେ ଗିଲ ଓ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ,୩।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ଟିକିଆ ଟି-୨୦ ସିରିଜ ପାଇଁ ଘୋଷଣା ହୋଇଛି ଭାରତୀୟ ସ୍କ୍ୱାଡ। ଆହତ ସମସ୍ୟା ଯୋଗୁ ଟେଷ୍ଟ ଓ ଦିନିକିଆ ସିରିଜରୁ ବାଦ ପଡିଥିବା ଦଳର ଉପ ଅଧିନାୟକ ଶୁବମନ ଗିଲ୍‌ଙ୍କ କମବ୍ୟାକ ହୋଇଛି। ସେହିପରି ଏସିଆ କପ ଫାଇନାଲ ପୂର୍ବରୁ ଆହତ ହୋଇଥିବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଭାରତୀୟ ଟି-୨୦ ସେଟଅପକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ଟି ଟି-୨୦ ମ୍ୟାଚ୍ ଖେଳାଯିବ। ଡିସେମ୍ବର ୯ରେ କଟକରେ ସିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ସେହିପରି ଡିସେମ୍ବର ୧୯ରେ ଗୁଜରାଟର ଅହମଦାବାଦରେ ଦୁଇ ଦଳ ଶେଷ ଟି-୨୦ ମ୍ୟାଚ ଖେଳିବେ।

ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଦଳ ଏହି ସିରିଜ ଖେଳିବାକୁ ଥିବା ବେଳେ ଗିଲ ଉପ ଅଧିନାୟକ ଭାବେ ନିଯୁକ୍ତି ପାଇଛନ୍ତି। କିନ୍ତୁ ତାଙ୍କ ଫିଟନେସ ଉପରେ ସବୁ କିଛି ନିର୍ଭର କରେ।

ବିସିସିଆଇ ସୂତ୍ରରେ କୁହାଯାଇଛି ଯେ "ଗିଲ ସଂପୂର୍ଣ୍ଣ ଭାବେ ସୁସ୍ଥ ହୋଇଛନ୍ତି। ସେ ଦଳକୁ ପୂର୍ବଭଳି ଉପ ଅଧିନାୟକ ଭାବେ କମବ୍ୟାକ କରିଛନ୍ତି। କିନ୍ତୁ ସେ ମ୍ୟାଚ୍ ଖେଳିବାକୁ କେତେ ଫିଟ ତାହା ଠିକଣା ସମୟରେ ହିଁ ଜଣାପଡିବ।" ଆସନ୍ତାବର୍ଷ ଫେବୃଆରୀରେ ଟି-୨୦ ବିଶ୍ୱକପ ଅନୁଷ୍ଠିତ ହେବ। ଏହାପୂର୍ବରୁ ଭାରତୀୟ ଟିମ ନିଜର ସବୁ ପ୍ରସ୍ତୁତି ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜରେ ଶେଷ କରିବାକୁ ଲକ୍ଷ୍ୟ ରଖିଛି। ଗିଲ ଓ ପାଣ୍ଡ୍ୟାଙ୍କ ସହ ଟି-୨୦ରେ ଯଶପ୍ରୀତ ବୁମ୍ରା ମଧ୍ୟ ରହିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ତାଙ୍କୁ ବିଶ୍ରାମ ଦିଆଯାଇଥିଲା। ବୁମ୍ରାଙ୍କ ବ୍ୟତୀତ ହର୍ଷିତ ରାଣା ଓ ଅର୍ଶଦୀପ ସିଂହ ମଧ୍ୟ ଦ୍ରୁତ ବୋଲର ଭାବେ ଦଳରେ ରହିଛନ୍ତି। ସ୍ପିନର ଭାବେ କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କୁ ସ୍କ୍ୱାଡରେ ରଖାଯାଇଛି। ତେବେ ଏସିଆ କପ ଫାଇନାଲରେ ବିଜୟ ଚୌକା ମାରିଥିବା ରିଙ୍କୁ ସିଂହ ୧୫ ଜଣିଆ ସ୍କ୍ୱାଡରେ ନାହାନ୍ତି। ଋଷଭ ପନ୍ତଙ୍କୁ ମଧ୍ୟ ଟି-୨୦ ସ୍କ୍ୱାଡରେ ରଖାଯାଇ ନାହିଁ। ୱିକେଟ କିପର ଭାବେ ସଞ୍ଜୁ ସାମସନଙ୍କ ସହ ଜିତେଶ ଶର୍ମା ରହିଛନ୍ତି।

**ଭାରତୀୟ ସ୍କ୍ୱାଡ:** ସୂର୍ଯ୍ୟ କୁମାର ଯାଦବ, ଶୁବମନ ଗିଲ(ଉପ ଅଧିନାୟକ), ଅଭିଷେକ ଶର୍ମା, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ସଞ୍ଜୁ ସାମସନ, ଯଶପ୍ରୀତ ବୁମ୍ରା, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ହର୍ଷିତ ରାଣା ଓ ୱାଶିଂଟନ ସୁନ୍ଦର।

# ୩ ବର୍ଷରେ ୨ ଲକ୍ଷ ତୀବ୍ର ଶ୍ୱାସକ୍ରିୟା ରୋଗରେ ପୀଡିତ: ବାୟୁ ପ୍ରଦୂଷଣ ମୁଖ୍ୟ କାରଣ

**ନୂଆଦିଲ୍ଲୀ,୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀରେ ବିଷାକ୍ତ ବାୟୁ ପ୍ରଦୂଷଣ ଲୋକଙ୍କ ଅବସ୍ଥା ଶୋଚନୀୟ କରି ଦେଲାଣି। ଦିଲ୍ଲୀବାସୀ ଶ୍ୱାସକ୍ରିୟା ଜନିତ ରୋଗରେ ପଡି ନାନା ହନ୍ତସନ୍ତ ହେଉଛନ୍ତି। ୨୦୨୨ରୁ ୨୦୨୪ ମଧ୍ୟରେ ଦିଲ୍ଲୀରେ ୨ ଲକ୍ଷରୁ ଅଧିକ ତୀବ୍ର ଶ୍ୱାସକ୍ରିୟା ରୋଗ (ଆକ୍ୟୁଟ ରେସପିରେଟୋରି ଇଲନେସ-ଏଆରଆଇ) ପୀଡିତ ଥିବା ସଦ୍ୟ ସରକାରୀ ତଥ୍ୟରୁ ଜଣାପଡିଛି। ଏଆରଆଇ ଯୋଗୁ ବର୍ତ୍ତମାନ ଦିଲ୍ଲୀ ହସ୍ପିଟାଲଗୁଡିକରେ ରୋଗୀଙ୍କର ନାହିଁ ନଥିବା ଭିଡ ଦେଖିବାକୁ ମିଳୁଛି। ସରକାରୀ ଡାଟା କହୁଛି ବର୍ତ୍ତମାନ ହଜାର ହଜାର ଏଆରଆଇ ରୋଗୀ ଆଡ୍‌ମିଶନ ହେବାକୁ ଚାହୁଁଛନ୍ତି। ରାଜ୍ୟସଭାରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଇବା ନେଇ ସାଂସଦ ଡକ୍ଟର ବିକ୍ରମଜିତ ସିଂହ ସାହନୀ ପ୍ରଶ୍ନ କରିବା ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରଖିଥିବା ଉତ୍ତରରୁ ଏହି ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ବାୟୁ ପ୍ରଦୂଷଣକୁ ଶ୍ୱାସକ୍ରିୟା ରୋଗ ପାଇଁ ଏକ ପ୍ରମୁଖ କାରକ ବୋଲି ମନ୍ତ୍ରଣାଳୟ କହିଛି। ମନ୍ତ୍ରୀ ପ୍ରତାପରାଓ ଯାଦବ କହିଛନ୍ତି ଯେ ସରକାର ଏକ ବୃହତ ଏବଂ ସୁଦୃଢ଼ ରୋଗ ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଜିନିଷଗୁଡ଼ିକ ଉପରେ କଡ଼ା ନଜର ରଖିଛନ୍ତି। ବାୟୁ ପ୍ରଦୂଷଣର ପ୍ରଭାବ ଏକାଧିକ ଦିଗକୁ ନେଇ ପଡୁଛି। ଯେମିତିକି ଖାଇବା ପିଇବାର ଅଭ୍ୟାସ, ବୃତ୍ତିଗତ ଅଭ୍ୟାସ, ସାମାଜିକ-ଆର୍ଥିକ ସ୍ଥିତି, ମେଡିକାଲ ହିଷ୍ଟ୍ରୀ, ରୋଗ ପ୍ରତିରୋଧକ ଶକ୍ତି, ବଂଶଗତ ସମସ୍ୟାକୁ ନେଇ ରୋଗ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଏଆରଆଇ ନେଇ ରାଜ୍ୟସଭାରେ ଯେଉଁ ତଥ୍ୟ ଦିଆଯାଇଛି, ଏହି ସଂଖ୍ୟା ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରରୁ ଆସିଛି। ଏହି ସଂସ୍ଥା କିଛି ନିରୀକ୍ଷଣ କରୁଥିବା ନିର୍ଦ୍ଦିଷ୍ଟ ହସ୍ପିଟାଲରୁ ପ୍ରଦୂଷଣ ସମ୍ବନ୍ଧୀୟ ରୋଗଗୁଡ଼ିର ତଥ୍ୟକୁ ଟ୍ରାକ୍ କରେ। ରାଜ୍ୟସଭାରେ ମନ୍ତ୍ରଣାଳୟ ଦେଇଥିବା ତଥ୍ୟ ଦିଲ୍ଲୀର ଏପରି ୬ଟି ସ୍ଥାନକୁ ଟ୍ରାକ୍ କରି ଦିଆଯାଇଛି। ଏହି ଅଧ୍ୟୟନରେ ହସ୍ପିଟାଲ୍‌ରେ ଜରୁରୀକାଳୀନ ବିଭାଗକୁ ଆସୁଥିବା ୩୩,୨୧୩ ଜଣ ରୋଗୀଙ୍କୁ ନିଆଯାଇଥିଲା ଯେଉଁଥିରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି।

## ପ୍ରଥମ ପୃଷ୍ଠାରୁ...

### ଡଲାର ତୁଳନାରେ...

ଫୋରେକ୍ସ ବ୍ୟବସାୟୀମାନେ କହିଛନ୍ତି ଯେ ବ୍ୟାଙ୍କଗୁଡ଼ିକ ଉଚ୍ଚ ସ୍ତରରେ ଆମେରିକୀୟ ଡଲାର କିଣିବା ଓ ବିଦେଶୀ ପୁଞ୍ଜି ପ୍ରବାହ ଜାରି ରଖିବା ଟଙ୍କା ଉପରେ ଚାପ ବୃଦ୍ଧି କରିଛି। ତଥାପି, ଡଲାରର ଦୁର୍ବଳତା ଓ ବିଶ୍ୱ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ଏହି ତୀବ୍ର ହ୍ରାସକୁ ପ୍ରଶମିତ କରିଛି। ପୂର୍ବରୁ ମଙ୍ଗଳବାର ଟଙ୍କା ୪୩ ପଇସା ହ୍ରାସ ପାଇ ଡଲାର ପ୍ରତି ସର୍ବକାଳୀନ ସର୍ବନିମ୍ନ ୮୯.୯୬ ରେ ବନ୍ଦ ହୋଇଥିଲା।

୨୦୨୫ ଆରମ୍ଭରୁ, ଭାରତୀୟ ମୁଦ୍ରା ଆମେରିକୀୟ ଡଲାର ତୁଳନାରେ ୫% ରୁ ଅଧିକ ହ୍ରାସ ପାଇଛି। ବାଣିଜ୍ୟ ଚୁକ୍ତିରେ ବିଳମ୍ବ, ବିଦେଶୀ ବଜାରରେ ବିକ୍ରୟ ଓ ଘରୋଇ ଅନିଶ୍ଚିତତା ମିଳିତ ଭାବରେ ଟଙ୍କାକୁ ଦୁର୍ବଳ କରିଛି। ବିଶେଷଜ୍ଞମାନେ ପୂର୍ବରୁ ଚେତାବନୀ ଦେଇଥିଲେ ଯେ ଡଲାରର ମୂଲ୍ୟ ଟଙ୍କା ତୁଳନାରେ ୯୦ ଅତିକ୍ରମ କରିପାରେ। କିନ୍ତୁ କେହି ଏତେ ତୀବ୍ର ହ୍ରାସ ଆଶା କରିନଥିଲେ।

ଅର୍ଥନୈତିକ ବିଶେଷଜ୍ଞଙ୍କ କହିବା କଥା କୌଣସି ଦେଶର ମୁଦ୍ରାରେ ଦ୍ରୁତ ହ୍ରାସ ଏହାର ଅର୍ଥନୀତି ପାଇଁ ଏକ ଭଲ ସଙ୍କେତ ନୁହେଁ। ଭାରତ ଭଳି ଦେଶରେ, ଯେଉଁଠାରେ ଏହାର ୮୦%ରୁ ଅଧିକ ଅଶୋଧିତ ତୈଳ ଆମଦାନୀ କରାଯାଏ, ଟଙ୍କାର ହ୍ରାସ ମୁଦ୍ରାସ୍ଫୀତିକୁ ତ୍ୱରାନ୍ୱିତ କରିବାର ଏକ ପ୍ରମୁଖ କାରଣ ହୋଇପାରେ। ଡଲାର ମହଙ୍ଗା ହେବା ସହିତ, ପେଟ୍ରୋଲ ଏବଂ ଡିଜେଲ କ୍ରୟ ପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେବ, ଯାହା ସିଧାସଳଖ ପରିବହନ, ଲଜିଷ୍ଟିକ୍ସ ଖର୍ଚ୍ଚ ଓ ଉପଭୋକ୍ତା ସାମଗ୍ରୀର ମୂଲ୍ୟକୁ ପ୍ରଭାବିତ କରିବ।

### ଏଣିକି ଥିଲାବାଲାଙ୍କ...

ବିଶେଷକରି 'ଓଡିଶା ଜୁଆ ନିବାରଣ ଆଇନ-୧୯୫୫'କୁ ଏହି ଜନବିଶ୍ୱାସ ବିଲରେ ସାମିଲ କରିଥିବାରୁ ଏହା ବୁମେରାଂ ହୋଇପାରେ। କାରଣ ରାଜ୍ୟରେ ଜୁଆ ଖେଳରେ ଧରା ପଡୁଥିବା ଅଧିକାଂଶ ଲୋକ ଗରିବ କିମ୍ବା ନିମ୍ନ-ମଧ୍ୟବିତ୍ତ ଶ୍ରେଣୀର ହୋଇଥାନ୍ତି। ପ୍ରାବଧାନ ଅନୁସାରେ ଜୋରିମାନା ପରିମାଣକୁ ୧୦୦ଟଙ୍କାରୁ ୨୫ହଜାର ଟଙ୍କା ଓ ହଜାର ଟଙ୍କାକୁ ୭୫ହଜାର ଟଙ୍କାକୁ ବୃଦ୍ଧି କରାଯିବା ଦ୍ୱାରା ଗରିବ ଲୋକଟି ପକ୍ଷେ ଏହାକୁ ପ୍ରଦାନ କରିବା କଷ୍ଟକର ହେବ। ଯାହା ସେମାନଙ୍କ ପାଇଁ ଏକ ବଡ ଆର୍ଥିକ ବୋଝ ସୃଷ୍ଟି କରିବ।

ପୂର୍ବରୁ ଜେଲ୍ ଦଣ୍ଡର ଭୟ ଲୋକଙ୍କୁ ଏପରି କାମରୁ ବିରତ ରଖୁଥିଲା। ଏବେ ଜେଲଦଣ୍ଡ ଉଠିଯିବା ପରେ କେବଳ ଅର୍ଥ ଦଣ୍ଡ ବ୍ୟବସ୍ଥା ଧନୀ ଶ୍ରେଣୀର ଲୋକଙ୍କୁ ଏହି ଅପରାଧ କରିବାକୁ ଅଧିକ ପ୍ରୋତ୍ସାହିତ କରିପାରେ। ଏହି ପରିବର୍ତ୍ତନ ଫଳରେ ଆଇନର ସମାନତା ଉପରେ ପ୍ରଶ୍ନ ଉଠିବାର ସମ୍ଭାବନା ରହିଛି। ଯେଉଁ ଅପରାଧ ପାଇଁ ଜଣେ ଧନୀ ବ୍ୟକ୍ତି ୭୫ ହଜାର ଟଙ୍କା ଦେଇ ସହଜରେ ଜେଲରୁ ବର୍ତ୍ତିଯିବ, ସେହି ଅପରାଧ ପାଇଁ ଜଣେ ଗରିବ ବ୍ୟକ୍ତି ଜୋରିମାନା ନଦେଇପାରିଲେ ତା'ର ଭବିଷ୍ୟତ କ'ଣ ହେବ, ସେ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଏହା ନ୍ୟାୟ ପ୍ରଦାନରେ ଧନୀ ଏବଂ ଗରିବ ମଧ୍ୟରେ ଏକ ବଡ ଫାଟ ସୃଷ୍ଟି ହେବାର ଆଶଙ୍କା ରହିଛି। ଜୋରିମାନା ରାଶିକୁ ଅତ୍ୟଧିକ ବଢ଼ାଇ ଦିଆଯିବା ଫଳରେ ସାଧାରଣ ଲୋକେ ଆଇନର ଦୁରୁପଯୋଗର ଶିକାର ହେବାର ସମ୍ଭାବନା ରହିଛି।

### ଫେବୃଆରୀ ୧୮...

ଚଳିତ ବର୍ଷ କଳାରେ ୨,୫୬,୦୪୩ ଛାତ୍ରଛାତ୍ରୀ, ବିଜ୍ଞାନରେ ୧,୧୪,୫୨୩୮, ବାଣିଜ୍ୟରେ ୨୪,୫୩୩ ଛାତ୍ରଛାତ୍ରୀ ଓ ଧନ୍ଦାମୂଳକ ପରୀକ୍ଷା ପାଇଁ ୫,୯୨୩ ଛାତ୍ରଛାତ୍ରୀ ଫର୍ମଫିଲପ୍ କରିଛନ୍ତି। ରାଜ୍ୟବ୍ୟାପୀ ୩୦ଟି ଜିଲ୍ଲାରେ ୧୩୫୦ ପରୀକ୍ଷା କେନ୍ଦ୍ର ପାଇଁ ଯୋଜନା ଅଛି। ଆବଶ୍ୟକ ଅନୁସାରେ ଏଥିରୁ ଅଳ୍ପ କିଛି ପରିବର୍ତ୍ତନ ହୋଇପାରେ।

ଆସନ୍ତା ୧୫ ତାରିଖ ଠାରୁ ଛାତ୍ରଛାତ୍ରୀଙ୍କ ପାଇଁ ଆଡମିଟ କାର୍ଡ ଜାରି କରାଯିବ। ସେହିପରି ପ୍ରାକ୍ଟିକାଲ ପରୀକ୍ଷା ଜାନୁଆରି ୨ ତାରିଖ ଠାରୁ ଆରମ୍ଭ କରାଯାଇ ୧୫ ତାରିଖ ପର୍ଯ୍ୟନ୍ତ ଶେଷ କରାଯିବ। ଗତବର୍ଷ ଗୁଡିକରେ ଯେମିତି ପରୀକ୍ଷା ହେଉଥିଲା, ଚଳିତ ବର୍ଷ ମଧ୍ୟ ସେହିଭଳି ପଦକ୍ଷେପ ନିଆଯାଇଛି। ଗତଥର ପରୀକ୍ଷା କ୍ଷେତ୍ରରେ ଆମେ ସ୍ୱଚ୍ଛତା ଆଣିପାରିଥିଲୁ। ପୂର୍ବରୁ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ସ୍କ୍ୱାର୍ଡ ରହୁଥିଲେ। ଏଥର ତାହାକୁ ୨ଟି କରିଦିଆଯାଇଛି।

### ବର୍ଷକରେ ବିଜେପିକୁ...

କର୍ପୋରେଟ ସମୂହଙ୍କ ଚାନ୍ଦା ମଧ୍ୟ ରହିଛି। ନିର୍ବାଚନ ଆୟୋଗ ଏହା ବି କହିଛନ୍ତି ଯେ କଂଗ୍ରେସ ପାର୍ଟିର ବରିଷ୍ଠ ନେତା ପି. ଚିଦାମ୍ବରମ କଂଗ୍ରେସକୁ ଚାନ୍ଦାରେ ୩ କୋଟି ଟଙ୍କା ଦେଇଛନ୍ତି। ସେହିପରି ନ୍ୟୁ ଡେମୋକ୍ରାଟିକ୍ ଇଲେକ୍ଟୋରାଲ ଟ୍ରଷ୍ଟ ଓ ପ୍ରୋଗ୍ରେସିଭ ଇଲୋକ୍ଟୋରାଲ ଟ୍ରଷ୍ଟ ମଧ୍ୟ କଂଗ୍ରେସ ପାର୍ଟି ପାଣ୍ଠିକୁ ଚାନ୍ଦା ଦେଇଛନ୍ତି।

ସେହିପରି ଏହି ଅବଧିରେ ପଶ୍ଚିମବଙ୍ଗର ତୃଣମୂଳକଂଗ୍ରେସ (ଟିଏମସି) ୧୮୪.୫ କୋଟି ଟଙ୍କା ଚାନ୍ଦା ମିଳିଛି ଯେଉଁଥିରେ ନିର୍ବାଚନୀ ଟ୍ରଷ୍ଟରୁ ମିଳିଥିବା ୧୫୩ କୋଟି ଟଙ୍କା ମଧ୍ୟ ସାମିଲ।

### ୩ ଯବାନ...

ଅପରେସନ ଜାରି ରହିଛି। ବସ୍ତର ଆଇଜି ପି ସୁନ୍ଦରରାଜ କହିଛନ୍ତି, ଡିଆରଜି ଦନ୍ତେୱାଡା-ବିଜାପୁର, ଏସଟିଏଫ୍, ସିଆରପିଏଫ୍ ଏବଂ କୋବ୍ରା ଟିମର ଯୁଗ୍ମ ଅପରେସନରେ ବିଜାପୁର-ଦନ୍ତେୱାଡା ଭିତରେ ଜିଲ୍ଲା ସୀମାରେ ପଶ୍ଚିମ ବସ୍ତର କ୍ଷେତରେ ୭ଜଣ ନକ୍ସଲ ନିପାତ ହୋଇଛନ୍ତି। କର୍ତ୍ତବ୍ୟରତ ଦୁଇ ଜଣ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ଜଣେ ଯବାନ ଆହତ ହୋଇଛନ୍ତି।

### ମାଧୁରୀ ନେଇଛନ୍ତି...

ତାଙ୍କ ପାଇଁ ଯିବା ଆସିବା ଫ୍ଲାଇଟ ଟିକେଟ, ରହିବା ଏବଂ ଖାଇବା ବ୍ୟବସ୍ଥା କରାଯାଇଛି। ଓଡିଶା ହସ୍ତତନ୍ତର ଚାହିଦାକୁ ଆନ୍ତର୍ଜାତୀୟ ବଜାରରେ ବ୍ୟାପକ କରିବା ପାଇଁ, ବିଶ୍ୱ ସ୍ତରରେ ଖ୍ୟାତି ସମ୍ପର୍ଣ୍ଣ ବଲିଉଡ ଅଭିନେତ୍ରୀ ମାଧୁରୀ ଦିକ୍ଷୀତ ନେନେଙ୍କୁ ଓଡିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ର ଭାବେ ନିଯୁକ୍ତି କରାଯାଇଛି। ଯାହା ଦ୍ୱାରା ଓଡିଶାର ପାରମ୍ପରିକ ହସ୍ତତନ୍ତ କଳା ଓ ସୁନାମ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚା ଯାଇପାରିବ ଏବଂ ଓଡିଶାର ବୁଣାକାର ମାନଙ୍କର ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ।

# ନୂଆ ମଦ କାରଖାନା କମାଇବ ମଦ ଆମଦାନି

**ଭୁବନେଶ୍ୱର,୩।୧୨**
**ତଥ୍ୟ**

ମଦୁଆଙ୍କ ଚାହିଦା ମେଣ୍ଟାଇବା ପାଇଁ ଓଡ଼ିଶା ଏବେ ବାହାରୁ ବାର୍ଷିକ ୩ କୋଟି ଲିଟରରୁ ଅଧିକ ମଦ ଆମଦାନି କରୁଛି। ଓଡ଼ିଶା ସରକାର ତିନୋଟି ନୂଆ ମଦ କାରଖାନା ପ୍ରତିଷ୍ଠା କରିବା ଲାଗି ଯେଉଁ ଯୋଜନା ରଖିଛନ୍ତି ତାହା କାର୍ଯ୍ୟକାରୀ ହେଲେ ଅନ୍ତତଃପକ୍ଷେ ମଦ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହୋଇପାରିବ ବୋଲି ଆଶା କରାଯାଉଛି।



ଏଠାରେ ଉଲ୍ଲେଖନୀୟ ଯେ ଗତ ୫ବର୍ଷ ଭିତରେ ଓଡ଼ିଶାର ମଦ ଆବଶ୍ୟକତା ସରକାରୀ ଲାଇସେନ୍ସପ୍ରାପ୍ତ ସଂସ୍ଥାଗୁଡ଼ିକ ପାଇଁ ପ୍ରାୟ ଦୁଇଗଣ ବଢ଼ିଛି। ୨୦୨୦-୨୧ ବର୍ଷରେ ଏଥିପାଇଁ ରାଜ୍ୟ ଭିତରୁ ଓ ବାହାରୁ ପ୍ରାୟ ୨୦ କୋଟି ଲିଟର ବିଶୁଦ୍ଧ ମଦ ସଂଗ୍ରହ କରାଯାଇଥିବାବେଳେ ୨୦୨୪-୨୫ ବର୍ଷରେ ଏହାର ପରିମାଣ ୪୦ କୋଟି ଲିଟରକୁ ଟପିଥିବା ସରକାରୀ ସୂତ୍ର କହୁଛି। ରାଜ୍ୟ ବିଧାନସଭାରେ ଖୋଦ୍ ଅବକାରୀ ମନ୍ତ୍ରୀ ଦେଇଥିବା ପରିସଂଖ୍ୟାନରୁ ଏହା ଜଣାପଡିଛି।

୨୦୨୦-୨୧ ବର୍ଷରେ ଓଡ଼ିଶାରେ ୫୪୩.୩୨ ଲକ୍ଷ ବଲକ୍ ଲିଟର ଭରାତ ତିଆରି ବିଦେଶୀ ମଦ ବିକ୍ରି ହୋଇଥିଲା। ଏଥିରୁ ରାଜ୍ୟ ବାହାରୁ ୩୦.୪୫ ଲକ୍ଷ ବଲକ୍ ଲିଟର ଆମଦାନି କରାଯାଇଥିଲା। ସେହିଭଳି ଉକ୍ତ ବର୍ଷରେ ଓଡ଼ିଶାରେ ୪୭୧.୧୧ ଲକ୍ଷ ବଲକ୍ ଲିଟର ବିଅର ବିକ୍ରୟ ହୋଇଥିବାବେଳେ ସେଥିରୁ ବି ୮୩.୨୫ ଲକ୍ଷ ବଲକ୍ ଲିଟର ବାହାରୁ ଆମଦାନି ହୋଇଛି। ତେବେ ଉକ୍ତ ବର୍ଷରେ ଲାଇସେନ୍ସ ପ୍ରାପ୍ତ ଦୋକାନଗୁଡ଼ିକ ମାଧ୍ୟମରେ ୮୨.୫୩ ଲକ୍ଷ ବଲକ୍ ଲିଟର ଦେଶୀ ମଦ ଓ ୯୦୯.୮ଲକ୍ଷ ବଲକ୍ ଲିଟର ବାହାର ଭାଟି ମଦ ମଧ୍ୟ ବିକ୍ରୟ କରାଯାଇଛି। ମୋଟାମୋଟି ଭାବେ ଉକ୍ତ ବର୍ଷରେ ରାଜ୍ୟରେ ୨୦୦୬.୭୬ ଲକ୍ଷ ବଲକ୍ ଲିଟର ମଦ ବିକ୍ରୟ କରାଯାଇଛି।

ମଦ ଓ ଅନ୍ୟାନ୍ୟ ନିଶାର କାରବାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବାରୁ ତାହା ରାଜ୍ୟ ପାଇଁ ବିନାସର କାରଣ ହେଉଛି। ଓଡ଼ିଶା ସରକାର ଏହି ସମସ୍ୟାର ନିରାକରଣ ପାଇଁ 'ନିଶା ନୁହେଁ ଜୀବନ ଚାହୁଁ' ଅଭିଯାନ ମାଧ୍ୟମରେ ବିପୁଳ ଅର୍ଥ ବ୍ୟୟରେ ଜନସଚେତନତା ସୃଷ୍ଟି କରୁଥିବା ସରକାର କହୁଛନ୍ତି। ଏହାଛଡ଼ା ନିଶାମୁକ୍ତ ଭାରତ ଅଭିଯାନରେ କେନ୍ଦ୍ର ସରକାର ଓଡ଼ିଶାର ୩୦ଟି ଯାକ ଜିଲ୍ଲାକୁ ସାମିଲ କରି ମ୍ନ ନିଶାମୁକ୍ତି ଅଭିଯାନ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ଅଭିଯାନ ଚାଲିଥିବାବେଳେ ରାଜ୍ୟରେ ମଦ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ଚୋରା ଓ ସରକାରୀ ଲାଇସେନ୍ସପ୍ରାପ୍ତ କାରବାର ବଢ଼ିବଢ଼ି ଚାଲିଛି। ମଦ ଦୋକାନୀମାନଙ୍କୁ ଦିଆଯାଉଥିବା ସର୍ବନିମ୍ନ ଗ୍ୟାରେଣ୍ଟି କୋଟାରୁ ଏହା ସ୍ପଷ୍ଟ ପ୍ରତୀୟମାନ ହେଉଛି।

ସରକାରୀ ତଥ୍ୟ ମୁତାବକ ଓଡ଼ିଶାରେ ଲାଇସେନ୍ସପ୍ରାପ୍ତ ଦୋକାନଗୁଡ଼ିକରେ ମଦ ବିକ୍ରୟ କିନ୍ତୁ ବଢୁଛି। ୨୦୨୩-୨୪ ବର୍ଷରେ ୩୬୮୫.୫୬ଲକ୍ଷ ବଲକ୍ ଲିଟର ମଦ ସରକାରୀ ସ୍ୱୀକୃତିପ୍ରାପ୍ତ ଆଉଟ୍‌ଲେଟ୍‌ଗୁଡ଼ିକ ମାଧ୍ୟମରେ ବିକ୍ରୟ ହୋଇଛି। ୨୦୨୪-୨୫ବର୍ଷରେ କିନ୍ତୁ ଏହାର ପରିମାଣ ବୃଦ୍ଧି ପାଇ ୪୦୧୭.୦୭ ଲକ୍ଷ ବଲକ୍ ଲିଟରରେ ପହଞ୍ଚିଛି।

୨୦୨୪-୨୫ ବର୍ଷରେ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନଗୁଡ଼ିକ ମାଧ୍ୟମରେ ୮୪୦.୩ଲକ୍ଷ ବଲକ୍ ଲିଟର ଭାରତ ତିଆରି ବିଦେଶୀ ମଦ ବିକ୍ରୟ ହୋଇଥିବା ବେଳେ ସେଥିରୁ ୬୩.୭୮ଲକ୍ଷ ବଲକ୍ ଲିଟର ବାହାରୁ ଆମଦାନି କରାଯାଇଛି। ସେହିଭଳି ଉକ୍ତ ବର୍ଷରେ ଓଡ଼ିଶାରେ ୧୬୬୮.୭୭ଲକ୍ଷ ବଲକ୍ ଲିଟର ବିଅର ବିକ୍ରୟ କରାଯାଇଥିବାବେଳେ ସେଥିରୁ ୨୪୬.୩୩ଲକ୍ଷ ବଲକ୍ ଲିଟର ବାହାରୁ ଅଣାଯାଇଛି। ଏହାଛଡ଼ା ଉକ୍ତ ବର୍ଷରେ ଆମ ରାଜ୍ୟରେ ୧୮୩.୨୮ ଲକ୍ଷ ବଲକ୍ ଲିଟର ଦେଶୀମଦ ଓ ୧୩୧୪.୭୨ ଲକ୍ଷ ବଲକ୍ ଲିଟର ବାହାର ଭାଟି ମଦ ମଧ୍ୟ କାରବାର ହୋଇଛି। ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନଗୁଡ଼ିକରେ ଯେତେ ବିଶୁଦ୍ଧ ତଥା ଆଇନ୍ ସମ୍ମତ ମଦ ବିକ୍ରୟ ହେଉଛି ଚୋରା ମଦ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ପରିମାଣ ତାହାଠାରୁ ଅଧିକ ହେବ ବୋଲି ମଦମୁକ୍ତି ଅଭିଯାନ ସହ ଜଡ଼ିତ କର୍ମୀମାନେ କ୍ଷୋଭର ସହ କହୁଛନ୍ତି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ